ବର୍ଷ-୨୪, ସଂଖ୍ୟା-୨୦୪
ଭୁବନେଶ୍ୱର
୨୪ ଅଗଷ୍ଟ, ୨୦୨୪ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 204
Bhubaneswar
24 August, 2024, Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ଅଡୁଆରେ କଙ୍ଗନାଙ୍କ 'ଏମରଜେନ୍ସି', ବ୍ୟାନ୍ ଦାବି

# ଜେଲେନସ୍କିଙ୍କୁ ସାନ୍ତ୍ୱନା ଦେଲେ ମୋଦୀ

ନୂଆଦିଲ୍ଲୀ, ୨୩।୮ (ମହାଭାରତ): ଯୁଦ୍ଧରେ ଛାରଖାର ହୋଇ ଯାଇଥିବା ୟୁକ୍ରେନ ଗସ୍ତରେ ଅଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଆଜି ପ୍ରଧାନମନ୍ତ୍ରୀ ୟୁକ୍ରେନ ରାଜଧାନୀ କିଭରେ ପହଞ୍ଚିବା ପରେ ରାଷ୍ଟ୍ରପତି ଭ୍ଲୋଡିମିର ଜେଲେନସ୍କି ତାଙ୍କୁ ସ୍ୱାଗତ କରିଛନ୍ତି। ଏହି ସମୟରେ ଦୁଇ ରାଷ୍ଟ୍ର ନେତା କରମର୍ଦ୍ଦନ କରିବା ସହ ଆଲିଙ୍ଗନ କରିଥିବା ଦେଖିବାକୁ ମିଳିଛି।

ଏହାପରେ ମୋଦି ଓ ଜେଲେନସ୍କି ଦେଶର ଶହୀଦ ସ୍ମାରକୀ ପରିଭ୍ରମଣ କରିଛନ୍ତି। ଜେଲେନସ୍କି ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଯୁଦ୍ଧରେ ପ୍ରାଣ ହରାଇଥିବା ଛୋଟ ପିଲାମାନଙ୍କ ସ୍ମୃତି ବୁଲି ଦେଖାଇଥିଲେ। ଏହି ସମୟରେ ପ୍ରଧାନମନ୍ତ୍ରୀ ମୋଦି ଜେଲେନସ୍କିଙ୍କ କାନ୍ଧରେ ହାତ ପକାଇ ତାଙ୍କୁ ସାନ୍ତ୍ୱନା ଦେଉଥିବା ଦେଖିବାକୁ ମିଳୁଛି।

ଏହାପରେ ପ୍ରଧାନମନ୍ତ୍ରୀ ମୋଦି ୟୁକ୍ରେନରେ ଥିବା ଭାରତୀୟମାନଙ୍କୁ ଭେଟିଛନ୍ତି। ପ୍ରବାସୀ ଭାରତୀୟମାନେ ପ୍ରଧାନମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ମଧ୍ୟ ସେମାନଙ୍କୁ ସେଠାକାରେ ସ୍ଥିତି ବାବଦରେ ପଚାରି ବୁଝିଛନ୍ତି। ରୁଷ-ୟୁକ୍ରେନ ଯୁଦ୍ଧ ପରଠାରୁ ଏହା ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଥମ ୟୁକ୍ରେନ ଗସ୍ତ।ସେହିପରି



୧୯୯୧ରେ ୟୁକ୍ରେନ ସ୍ୱାଧୀନତା ପାଇବା ପରେ ପ୍ରଥମ କରି ଭାରତୀୟ ପ୍ରଧାନମନ୍ତ୍ରୀ ଭାବରେ ନରେନ୍ଦ୍ର ମୋଦି ୟୁକ୍ରେନ ଗସ୍ତ କରିଛନ୍ତି। ତାଙ୍କ ପୂର୍ବରୁ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀ ୟୁକ୍ରେନ ଗସ୍ତ କରିନଥିଲେ।

ଗତମାସ ମଧ୍ୟ ପ୍ରଧାନମନ୍ତ୍ରୀ ମୋଦି ରୁଷ୍ ଗସ୍ତ କରିଥିଲେ। ଏହି ଅବସରରେ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ହୋଇଥିଲା।ଏହାକୁ ନେଇ ଆମେରିକା ସମେତ କିଛି ପାଶ୍ଚାତ୍ୟ ଦେଶ ଭାରତକୁ ସମାଲୋଚନା କରିଥିଲେ। ଏହାପରେ ପୋଲାଣ୍ଡ ପ୍ରଧାନମନ୍ତ୍ରୀ ଡୋନାଲ୍ଡ ଟସ୍କ ଓ ୟୁକ୍ରେନର ରାଷ୍ଟ୍ରପତି ଜେଲେନସ୍କି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିମନ୍ତ୍ରଣ କରିଥିଲେ। ଦୁଇ ରାଷ୍ଟ୍ରନେତାଙ୍କ ନିମନ୍ତ୍ରଣ ରକ୍ଷା କରି ପ୍ରଧାନମନ୍ତ୍ରୀ ମୋଦି ଦୁଇ ଦେଶକୁ ଗସ୍ତ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ଗତକାଲି ପୋଲାଣ୍ଡ ଗସ୍ତ ସାରିବା ପରେ ଆଜି ୟୁକ୍ରେନରେ ପହଞ୍ଚିଛନ୍ତି। ରୁଷ-ୟୁକ୍ରେନ ଯୁଦ୍ଧର ସମାଧାନ ପାଇଁ ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ତଥା ଗଠନମୂଳକ ଭୂମିକା ଗ୍ରହଣ କରିପାରିବ ବୋଲି ପୋଲାଣ୍ଡ ପ୍ରଧାନମନ୍ତ୍ରୀ ଡୋନାଲ୍ଡ ଟସ୍କ କହିଛନ୍ତି। ତେବେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଏହି ଗସ୍ତ କେତେ ସଫଳ ହେଉଛି ତା ଉପରେ ସମଗ୍ର ବିଶ୍ୱର ନଜର।

## ୧୪ ଦିନିଆ ଜେଲ ହାଜତକୁ ଗଲା ସଞ୍ଜୟ

କୋଲକାତା, ୨୩।୮ (ମହାଭାରତ); କୋଲକାତା ଦୁଷ୍କର୍ମ ଓ ହତ୍ୟା ଘଟଣାର ଅଭିଯୁକ୍ତ ସଞ୍ଜୟ ରୟର ରିମାଣ୍ଡ ଅବଧି ଶେଷ ହେବା ପରେ ତା'କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। କୋଲକାତାର ଗୋଟିଏ କୋର୍ଟ ତା'କୁ ୧୪ ଦିନ ପାଇଁ ଆଜି ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି।



ଗିରଫ ପରେ ସିବିଆଇ ହେପାଜତରେ ଥିବା ସଞ୍ଜୟକୁ ଆଜି କଡ଼ା ସୁରକ୍ଷା ବଳୟ ମଧ୍ୟରେ ସେଆଲଦା ସିଭିଲ ଓ କ୍ରିମିନାଲ କୋର୍ଟକୁ ଅଣାଯାଇଥିଲା। ସିବିଆଇ ରିମାଣ୍ଡ ପାଇଁ ଆବେଦନ ନ କରିବାକୁ କୋର୍ଟ ତା'କୁ ଜେଲ ହାଜତକୁ ପଠାଇଛନ୍ତି।

ଅନ୍ୟପକ୍ଷରେ କୋଲକାତାରେ ଥିବା ଗୋଟିଏ ସ୍ୱତନ୍ତ୍ର କୋର୍ଟ ସଞ୍ଜୟ ରୟର ମିଛ ଧରା ପରୀକ୍ଷା କରିବାକୁ ମଧ୍ୟ ସିବିଆଇକୁ ଅନୁମତି ଦେଇଛନ୍ତି। ପଲିଗ୍ରାଫ ଟେଷ୍ଟର ତଥ୍ୟ କୋର୍ଟରେ ଗ୍ରହଣୀୟ ନୁହେଁ। କିନ୍ତୁ ପଲିଗ୍ରାଫର ସ୍ୱୀକାରୋକ୍ତି ତଦନ୍ତକାରୀ ସଂସ୍ଥାକୁ ସହାୟତା କରିଥାଏ। ଅଗଷ୍ଟ ୯ ତାରିଖରେ ଆର ଜି କର ମେଡିକାଲ କଲେଜ ଓ ହସ୍ପିଟାଲର ସେମିନାର ରୁମରେ ସଞ୍ଜୟ ର। ଜଣେ ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ପରେ ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତଦେହ ମିଳିବାର ୧୨ ଘଣ୍ଟା ମଧ୍ୟରେ ପୁଲିସ୍ ସଞ୍ଜୟକୁ ଗିରଫ କରିଥିଲା। ଘଟଣାକୁ ନେଇ ପୂରା ଦେଶରେ ବିକ୍ଷୋଭ ହେବାରୁ କଲିକତା ହାଇକୋର୍ଟ ସିବିଆଇକୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସିବିଆଇ କୋଲକାତା ପୁଲିସ୍ ଠାରୁ ତଦନ୍ତ ଦାୟିତ୍ୱ ନେବା ସହ ସଞ୍ଜୟକୁ ଜେରା କରିଥିଲା।

# ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ବିଜେଡିର ହଙ୍ଗାମା



ଭୁବନେଶ୍ୱର, ୨୩।୮ (ମହାଭାରତ): ବିଧାନସଭା ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟର ପ୍ରଥମ ଦିନରୁ ବିରୋଧୀଙ୍କ ହଟ୍ଟଗୋଳ ପାଇଁ ଗୃହ ସ୍ୱାଭାବିକ ହୋଇପାରୁନାହିଁ। ବିରୋଧୀ ବିଜେଡି ଚିକିଟି ମଦ ମୃତ୍ୟୁ, କଂଗ୍ରେସ ପୋଲାଭରମ, ଇତି ପ୍ରମୁଖ ପ୍ରସଙ୍ଗରେ ଗୃହରେ ନାରାବାଜି କରୁଥିବାର ଚାରି ଦିନ ହେଲା ଗୃହ ସରଗରମ ହେଉଛି। ତେବେ ଆଜି ଅବକାରୀ ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ବିଧାନସଭାରେ ପ୍ରବଳ ହଙ୍ଗାମା ଦେଖିବାକୁ ମିଳିଛି। ବାଚସ୍ପତି ସୁରମା ପାଢୀଙ୍କ ଆଗରେ ବିଜେଡି ବିଧାୟକ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିଛନ୍ତି। ଜଣେ ମହିଳା ବାଚସ୍ପତିଙ୍କ ପୋଡିୟମ୍ ଦଖଲ କରିବାକୁ ବିଜେଡି ବିଧାୟକ ଆଜି ଉଦ୍ୟମ କରିଥିବା ଦେଖିବାକୁ ମିଳିଛି।

ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ବିଜେଡି ସଦସ୍ୟ ଗୃହ ମଧ୍ୟଭାଗକୁ ଆସି ପ୍ରବଳ ହଟ୍ଟଗୋଳ ଓ ହୋହଲ୍ଲା କରିଥିଲେ। ବିଜେଡିର ୨ ବିଧାୟକ ବାଚସ୍ପତିଙ୍କ ପୋଡ଼ିୟମ ଉପରେ ଚିବାକୁ ଉଦ୍ୟମ କରିଥିଲେ। ଏଥିସହ ସେମାନେ ବାଚସ୍ପତିଙ୍କ ମାଇକ୍ ଭାଙ୍ଗିବାକୁ ଚେଷ୍ଟା କରିଥିଲେ। ଏହାକୁ ରୋକିବାକୁ ଯାଇ ବିଧାନସଭାରେ ଉପସ୍ଥିତ ମାର୍ଶଲଙ୍କ ସହ ସେମାନଙ୍କର ଧସ୍ତାଧସ୍ତି ବି ହୋଇଛି।

ଅବକାରୀ ମନ୍ତ୍ରୀଙ୍କ ଇସ୍ତଫା ଦାବି କରି ସୋର ବିଧାୟକ ମାଧବ ଧଡ଼ା ଓ ଦେବଗଡ଼ ବିଧାୟକ ରୋମାଞ୍ଚ ବିଶ୍ୱାଳ ପୋଡିୟମ୍ ଚିବାକୁ ଉଦ୍ୟମ କରିଥିଲେ। ଏଥିସହ ବାଚସ୍ପତିଙ୍କ ସିଟ୍ ପାଖକୁ ଯିବାକୁ ମଧ୍ୟ ସେମାନେ ଉଦ୍ୟମ କରିଥିଲେ। ସେହିଭଳି ଆଉ କିଛି ବିଜେଡି ବିଧାୟକ ସିଡ଼ି ବାଟ ଦେଇ ବାଚସ୍ପତିଙ୍କ ପୋଡିୟମ ଉପରକୁ ଚଢିବାକୁ ଚେଷ୍ଟା କରିଥିଲେ। ତେବେ ସେଠାରେ ଉପସ୍ଥିତ ମାର୍ଶଲ ସେମାନଙ୍କୁ ଅଟକାଇଥିଲେ।

ବିଜେଡି ବିଧାୟକ ମାଧବ ଧଡ଼ା କହିଛନ୍ତି, ଗଣତାନ୍ତ୍ରିକ ଉପାୟରେ ଆମେ ଗୃହକୁ ବନ୍ଦ କରିବାକୁ ଚାହିଁଥିଲୁ। କିନ୍ତୁ ବାଚସ୍ପତି ଗୃହକୁ ବନ୍ଦ କଲେ ନାହିଁ। ତେଣୁ ଆମେ ଯାହା କରିଛୁ ଗଣତାନ୍ତ୍ରିକ ଭାବେ କରିଛୁ, ସୀମା ବାହାରକୁ ଯାଇ କିଛି କରିନୁ। କାରଣ ଆମ ଦଳ ସବୁବେଳେ ମା'କୁ ସମ୍ମାନ ଦେଇ ଆସୁଛି।

ଜବାବରେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ କହିଛନ୍ତି, ବିରୋଧୀ ମହିଳା ବାଚସ୍ପତିଙ୍କୁ ସମ୍ମାନ ଦେବା ଶିଖିନାହାନ୍ତି। ପୋଡ଼ିୟମ ଉପରକୁ ଉଠି ବିରୋଧୀ ଦଳର ବିଧାୟକମାନେ ଯେଉଁପରି ଭାବେ ଆଚରଣ ପ୍ରଦର୍ଶନ କଲେ ତାହା ଖୁବ୍ ନିନ୍ଦନୀୟ। ଏହା ନିନ୍ଦନୀୟ କଥା ବୋଲି ସେ କହିଛନ୍ତି। ସତ୍ୟର ସାମ୍ନା କରିବାକୁ ବିରୋଧୀ ଡରୁଛନ୍ତି ବୋଲି ସେ କହିଛନ୍ତି। ୨୪ ବର୍ଷ ଧରି ସେମାନେ ଦୁର୍ନୀତିରେ ଉବୁଟୁବୁ ହେଉଥିଲେ। ଏବେ ପର୍ଦ୍ଦାଫାସ ହେବା ବେଳକୁ ଆଲୋଚନାକୁ ଡରୁଛନ୍ତି। ଗୃହରେ ହୋହଲ୍ଲା କରୁଛନ୍ତି। ବିରୋଧୀଙ୍କ ଏପରି ଆଚରଣ ଗଣତନ୍ତ୍ରରେ ଆଦୌ ଶୋଭନୀୟ ନୁହେଁ।

କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି, ସବୁ ଜିଲ୍ଲାରେ ମଦ ବନ୍ୟା ଚାଲିଛି। ଚିକିଟି ମଦ ମୃତ୍ୟୁ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ସରକାରଙ୍କ ନିଦ ତୁରନ୍ତ ନ ଭାଙ୍ଗିଲେ ଆଗାମୀ ଦିନରେ ପରିସ୍ଥିତି ଭୟାବହ ହେବ। ତେଣୁ ମନ୍ତ୍ରୀ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେବା କଥା।

# ସୁଭଦ୍ରା ପାଇଁ ଆସିଲା ଏସ୍ଓପି

ଭୁବନେଶ୍ୱର, ୨୩।୮ (ମହାଭାରତ): ରାଜ୍ୟ ସରକାରଙ୍କ ନୂଆ ଯୋଜନା ସୁଭଦ୍ରା ପାଇଁ ଆସିଛି ଏସଓପି। ରାଜ୍ୟର ମହିଳାମାନଙ୍କୁ ବର୍ଷକୁ ୧୦ହଜାର ଟଙ୍କା ଲେଖାଏଁ ହାତଖର୍ଚ୍ଚ ରାଜ୍ୟ ସରକାର ଯୋଗାଇଦେବେ। ପ୍ରତିବର୍ଷ ରାକ୍ଷୀ ପୂର୍ଣ୍ଣିମା ଓ ମହିଳା ଦିବସରେ ୨ଟି କିସ୍ତିରେ ଏହି ଟଙ୍କା ମହିଳାଙ୍କ ବ୍ୟାଙ୍କ ଆକାଉଂଟକୁ ଯିବ। ରାଜ୍ୟର ୨୧ବର୍ଷରୁ ଅଧିକ ଓ ୬୦ବର୍ଷରୁ କମ୍ ସମସ୍ତ ଯୋଗ୍ୟ ମହିଳାମାନେ ଏହି ଟଙ୍କା ପାଇପାରିବେ। ଆର୍ଥିକ ସ୍ୱଚ୍ଛଳ ବର୍ଗର ମହିଳା, ସରକାରୀ ଚାକିରି କରୁଥିବା ମହିଳା ଓ ଆୟକର ପ୍ରଦାନ କରୁଥିବା ମହିଳାମାନେ ଏଥିରୁ ବାଦ୍ ପଡିବେ। ପ୍ରାୟ ଏକ କୋଟିରୁ ଅଧିକ ମହିଳା ବର୍ଷକୁ ଏହି ୧୦ହଜାର ଟଙ୍କା ଲେଖାଏଁ ହାତଖର୍ଚ୍ଚ ଚଳିତ ଆର୍ଥିକ ବର୍ଷରୁ ପାଇବେ। ରାଜ୍ୟ କ୍ୟାବିନେଟର ମଞ୍ଜୁରୀ ମିଳିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ବିଧାନସଭାରେ ଏହି ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ 'ସୁଭଦ୍ରା' ଯୋଜନା ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ଅଗଷ୍ଟ ୨୨ତାରିଖରେ ରାଜ୍ୟ କ୍ୟାବିନେଟ୍ ବୈଠକରେ 'ସୁଭଦ୍ରା' ଯୋଜନାକୁ ଚଳିତ ୨୦୨୪-୨୫ ଆର୍ଥିକ ବର୍ଷରୁ ୨୦୨୮-୨୯ ଆର୍ଥିକ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯିବା ନେଇ ନିଷ୍ପତି ହୋଇଛି।୨୦୨୮-୨୯ ମସିହା ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବାକୁ ଥିବା ଏହି ଯୋଜନା ପାଇଁ ମୋଟ ୫୫୮୨୫ କୋଟିର ବଜେଟ୍ ଧାର୍ଯ୍ୟ ହୋଇଛି।



## ଆର୍ଥିକ ସ୍ୱଚ୍ଛଳ ବର୍ଗର ମହିଳା ପାଇବେନି ସୁଭଦ୍ରା ସହାୟତା

## ପ୍ରତିବର୍ଷ ୨ଥର, ୫ ବର୍ଷ ପର୍ଯ୍ୟନ୍ତ ଦିଆଯିବ ସହାୟତା ରାଶି

## ୨୧ରୁ ୬୦ ବର୍ଷ ମହିଳା ଉଠାଇପାରିବେ ଲାଭ

ଆର୍ଥିକ ସ୍ୱଚ୍ଛଳ ବର୍ଗର ମହିଳା, ସରକାରୀ ଚାକିରି କରୁଥିବା ମହିଳା ଓ ଆୟକର ପ୍ରଦାନ କରୁଥିବା ମହିଳମାନଙ୍କୁ ଏହି ଯୋଜନାରୁ ବାଦ୍ ଦିଆଯିବ। ସେହିପରି କୌଣସି ଯୋଜନାରେ ଯଦି କେହି ମହିଳା ମାସିକ ୧୫୦୦ଟଙ୍କା ଅବା ତଦୁର୍ଦ୍ଧ୍ୱ ସହାୟତା ଅବା ବାର୍ଷିକ ୧୮ହଜାର ଟଙ୍କାରୁ ଅଧିକ ସହାୟତା ରାଶି ପାଉଥିବେ ତା'ହେଲେ ସେ ସୁଭଦ୍ରା ଯୋଜନା ପାଇଁ ଯୋଗ୍ୟ ବିବେଚିତ ହେବେନାହିଁ।


ପ୍ରତ୍ୟେକ ହିତାଧିକାରୀଙ୍କୁ ରାକ୍ଷୀ ପୂର୍ଣ୍ଣିମା ଓ ଆନ୍ତର୍ଜାତିକ ମହିଳା ଦିବସରେ ୫ହଜାର ଟଙ୍କା ଲେଖାଏଁ ବାର୍ଷିକ ୧୦ହଜାର ଟଙ୍କା ପ୍ରଦାନ କରାଯିବ। ତେଣୁ ୫ବର୍ଷରେ ଜଣେ ଯୋଗ୍ୟ ମହିଳା ହିତାଧିକାରୀ ମୋଟ ୫୦ହଜାର ଟଙ୍କା ପାଇବେ। ସହାୟତା ପ୍ରଦାନରେ ସ୍ୱଚ୍ଛତା ଆଣିବା ପାଇଁ ଆଧାର ପେମେଂଟ ବ୍ରିଜ୍ ସିଷ୍ଟମ(ଏପିବିଏସ) ମାଧ୍ୟମରେ ଯୋଗ୍ୟ ହିତାଧିକାରୀଙ୍କ ଡିବିଟି ବ୍ୟାଙ୍କ ଆକାଉଂଟକୁ ସିଧାସଳଖ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯିବ। ଏହାସହିତ ହିତାଧିକାରୀମାନଙ୍କୁ 'ସୁଭଦ୍ରା' ଡେବିଟ୍ କାର୍ଡ ମଧ୍ୟ ପ୍ରଦାନ କରାଯିବ। ସେହିପରି ଡିଜିଟାଲ କାରାବାରକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟର ପ୍ରତ୍ୟେକ ପଂଚାୟତ ଓ ସହରାଂଚଳରେ ସର୍ବାଧିକ ପରିମାଣର ଡିଜିଟାଲ କାରବାର କରିଥିବା ୧୦୦ଜଣ ହିତାଧିକାରୀଙ୍କୁ ଚିହ୍ନଟ କରି ଅତିରିକ୍ତ ୫୦୦ଟଙ୍କା ପ୍ରୋତ୍ସାହନ ରାଶି ଦିଆଯିବ। ଏହି ଯୋଜନାରେ ସାମିଲ ହେବା ପାଇଁ ମହିଳମାନେ ଅଙ୍ଗନବାଡ଼ି କେନ୍ଦ୍ର, ବ୍ଲକ କାର୍ଯ୍ୟାଳୟ, ମୋ ସେବା କେନ୍ଦ୍ର, ଜନସେବା କେନ୍ଦ୍ର ଆଦିରେ ମାଗଣାରେ ଉପଲବ୍ଧ ଫର୍ମ ପୂରଣ କରି ଆବେଦନ କରିପାରିବେ। ସୁଭଦ୍ରା ଯୋଜନା ପାଇଁ ଏକ କଲ୍ ସେଂଟର ମଧ୍ୟ କାର୍ଯ୍ୟକ୍ଷମ ହେବ।

## ନଦୀକୁ ଖସିଲା ବସ୍, ୨୭ ମୃତ

ଭୁବନେଶ୍ୱର, ୨୩।୮ (ମହାଭାରତ.): ନେପାଳରେ ଆଜି ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ୪୦ ଭାରତୀୟ ଯାତ୍ରୀଙ୍କୁ ଧରି ଯାଉଥିବା ଏକ ବସ୍ ନଦୀକୁ ଖସି ପଡ଼ିଥିବା ଜଣାଯାଇଛି। ଏହି ଦୁର୍ଘଟଣାରେ ୨୭ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୩ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ପ୍ରାୟ ୪୦ ଭାରତୀୟ ଯାତ୍ରୀ ପୋଖରାର ଏକ ରିସର୍ଟରେ ଥିଲେ। ସେମାନଙ୍କୁ ଧରି ବସଟି ପୋଖରାରୁ କାଠମାଣ୍ଡୁ ଅଭିମୁଖେ ଯାଉଥିଲା। ମାତ୍ର ଡ୍ରାଇଭରଜଣକ ଭାରସାମ୍ୟ ହରାଇବାରୁ ବସ୍‌ଟି ମାର୍ସାଙ୍ଗଗଡ଼ି ନଦୀକୁ ଖସି ପଡ଼ିଥିଲା। ଖବର ପାଇ ନେପାଳ ପ୍ରଶାସନ ପକ୍ଷରୁ ତୁରନ୍ତ ଉଦ୍ଧାର କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ ଆରମ୍ଭ କରା ଯାଇଥିଲା।

## ଓଏସ୍ଆରଟିସି ଚିଫ୍ ଆକାଉଣ୍ଟଙ୍କ ଘରେ ପଶିଲା ଭିଜିଲାନ୍ସ

ଭୁବନେଶ୍ୱର, ୨୩।୮ (ମହାଭାରତ): ଦିନକୁ ଦିନ ଭିଜିଲାନ୍ସ ଚଢ଼ାଉ ଜୋରଦାର ହେଉଛି। ଗତକାଲି ଢେଙ୍କାନାଳ କୁବେର ରେଞ୍ଜରଙ୍କ ଘରେ ଚଢ଼ାଉ କରାଯାଇଥିବାବେଳେ ଆଜି ଚିଫ୍ ଆକାଉଣ୍ଟ ଅଫିସରଙ୍କ ଘରେ ପଶିଲା ଭିଜିଲାନ୍ସ। ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଓଏସ୍ଆରଟିସି ଚିଫ୍ ଆକାଉଣ୍ଟ ଅଫିସର ବିଜୟ ମଙ୍ଗରାଜଙ୍କ ଘରେ ଆଜି ଭିଜିଲାନ୍ସ ଚଢ଼ାଉ କରିଛି। ଭୁବନେଶ୍ୱରର ୬ଟି ଓ ବାରିପଦାର ଗୋଟିଏ ସ୍ଥାନରେ ଚଢ଼ାଉ କରାଯାଇଛି। ଭୁବନେଶ୍ୱର ଭିଜିଲାନ୍ସ ସ୍ପେଶାଲ ଜଜଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ଏହି ଚାଉ କରାଯାଇଛି। ଭୁବନେଶ୍ୱର ନନ୍ଦନ ବିହାର ସ୍ଥିତ ଆପାର୍ଟମେଣ୍ଟରେ



ଥିବା ଫ୍ଲାଟ, ପଳାଶୁଣୀରେ ଥିବା ଦୁଇଟି ଦୁଇମହଲା କୋଠା,ବାରିପଦା ଷ୍ଟେସନ ରୋଡରେ ଥିବା ଘର, ଭୁବନେଶ୍ୱର ଓଏସ୍ଆରଟିସି ଅଫିସ ଚ୍ୟାମ୍ବର, ଖାରବେଳ ଭବନରେ ଥିବା କାର୍ଯ୍ୟାଳୟ, ଭୁବନେଶ୍ୱର ଇଡ୍‌କୋ ଟାୱାରରେ ଥିବା ଅଫିସରେ ଚଢ଼ାଉ କରାଯାଇଛି। ବିଜୟ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗ ହୋଇଥିଲା। ଭିଜିଲାନ୍ସ ତଦନ୍ତ କରି ଆଜି ସକାଳେ ଚାଉ କରିଥିଲା। ଏହି ଚାଉରେ ୮ ଜଣ ଡିଏସ୍‌ପି, ୮ଜଣ ଇନ୍ସପେକ୍ଟରଙ୍କ ସମେତ ଅନ୍ୟ ଅଧିକାରୀ ସାମିଲ ହୋଇଛନ୍ତି।

## କୁବେର ରେଞ୍ଜର ଗିରଫ

ଭୁବନେଶ୍ୱର, ୨୩।୮ (ମହାଭାରତ): କୁବେର ଢେଙ୍କାନାଳ ସଦର ରେଞ୍ଜର ବିଭୁଦାନନ୍ଦ ମିଶ୍ରଙ୍କୁ ବାନ୍ଧିଲା ପୁଲିସ। ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ତାଙ୍କୁ ଗିରଫ କରିଛି। ସେ ଆୟଠାରୁ ଅଧିକ ସମ୍ପତ୍ତି ଠୁଳ କରିଥିବା ନେଇ ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ଗତକାଲି ରେଞ୍ଜରଙ୍କ ପୈତୃକ ଘର ସମେତ ୮ଟି ସ୍ଥାନରେ ଚାଉ କରିଥିଲା ଭିଜିଲାନ୍ସ। ଚଢ଼ାଉ ବେଳେ ରେଞ୍ଜରଙ୍କ ଭୁବନେଶ୍ୱରରେ ଗୋଟିଏ, ହାଇଦ୍ରାବାଦରେ ୨ଟି କୋଠା, ଭୁବନେଶ୍ୱର ଓ ଢେଙ୍କାନାଳରେ ରେଞ୍ଜରଙ୍କ ୮ଟି ଫ୍ଲାଟ୍ ଠାବ କରାଯାଇଥିଲା। ସେହିପରି ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବ୍ୟାଙ୍କ ଜମା, ନଗଦ ୫.୧୫ ଲକ୍ଷ ଟଙ୍କା ଓ ୫୫୭ ଗ୍ରାମର ସୁନା ଅଳଙ୍କାର ମଧ୍ୟ ଜବତ କରିଥିଲା ଭିଜିଲାନ୍ସ। ଏଥିସହ ରେଞ୍ଜରଙ୍କର ଆଠଗଡ଼ରେ ୨ କୋଟି ଟଙ୍କା ମୂଲ୍ୟର ଫାର୍ମ ହାଉସ ଠାବ କରିଥିଲା ଭିଜିଲାନ୍ସ। ପାର୍କଠୁ ବଡ଼ ଏହି ଫାର୍ମ ହାଉସକୁ ଅତି ସୁନ୍ଦର ଭାବେ ସଜାଯାଇଥିଲା।ଫାର୍ମ ହାଉସରେ ଥିଲେ ମୟୂର, ଠେକୁଆ, ଶୁଆ। ଓ ବତକ ଭଳି ଅନେକ ଜୀବଜନ୍ତୁ।

## ୱାକଫ ସଂଶୋଧିତ ବିଲକୁ ଜେଡିୟୁର ବିରୋଧ

ନୂଆଦିଲ୍ଲୀ, ୨୩।୮ (ମହାଭାରତ): ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଜେଡିୟୁ ଆଜି କେନ୍ଦ୍ର ସରକାର ଆଣିଥିବା ୱାକଫ ସଂଶୋଧିତ ବିଲ ବିରୋଧରେ ମତ ରଖିଛି। ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାରରେ ଜେଡିୟୁ ସହଯୋଗୀ ଦଳ ଭାବେ କାର୍ଯ୍ୟ କରୁଛି। ତଥାପି କେନ୍ଦ୍ର ଆଣିଥିବା ବିଲ ବିରୋଧରେ ବିଜେପିର ତୃତୀୟ ସହଯୋଗୀ ଦଳ ଭାବେ ଜେଡିୟୁ ସ୍ୱର ଉଠାଇଛି।

ଏହାପୂର୍ବରୁ ବିଜେପି ସହ ମିଶି ସରକାର ଗଠନ କରିଥିବା ଚିରାଗ ପାଶ୍ୱାନଙ୍କ ଲୋକ ଜନଶକ୍ତି (ରାମ ବିଳାଶ) ଓ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁଙ୍କ ଟିଡିପି ମଧ୍ୟ ୱାକଫ ବିଲ୍‌କୁ ବିରୋଧ କରିଥିଲା।ବିହାର ମୁଖ୍ୟମନ୍ତ୍ରୀଙ୍କ ଦଳ ଜେଡିୟୁର ଚାହୁଁଛି ଯେ ମୁସଲିମମାନଙ୍କ ସ୍ୱାର୍ଥକୁ ଅଧିକ ସୁରକ୍ଷିତ କରିବା ପାଇଁ ପ୍ରସ୍ତାବିତ ଆଇନରେ ପରିବର୍ତ୍ତନ ହେଉ। ଆସନ୍ତାବର୍ଷ ବିହାରରେ ବିଧାନସଭା ନିର୍ବାଚନ ହେବ। ରାଜ୍ୟରେ ମୁସଲିମ ଜନସଂଖ୍ୟା ହେଉଛି ୧୮%। ତେଣୁ ପ୍ରାରମ୍ଭିକ ସମର୍ଥନ ପରେ ଏବେ ଜେଡିୟୁ ବିଲକୁ ନାଲି ପତାକା ଦେଖାଇଥିବା କୁହାଯାଉଛି। ଜେଡିୟୁ ସାଂସଦ ରାଜୀବ ରଞ୍ଜନ ଲୋକସଭାରେ ବିଲ୍ ଉପରେ ବିତର୍କ ବେଳେ ଏହାକୁ ସମର୍ଥନ କରିଥିଲେ। ସ୍ୱଚ୍ଛତା ପାଇଁ ୱାକଫ ସଂଶୋଧନ ବିଲ ନିହାତି ଆବଶ୍ୟକ ମତ ରଖିଥିଲେ। ତେବେ ରାଜୀବନଙ୍କ ଏପରି ମତ ସହ ଜେଡିୟୁ ସିଧାସଳଖ ଏକମତ ହୋଇପାରିନି। ନୀତୀଶ ସରକାରରେ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ ଭାବେ କାର୍ଯ୍ୟ କରୁଥିବା ମହମ୍ମଦ ଜାମା ଖାନ ନିକଟରେ ମୁଖ୍ୟମନ୍ତ୍ରୀଙ୍କୁ ଏ ପ୍ରସଙ୍ଗରେ ଭେଟିଥିଲେ।

## ରତ୍ନଭଣ୍ଡାରରୁ ସ୍ଥାନାନ୍ତର ହେଲା ଖାଲି ସିନ୍ଦୁକ ଓ ଆଲମିରା

ପୁରୀ, ୨୩।୮ (ମହାଭାରତ): ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଅନୁସାରେ, ଆଜି ବାହାର ଏବଂ ଭିତର ରତ୍ନଭଣ୍ଡାରରେ ଥିବା ଖାଲି ଆଲମିରା ଏବଂ ସିନ୍ଦୁକଗୁଡ଼ିକ ସ୍ଥାନାନ୍ତରଣ ହୋଇଛି। ଖାଲି ଆଲମିରା ଏବଂ ସିନ୍ଦୁକ ଗୁଡ଼ିକୁ ଭିତର ଓ ବାହାର ରତ୍ନଭଣ୍ଡାରରୁ ସ୍ଥାନାନ୍ତରଣ କରାଯାଇ ଶ୍ରୀମନ୍ଦିର ପରିସରରେ ଥିବା ନୀଳାଦ୍ରି ବିହାର ମ୍ୟୁଜିୟମ୍ ନିକଟସ୍ଥ ଏକ ଗୃହରେ ସୁରକ୍ଷିତ ରଖାଯାଇଛି। ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଅନୁସାରେ ଏଥିପାଇଁ ଗଠିତ କମିଟି ସଦସ୍ୟମାନେ ପାରମ୍ପରିକ ବସ୍ତ୍ର ପରିଧାନ କରି ନିର୍ଦ୍ଧାରିତ ସମୟ ଦିନ ୨ଟା ବେଳେ ରତ୍ନଭଣ୍ଡାରକୁ ପ୍ରବେଶ କରିବା ସହ ସ୍ଥାନାନ୍ତରଣ କାର୍ଯ୍ୟ ଆରମ୍ଭ କରିଥିଲେ। ଅପରାହ୍ନ ୪ଟା ୫୦ ମିନିଟ୍ ସମୟରେ ସ୍ଥାନାନ୍ତରଣ ପ୍ରକ୍ରିୟା ଶେଷ ହୋଇଥିଲା। ଏହାପରେ ମାର୍ଗଦର୍ଶିକା ଅନୁସାରେ ଉଭୟ ଭିତର ତଥା ବାହାର ରତ୍ନଭଣ୍ଡାରକୁ ସିଲ୍ କରାଯାଇଥିଲା। ସେହିପରି ଖାଲି ଆଲମିରା ଏବଂ ସିନ୍ଦୁକ ରଖାଯାଇଥିବା ଗୃହକୁ ମଧ୍ୟ ତାଲା ପକାଯାଇ ସିଲ୍ ବନ୍ଦ କରାଯାଇଛି। ଭିତର ରତ୍ନଭଣ୍ଡାରର ଦୁଇଟି ଯାକ ତାଲାର ଚାବିକୁ ପୁନର୍ବାର ଜିଲ୍ଲା ଟ୍ରେଜେରୀରେ ରଖାଯିବ। ରତ୍ନଭଣ୍ଡାର ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ନଜରରେ ରଖି ଆଜି ପାଇଁ ବିଶେଷ ନୀତି ନିର୍ଘଂଟ ହୋଇଥିଲା। ଆଜି ରାତ୍ର ୨ଟା ୪୦ରେ ଦ୍ୱାର ଫିଟା ଅନୁଷ୍ଠିତ ହୋଇଥିଲା। ନିଜେ ମୁଖ୍ୟ ପ୍ରଶାସକ, ଡ. ଅରବିନ୍ଦ ପାଢୀ ଦ୍ୱାରଫିଟା ସମୟରେ ଉପସ୍ଥିତ ରହି ନୀତି ତ୍ୱରାନ୍ୱିତ କରିଥିଲେ। ବିଶେଷ ନୀତି ନିର୍ଘଂଟ ଅନୁସାରେ, ସମସ୍ତ ନୀତି ସମ୍ପାଦନ ହେବା ପରେ ଦିବା ୧:୦୦ ଘଂଟା ଠାରୁ ସ୍ଥାନାନ୍ତର କାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ସମଗ୍ର ପ୍ରକ୍ରିୟା ସୁରୁଖୁରୁରେ ସମ୍ପାଦିତ ହୋଇଥିବା ବେଳେ ଏଥିରେ ସହଯୋଗ ପାଇଁ ପରିଚାଳନା କମିଟି ସଦସ୍ୟ, ରତ୍ନଭଣ୍ଡାର ସମ୍ପର୍କିତ ଉଚ୍ଚସ୍ତରୀୟ କମିଟି ସଦସ୍ୟ, ସମସ୍ତ ସେବକ ନିଯୋଗ, ଶ୍ରୀମନ୍ଦିର ଓ ଜିଲ୍ଲା ତଥା ପୁଲିସ୍ ପ୍ରଶାସନ ଏବଂ ଗଣମାଧ୍ୟମ ବନ୍ଧୁମାନଙ୍କୁ ଆନ୍ତରିକ ଧନ୍ୟବାଦ ଅର୍ପଣ କରିଛନ୍ତି ମୁଖ୍ୟ ପ୍ରଶାସକ।



## ଏଆଇସିସିର ୭ ଜଣିଆ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ

ଭୁବନେଶ୍ୱର, ୨୩।୮ (ମହାଭାରତ); ଏଆଇସିସି ଆଜି ୧୪ ଜଣିଆ ଷ୍ଟିୟରିଂ କମିଟିରେ ୭ ଜଣ ନେତାଙ୍କୁ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଭାବେ ସାମିଲ କରିଛି। ଷ୍ଟିୟରିଂ କମିଟି ପାଇଁ ଏଆଇସିସି ପକ୍ଷରୁ ଆଜି ଯେଉଁମାନଙ୍କ ନାଁ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଭାବେ ଘୋଷଣା କରାଯାଇଛି, ସେମାନେ ହେଉଛନ୍ତି- ଶରତ ପଟ୍ଟନାୟକ, ନିରଞ୍ଜନ ପଟ୍ଟନାୟକ, ପ୍ରସାଦ ହରିଚନ୍ଦନ, ନରସିଂହ ମିଶ୍ର, ରାମଚନ୍ଦ୍ର ଖୁଣ୍ଟିଆ, ସନ୍ତୋଷ ସିଂହ ସାଲୁଜା ଓ ଶରତ ରାଉତ। କିନ୍ତୁ ଏହି ୭ ଜଣଙ୍କ ମଧ୍ୟରେ ନାହାନ୍ତି ବରିଷ୍ଠ ବିଧାୟକ ତାରା ପ୍ରସାଦ ବାହିନୀପତି। ଏଭଳି କରି ତାଙ୍କୁ ଦଳ ପୁଣି କୋଣଠେସା କରିଛି ବୋଲି କୁହାଯାଉଛି। ପୂର୍ବରୁ କମିଟିରେ ତାଙ୍କ ସମେତ ୧୪ ଜଣ ସଦସ୍ୟ ଥିବା ବେଳେ ଦଳର ଅନେକ ବଡ଼ ନେତାଙ୍କୁ ଏଥିରେ ସାମିଲ କରାନଯିବାକୁ ନେଇ ବିବାଦ ଦେଖାଯାଇଥିଲା।

## ପୁଣି ରାଜୁ ମଣ୍ଡଳକୁ ଘାଣ୍ଟିବ କମିଶନରେଟ୍ ପୋଲିସ

ଭୁବନେଶ୍ୱର, ୨୩।୮ (ମହାଭାରତ.): ସିମ୍ ବକ୍ସ ମାମଲାରେ ଅଧିକ ଖୋଳତାଡ଼ ପାଇଁ ଅଭିଯୁକ୍ତ ରାଜୁ ମଣ୍ଡଳକୁ ପୁଣି ରିମାଣ୍ଡରେ ନେଇଛି କମିଶନରେଟ ପୁଲିସ। ଦୁଇ ଦିନିଆ ରିମାଣ୍ଡ ଅନୁମତି ମିଳିବା ପରେ ଜେଲରୁ ରାଜୁ ମଣ୍ଡଳକୁ ନିଜ ହେପାଜତକୁ ନେଇଛି ପୁଲିସ। ଜେଲରୁ ଆଣିବା ପରେ ରାଜୁକୁ ଲକ୍ଷ୍ମୀସାଗର ଥାନାକୁ ଆଣି ପଚରାଉଚରା କରାଯାଇଥିବା ସୂଚନା ମିଳିଛି।

ପୂର୍ବରୁ ଏନ୍ଆଇଏ ଅଧିକାରୀ ରାଜୁ ମଣ୍ଡଳକୁ ପଚରାଉଚରା ଉଚରା କରିଥିଲା। ଏବେ ରିମାଣ୍ଡରେ ଆସିବା ପରେ ପୁଣି ଜେରା କରିପାରେ ଏନ୍ଆଇଏ ଟିମ। ସିମ ବକ୍ସ ମାମଲାରେ ଦ୍ୱିତୀୟ ଥର ପାଇଁ ରାଜୁକୁ ରିମାଣ୍ଡରେ ଆଣିଛି ପୁଲିସ। ୭ ଦିନ ପାଇଁ ରିମାଣ୍ଡରେ ଆଣିବାକୁ ଲକ୍ଷ୍ମୀସାଗର ଥାନା ପୁଲିସ କୋର୍ଟରେ ଆବେଦନ କରିଥିବାବେଳେ ୨ ଦିନିଆ ରିମାଣ୍ଡ ପାଇଁ ଅନୁମତି ଦେଇଛନ୍ତି କୋର୍ଟ। ରିମାଣ୍ଡ ଅବଧି ବେଳେ ମୁଖ୍ୟ ଅଭିଯୁକ୍ତ ଆସାଦୁର ଜମାନ ବାବଦରେ ଅଧିକ ପଚରାଉଚରା ହେବ। ବାଂଲାଦେଶର ଢାକାରେ ରହି ଆସାଦୁର କିଭଳି ଭୁବନେଶ୍ୱର, କଟକ ଓ ରାଞ୍ଚିରେ ନିଜର ସିଣ୍ଡିକେଟ ଚଳାଇଥିଲା ତାହାର ଖୋଳତାଡ଼ ହେବ। କିଏ ତା ପାଇଁ ପଇସା ଖର୍ଚ୍ଚ କରୁଥିଲା ? ଆର୍ଥିକ କାରବାର ପଛରେ ଆଉ କାହାର ହାତ ଅଛି କି? ସିମବକ୍ସ ଜରିଆରେ ପାକିସ୍ତାନ ଓ ଚୀନ କାହା ପାଖକୁ ଯାଉଥିଲା କଲ ? କଣ ଏହି ସ୍ମାର୍ଟ ସୁଇଚ ? ସିମ ବକ୍ସ ରୁ ଯାଉଥିଲା କି ବିଦେଶରେ ରହୁଥିବା ଅଣ୍ଡରୱାର୍ଲଡ଼ ଡନଙ୍କୁ କଲ ? ଏ ସବୁ କଥା ଜାଣିବା ପାଇଁ ରାଜୁକୁ ଅଧିକ ପଚରାଉଚରା କରାଯିବ।

# ଆଳୁ ପୁରି'

**ଆବଶ୍ୟକ ସାମଗ୍ରୀ :** ଅଟା, ଆଳୁ, କଟାକଂଚାଲଙ୍କା, ଅଳ୍ପ ହଳଦୀ, ଲାଲ୍ ଲଙ୍କାଗୁଣ୍ଡ, ତେଲ, ଲୁଣ, ଜୁଆଣୀ ଓ କସ୍ତୁରୀ ମେଥି।

**ପ୍ରସ୍ତୁତ ପ୍ରଣାଳୀ :** ପ୍ରଥମେ ଅଟା ସହ ଲୁଣ ମିଶାଇ ଛଲୁଣୀରେ ଚଲାଇ ନିଅନ୍ତୁ। ଏଥିରେ ଜୁଆଣୀ ଓ କସ୍ତୁରୀ ମେଥି ମିଶାଇ ଅଳ୍ପ ଅଳ୍ପ ପାଣି ଦେଇ ଭଲଭାବେ ଦଳିଦିଅନ୍ତୁ। ଏହାକୁ ଏକ ଦୋକନାରେ ଅଧଘଂଟା ଘୋଡ଼ାଇ ରଖନ୍ତୁ। ଏବେ ଆଳୁକୁ ସିଝାଇ, ଚୋପା ଛଡ଼ାଇ କଟା ଲଙ୍କା, ତେଲ, ଲୁଣ, ହଳଦୀ ଓ ଲାଲ୍ ଲଙ୍କାଗୁଣ୍ଡ ମିଶାଇ ଭଲକରି ଚକଟି ଦିଅନ୍ତୁ। ଏବେ ଦଳା ହୋଇଥିବା ଅଟାରୁ ଛୋଟ ଛୋଟ ଗୁଳା ପ୍ରସ୍ତୁତ କରନ୍ତୁ ଓ ଏଗୁଡ଼ିକୁ ପୁରି ପରି ବେଲନ୍ତୁ। ଏବେ ପୁରି ମଝିରେ ଆଳୁପୁର ରଖି ଚାରିପଟୁ ବନ୍ଦ କରି ଏହାକୁ ପୁଣି ଗୁଳା କରି ଆଉଥରେ ବେଲି ଦିଅନ୍ତୁ। ବର୍ତମାନ କଡ଼େଇରେ ତେଲ ଗରମ କରି ଏଗୁଡ଼ିକୁ ଛାଣିନ୍ତୁ। ବର୍ତମାନ ପ୍ରସ୍ତୁତ ହୋଇଗଲା ଗରମା ଗରମ ନ୍ତଆଳୁ ପୁରି।



ଖବର

# ଅଡୁଆରେ କଙ୍ଗନାଙ୍କ 'ଏମରଜେନ୍ସି', ବ୍ୟାନ୍ ଦାବି






ବଲିଉଡର କୁଇନ୍ ତଥା ସାଂସଦ କଙ୍ଗନା ରଣାଓ୍ବତ। ତାଙ୍କ ଅପ୍କମିଂ ଫିଲ୍ମ 'ଏମରଜେନ୍ସି'କୁ ନେଇ ବିଛି ଅଡୁଆ। ଫିଲ୍ମ ରିଲିଜକୁ ଆଉ ମାତ୍ର ଦିନ କେଇଟା ବାକି ଥିବା ବେଳେ ଏହା ଉପରେ ବ୍ୟାନ୍ ଲଗାଇବାକୁ ହୋଇଛି ଦାବି।ପଞ୍ଜାବର ଶିରୋମଣି ଗୁରୁଦ୍ୱାରା ପ୍ରବନ୍ଧକ କମିଟି(ଏସଜିପିସି) ଓ ଶିଖ ସର୍ବୋଚ୍ଚ ସଂସ୍ଥା ଅକାଲ ତାଖ୍ତ କଙ୍ଗନାଙ୍କ ଏହି ଫିଲ୍ମକୁ ନେଇ ବିରୋଧ କରିଛନ୍ତି। ଏମରଜେନ୍ସି ଫିଲ୍ମରେ ଶିଖମାନଙ୍କ ଚରିତ୍ରକୁ ହନନ କରାଯାଇଥିବା ଅକାଲ ତାଖ୍ତର ଜାଥେଦାର ଜ୍ଞାନୀ ରଘୁବର ସିଂହ ଅଭିଯୋଗ କରିଛନ୍ତି।ଫିଲ୍ମ ରିଲିଜକୁ ନେଇ ଜାଥେଦାର ଜ୍ଞାନୀ ରଘୁବର ସିଂହ ଦୃ ଆପି ଜତାଇଛନ୍ତିୟ ସେ କହିଛନ୍ତି ଯେ, ନିକଟରେ ଫିଲ୍ମର ରିଲିଜ୍ ହୋଇଥିବା ଟ୍ରେଲରରୁ ଏହା ସ୍ପଷ୍ଟ ହୋଇଛି ଯେ ଶିଖଙ୍କ ଭାବମୂର୍ତିକୁ ଜାଣି ଶୁଣି ଖରାପ ଭାବେ ଚିତ୍ରଣ କରାଯାଇଛି। ଏହା ଏକ ଷଡ଼ଯନ୍ତ୍ରର ଅଂଶ। ତେଣୁ ଏହା ଉପରେ ତୁରନ୍ତ ବ୍ୟାନ୍ ଲଗାଇବାକୁ ସେ ଦାବି କରିଛନ୍ତି।ସେହିପରି ଏକ ସାମ୍ବାଦିକ ସମ୍ମିଳନୀରେ ଝଏଚଡ ମୁଖ୍ୟ ହରଜନ୍ଦର ସିଂହ ଧାମି ଫିଲ୍ମର ଲେଖକ, ନିର୍ଦ୍ଦେଶକ, ନିର୍ମାତା ତଥା ଅଭିନେତ୍ରୀ କଙ୍ଗନା ରାଣାଓ୍ବତଙ୍କ ବିରୋଧରେ ଏଫଆଇଆର ରୁଜୁ କରିବାକୁ ଦାବି କରିଛନ୍ତି। କଙ୍ଗନା ରଣାଓ୍ବତଙ୍କ ଅଭିନୀତ ଫିଲ୍ମ 'ଏମରଜେନ୍ସି' ସେପ୍ଟେମ୍ବର ୬ ତାରିଖରେ ପରଦାକୁ ଆସିବୟ ଏହି ଫିଲ୍ମଟି ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଶାସନ କାଳରେ ଦେଶରେ ଲାଗୁ ହୋଇଥିବା 'ଏମରଜେନ୍ସି' ଉପରେ ଆଧାରିତ। ଏଥିରେ କଙ୍ଗନାଙ୍କୁ ଇନ୍ଦିରା ଗାନ୍ଧୀଙ୍କ ଭୂମିକାରେ ଦେଖିବାକୁ ମିଳିବୟନିକଟରେ ଫିଲ୍ମର ଟ୍ରେଲର ରିଲିଜ ହୋଇଥିଲା। ସେବେଠାରୁ ଏହି ଫିଲ୍ମକୁ ନେଇ ବିବାଦ ଜାରି ରହିଛି। ପୂର୍ବରୁ ମଧ୍ୟ ଫିଲ୍ମର ରିଲିଜ୍କୁ ଅନେକ ଥର ସ୍ଥଗିତ ରଖାଯାଇଛି। ଏହା ପୂର୍ବରୁ ୨୪ ନଭେମ୍ବର ୨୦୨୩ରେ ଫିଲ୍ମଟି ରିଲିଜ ହେବାର ଥିଲା କିନ୍ତୁ ପରେ ଏହାର ରିଲିଜ ଡେଟ୍କୁ ଘୁଞ୍ଚାଇ ଦିଆଯାଇଥିଲା।

# ବୟସ ଅନୁଯାୟୀ ରକ୍ତଚାପ କେତେ ରହିବା ଜରୁରୀ ?

ବର୍ତମାନ ସମୟରେ ଉଚ୍ଚ ରକ୍ତଚାପ ସଭିଁଙ୍କ ପାଇଁ ସମସ୍ୟା ପାଲଟିଛି । ଉଚ୍ଚ ରକ୍ତଚାପ ସିଧାସଳଖ କୋଲେଷ୍ଟେରୋଲ୍ ଓ ହୃଦୟ ସହ ଜଡିତ । କୋଲେଷ୍ଟେରୋଲ୍ ବୃଦ୍ଧି ଓ ହୃଦୟ ସଠିକ୍ ଭାବେ କାମ ନକରିବା ଦ୍ୱାରା ପ୍ରଥମ ଲକ୍ଷଣ ଉଚ୍ଚ ରକ୍ତଚାପ ଭାବେ ଦେଖାଯାଏ । ତେଣୁ ବୟସ ଅନୁଯାୟୀ ରକ୍ତଚାପ କେତେ ରହିବା ଜରୁରୀ ତାହା ଜାଣିବା ନିତାନ୍ତ ଆବଶ୍ୟକ । କାରଣ ବୟସ ଅନୁଯାୟୀ ସଭିଁଙ୍କ ରକ୍ତଚାପ ଭିନ୍ନ ଭିନ୍ନ ହୋଇଥାଏ । ଜାଣନ୍ତୁ ୧୮ ବର୍ଷରୁ ଆରମ୍ଭ କରି ୬୦ ବର୍ଷ ପର୍ଯ୍ୟନ୍ତ ବୟସ ଅନୁଯାୟୀ କେତେ ରକ୍ତଚାପ ରହିବା ଦ୍ୱାରା ଶରୀର ସୁସ୍ଥ ରହିଥାଏ ।



୧୮-୩୯ ବର୍ଷ ଯୁବକଙ୍କ ୧୧୯/୭୦ ଓ ମହିଳାଙ୍କର ୧୧୦/୬୮ଏମଏମ ରକ୍ତଚାପ ରହିବା ସ୍ୱାସ୍ଥ୍ୟକର ବୋଲି କୁହାଯାଏ ।

୪୦-୫୬ ବର୍ଷ ବ୍ୟକ୍ତିଙ୍କର ୧୨୪/୭୭ ଓ ମହିଳାଙ୍କର ୧୨୨/୭୪ ରକ୍ତଚାପ ସ୍ୱାସ୍ଥ୍ୟକର ଅଟେ ।

ସେହିପରି ୬୦ ବର୍ଷ ଉର୍ଦ୍ଧ ବ୍ୟକ୍ତିଙ୍କର ୧୩୩/୬୯ ଓ ମହିଳାଙ୍କର ରକ୍ତଚାପ ୧୩୯/୬୮ ସଠିକ୍ ଅଟେ ।

ବୟସ ଅନୁଯାୟୀ ରକ୍ତଚାପ ଏତିକି ରହିବା ଦ୍ୱାରା ହୃଦୟ ସଠିକ୍ ଭାବେ କାର୍ଯ୍ୟ କରିଥାଏ।

ଦୀର୍ଘାୟୁ ଓ ସୁସ୍ଥ ଜୀବନ ପାଇଁ ୧୦୦/୭୦ ରକ୍ତଚାପ ରହିବା ଜରୁରୀ।

# ରୁପା ବାସନରେ ଖାଇଲେ ଶରୀରକୁ ମିଳିବ ଆଶ୍ଚର୍ଯ୍ୟଜନକ ଲାଭ

ରୁପାକୁ ସାଧାରଣତଃ ଲୋକେ ବିଭିନ୍ନ ଗହଣା ତିଆରି କରିବାରେ ବ୍ୟବହାର କରିଥାଆନ୍ତି । ମାତ୍ର ରୁପାରୁ କେବଳ ଗହଣା ନୁହେଁ ବରଂ ବାସନ ମଧ୍ୟ ତିଆରି କରାଯାଏ ।ଏହା ମହଙ୍ଗା ହୋଇଥିବା କାରଣରୁ କମ୍ ଲୋକେ ଏହାକୁ ବ୍ୟବହାର କରିଥାଆନ୍ତି । ମାତ୍ର ରୁପା ବାସନରେ ଖାଦ୍ୟ ସେବନ କରିବା କୌଣସି ବରଦାନରୁ କମ୍ ନୁହେଁ । ଆୟୁର୍ବେଦ ଅନୁଯାୟୀ, ରୁପାରେ ଆଣ୍ଟିସେଫଟିକ୍, ଆଣ୍ଟି-ବ୍ୟାକ୍ଟେରିୟଲ ଭଳି ଅନେକ ଗୁଣ ରହିଛି ।ଫଳରେ ରୁପାର ବାସନରେ ଭୋଜନ କରିବା ଦ୍ୱାରା ସ୍ୱାସ୍ଥ୍ୟକୁ ଚମତ୍କାରୀ ଲାଭ ମିଳିଥାଏ ।ରୁପା ବାସନରେ ଭୋଜନ କରିବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ମଜଭୁତ ହୋଇଥାଏ । ଫଳରେ ସହଜରେ ରୋଗଗ୍ରସ୍ତ ହେବେ ନାହିଁ ୟ ନିରୋଗ ରହିବେ ।ରୁପା ବାସନରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଖାଦ୍ୟ ସୁରକ୍ଷିତ ରହିଥାଏ । ଏଥିରେ କୌଣସି ପ୍ରକାର ବ୍ୟାକ୍ଟେରିଆ ସୃଷ୍ଟି ହୋଇ ନଥାଏ ।ରୁପା ବାସନରେ ଭୋଜନ କରିବା ଦ୍ୱାରା ପାଚନ ତନ୍ତ୍ର ମଜଭୁତ ହୋଇଥାଏ। ଫଳରେ ଖାଦ୍ୟ ଭଲରେ ଓ ସହଜରେ ହଜମ ହୋଇଥାଏ ୟରୁପାର ଗୁଣ ଥଣ୍ଡା। ଏଥିରୁ ପ୍ରସ୍ତୁତ ବାସନରେ ଭୋଜନରେ କରିବା ଦ୍ୱାରା ଶରୀରକୁ ଥଣ୍ଡା ମିଳିଥାଏ । ରୁପା ବାସନରେ ଖାଦ୍ୟ ପ୍ରସ୍ତୁତ କରିବା ଦ୍ୱାରା ଶରୀର ଶାନ୍ତ ସହ ମସ୍ତିଷ୍କ ସୁସ୍ଥ ରହିଥାଏ ୟ ସ୍ମରଣ ଶକ୍ତି ବୃଦ୍ଧି ହୋଇଥାଏ । ରୁପାର ଟଙ୍କାକୁ କ୍ଷୀର କିମ୍ବା ପାଣିରେ ଫୁଟାଇ କେବଳ ସେହି କ୍ଷୀର କିମ୍ବା ପାଣିକୁ ପିଇବା ଦ୍ୱାରା ଶରୀରକୁ ଅଗଣିତ ଲାଭ ମିଳିଥାଏ ।ଏହି କ୍ଷୀର ଓ ପାଣିକୁ ପିଇବା ଦ୍ୱାରା ଶରୀରରେ ଶକ୍ତି ବୃଦ୍ଧି ହୋଇଥାଏ । ଶରୀରର ଥକ୍କାପଣ ଦୂର ହେବା ସହ ଦୁର୍ବଳ ଅନୁଭବ ହୋଇନଥାଏ ।ଏହି ବାସନରେ ଭୋଜନ କରିବା ଦ୍ୱାରା ହାଡ ଜନିତ ଅନେକ ରୋଗରୁ ମୁକ୍ତି ମିଳିଥାଏ ।



# ଜୀବନରେ ଥରେ ଏହି ୬ ବୃକ୍ଷର ପୂଜା କରିବା ଦରକାର

## କେବେ ହେବନି ଧନର ଅଭାବ

ଭଗବାନ ଶ୍ରୀକୃଷ୍ଣ ଏମିତି ୬ଟି ବୃକ୍ଷ ବିଷୟରେ କହିଛନ୍ତି ଯାହାର ପୂଜା କରିବା ଦ୍ୱାରା ବ୍ୟକ୍ତିର ଜୀବନରୁ ଦୁଃଖ, କଷ୍ଟ, ଦାରିଦ୍ର୍ୟତା, କ୍ଲେଶ ସବୁ ଦୁର ହୋଇଯାଇଥାଏ। ଆମ ହିନ୍ଦୁ ଧର୍ମରେ ବୃକ୍ଷ ମାନଙ୍କୁ ପୂଜନୀୟ କୁହାଯାଇଛି। ଶାସ୍ତ୍ର ଅନୁସାରେ ବୃକ୍ଷର ମଧ୍ୟ ଜୀବନ ରହିଛି। ଏହି ସୃଷ୍ଟିରେ ସର୍ବ ପ୍ରଥମ ବୃକ୍ଷ ମାନଙ୍କୁ ହିଁ ସ୍ଥାନ ମିଳିଥିଲା । ଏହା ପରେ ଜୀବଜନ୍ତୁଙ୍କ ଉତ୍ପତ୍ତି ହୋଇଥିଲା। ବୃକ୍ଷମାନେ ଆମର ପ୍ରକୃତ ସାଥୀ ହୋଇଥାନ୍ତି ।

ବୃକ୍ଷ ମାନଙ୍କୁ ଶାସ୍ତ୍ରରେ ବହୁତ ମହତ୍ୱ ଦିଆଯାଇଛି। ଗଛ ଆମ ପାଇଁ ସମ୍ମାନୀୟ ଏବଂ ପୂଜନୀୟ ହୋଇଥାଏ। କିନ୍ତୁ ଏମାନଙ୍କ ମଧ୍ୟରୁ କିଛି ବୃକ୍ଷ ଏମିତି ମଧ୍ୟ ରହିଛି ଯାହା ବିଶେଷ ମହତ୍ତ୍ୱ ରଖିଥାନ୍ତି ଏବଂ ମନୁଷ୍ୟ ଭଗବାନଙ୍କ ପରି ଏହି ବୃକ୍ଷ ମାନଙ୍କୁ ମଧ୍ୟ ପୂଜା କରିଥାଏ। ଆଜି ଆମେ ଆପଣଙ୍କୁ ଏମିତି କିଛି ବୃକ୍ଷ ବିଷୟରେ କହିବାକୁ ଯାଉଛୁ। ଯାହାର ବର୍ଣ୍ଣନା ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ କରିଛନ୍ତି। ତେବେ ଚାଲନ୍ତୁ ଜାଣିବା ।

ତୁଳସୀ ଗଛ:- ପ୍ରତ୍ୟେକ ହିନ୍ଦୁ ଘରେ ପବିତ୍ର ତୁଳସୀ ଗଛ ଦେଖିବାକୁ ମିଳିଥାଏ। ତୁଳସୀ ଗଛକୁ ହିନ୍ଦୁ ଧର୍ମରେ ସବୁଠାରୁ ପବିତ୍ର ବୋଲି କୁହାଯାଇଥାଏ। ସେଥିପାଇଁ ତୁଳସୀ ଗଛକୁ ପ୍ରତିଦିନ ପୂଜାର୍ଚ୍ଚନା କରାଯାଇଥାଏ। ତୁଳସୀ ଗଛ ଭଗବାନ ଶ୍ରୀକୃଷ୍ଣଙ୍କ ଅତି ପ୍ରିୟ ଅଟେ। ଏହି ଗଛକୁ ଆୟୁର୍ବେଦରେ ମଧ୍ୟ ବହୁତ ଉପକାରୀ ଅଟେ ।



ଅଶୋକ ଗଛ:- ହିନ୍ଦୁ ଧର୍ମରେ ଅଶୋକ ଗଛକୁ ବହୁତ ପୂଜନୀୟ ବୋଲି କୁହାଯାଇଛି। ବେଦ, ପୁରାଣରେ ଏବଂ ଗୀତାରେ ମଧ୍ୟ ଭଗବାନ ଶ୍ରୀକୃଷ୍ଣ ଅଶୋକ ଗଛର ଉଲ୍ଲେଖ କରିଛନ୍ତି। ଅଶୋକ ଗଛରେ ମଧ୍ୟ ବହୁତ ପ୍ରକାରର ଔଷଧୀୟ ଗୁଣ ରହିଛି। ଭାରତରେ ଅଶୋକ ଗଛକୁ ପୂଜା କରିବାର ବହୁତ ପ୍ରକାରର ନିୟମ ରହିଛି। କାରଣ ଶାସ୍ତ୍ର ଅନୁସାରେ ଅଶୋକ ଗଛରେ ୩୩କୋଟି ଭଗବାନ ବାସ କରିଥାନ୍ତି।

ବର ଗଛ:- ଏହି ଗଛକୁ ଶାସ୍ତ୍ରରେ ପବିତ୍ର ବୋଲି କୁହାଯାଇଛି। ହିନ୍ଦୁ ଶାସ୍ତ୍ର ଅନୁସାରେ ଜ୍ୟେଷ୍ଠ ମାସରେ ବରଗଛକୁ ପୂଜା କରାଯାଇଥାଏ। ଏହି ବ୍ରତ ବିବାହିତା ମହିଳା ମାନେ ନିଜ ସ୍ୱାମୀଙ୍କ ଲମ୍ବା ଆୟୁଷ ପାଇଁ ରଖିଥାନ୍ତି।

ନିମ୍ବ ଗଛ:- ଏହି ଗଛରେ ମଧ୍ୟ ବହୁତ ଔଷଧୀୟ ଗୁଣ ରହିଛି। ଏହି ଗଛ ଆପେ ଆପେ ଉଠି ଥାଏ। ଏହି ଗଛ ବହୁତ ମାତ୍ରାରେ ମିଳିଥାଏ। ଏହି ଗଛର ପତ୍ର ବହୁତ ଉପକାରି ଅଟେ। ଏହା ଗ୍ରୀଷ୍ମ ଦିନରେ ହେଉଥିବା ରୋଗମାନଙ୍କ ଠାରୁ ରକ୍ଷା ପାଇବା ପାଇଁ କରାଯାଇଥାଏ ।

ଆମ୍ବ ଗଛ:- ହିନ୍ଦୁ ଧର୍ମରେ କିଛି ବି ଶୁଭ କାର୍ଯ୍ୟରେ, ପର୍ବ ପର୍ବାଣୀରେ ଘରର କବାଟରେ ଆମ୍ବ ପତ୍ରର ତୋରଣ ବାନ୍ଧିବାର ପରମ୍ପରା ରହିଛି। ଭଗବାନଙ୍କ ପାଖରେ ରଖିଥିବା କଳସରେ ମଧ୍ୟ ଆମ୍ବ ପତ୍ର ରଖାଯାଇଥାଏ। ବିବାହ, ଜନ୍ମଦିନରେ ମଧ୍ୟ ଆମ୍ବ ଗଛକୁ ପୂଜା କରିବା ଶୁଭ ବୋଲି କୁହାଯାଇଥାଏ।

ନଡ଼ିଆ ଗଛ:- ଏହି ଗଛକୁ ଶ୍ରୀଫଳ ମଧ୍ୟ କୁହାଯାଇଥାଏ। ଔଷଧୀୟ ଗୁଣରେ ଭରପୁର ଏବଂ ଧାର୍ମିକ କ୍ଷେତ୍ରରେ ମଧ୍ୟ ଉଚ୍ଚ ମାନ୍ୟତା ଦିଆଯାଇଥିବା ନଡ଼ିଆ ଗଛର କୌଣସି ଭାଗ ଅନୁପଯୋଗୀ ହୋଇନଥାଏ। ନଡ଼ିଆ ବିନା କୌଣସି ଶୁଭ କାର୍ଯ୍ୟ ହୋଇନଥାଏ। ନଡ଼ିଆ ପ୍ରତ୍ୟେକ ଶୁଭ କାର୍ଯ୍ୟରେ ସର୍ବ ପ୍ରଥମେ ଲାଗିଥାଏ।

# ବାରମ୍ବାର ପରିସ୍ରା ଲାଗୁଛି କି !

ବୟସ୍କ ପୁରୁଷମାନଙ୍କ ଠାରେ ଗୁରୁତର ରୋଗ ହେତୁ ପ୍ରୋଷ୍ଟାଟିକ୍ ରୋଗ ସାଧାରଣ ହୁଏ। ସାମ୍ପ୍ରତିକ ଅବସ୍ଥା ଯେପରିକି ବାର୍ଦ୍ଧକ୍ୟ, ପାଣିପାଗରେ ପରିବର୍ତ୍ତନ, ଯାତ୍ରା କିମ୍ବା ବୃତ୍ତି ସହିତ ଜଡିତ ଚାପ, ବିଭିନ୍ନ ସ୍ଥାନରୁ ଜଳ ଇତ୍ୟାଦି ପ୍ରୋଷ୍ଟେଟ ସମସ୍ୟା ସୃଷ୍ଟି କରିପାରେ। ଯଦିଓ ଜୀବନଶୈଳୀ ଏବଂ ବୟସ ବଢ଼ିବା କାରଣରୁ ପୁରୁଷମାନଙ୍କ ଜୀବନର ଗୁଣ ବ୍ୟାହତ ହୁଏ କାରଣ ପ୍ରୋଷ୍ଟେଟ ଗ୍ରନ୍ଥିରେ ବୃଦ୍ଧି ନିମ୍ନ ମୂତ୍ରାଶୟ ଲକ୍ଷଣ ଦ୍ୱାରା ହୋଇପାରେ।

ତଥ୍ୟ ଅନୁଯାୟୀ ୪୦ ରୁ ଅଧିକ ବୟସ୍କ ପୁରୁଷଙ୍କ ମଧ୍ୟରୁ ପ୍ରାୟ ୬୫% ଏହି ବିରକ୍ତିକର ଲକ୍ଷଣରେ ପୀଡିତ। ତେବେ ଏହି ରୋଗୀଙ୍କ ମଧ୍ୟରୁ ଅଧିକାଂଶ କାହିଁକି ପୀଡିତ ? ଅନ୍ୟ ଏକ କାରଣ ସୁଗାର ମଧ୍ୟ ହୋଇଥାଇ ପାରେ ।

ପ୍ରୋଷ୍ଟେଟର ଲକ୍ଷଣ: ଅଧିକାଂଶ ରୋଗୀ ଚିକିତ୍ସା ପାଇଁ ବିଳମ୍ବରେ ପହଞ୍ଚନ୍ତି। ସାଧାରଣତଃ ରୋଗୀ ରୋଗ ବିଷୟରେ କହିବାକୁ ବାରଣ କରେ କିମ୍ବା ବାର୍ଦ୍ଧକ୍ୟର ଏକ ଅପରିହାର୍ଯ୍ୟ ପରିଣାମ ଭାବରେ ଛାଡିଦିଏ, କିମ୍ବା ଶୀତଳ ପାଗ ଏବଂ ବାହ୍ୟ ପାନୀୟ ଜଳ ପରି ବାହ୍ୟ କାରଣରୁ ସେମାନେ ଯନ୍ତ୍ରଣା ଭୋଗିବାକୁ ଲାଗନ୍ତି। ନିରବରେ ସେମାନେ ଲକ୍ଷଣରୁ ଦୂରେଇ ରୁହନ୍ତି ଏବଂ ସେମାନଙ୍କର ଯନ୍ତ୍ରଣାକୁ ମୁକାବିଲା କରିବା ପାଇଁ ଆତ୍ମ-ବ୍ୟାଖ୍ୟାକାରୀ କୌଶଳ ବିକାଶ କରନ୍ତି, ଯେପର୍ଯ୍ୟନ୍ତ ସେମାନେ ସ୍ପଷ୍ଟ ଭାବରେ ଖରାପ ନ ହୁଅନ୍ତି ଏବଂ ଜଟିଳତା ସୃଷ୍ଟି ହୁଏ ।

ମୋହାଲି, ଫୋର୍ଟିସ୍ ହସ୍ପିଟାଲ୍, କନସଲଟା ୟୁରୋଲୋଜିଷ୍ଟ୍ ମନୀଷ ଅହୁଜାଙ୍କ କହିବାନୁସାରେ, ନିମ୍ନ ଲକ୍ଷଣ ଦ୍ୱାରା ଜୀବନର ଗୁଣବତ୍ତା ବାଧାପ୍ରାପ୍ତ ହୁଏ । ଲକ୍ଷଣଗୁଡିକର ଅଜ୍ଞତା ହେତୁ, ଏହିପରି ରୋଗୀ ଜଳ ଏବଂ ଅନ୍ୟ ଏକ ତରଳ ପଦାର୍ଥକୁ ସୀମିତ ରଖିବା ଆରମ୍ଭ କରନ୍ତି। ସେମାନେ ମଧ୍ୟ ସେମାନଙ୍କର ପରିସ୍ରା ବିଷୟରେ ସଚେତନ ହୁଅନ୍ତି, ଯଥା ବାହାରେ ଦୀର୍ଘ ଯାତ୍ରା କରିବା ପୂର୍ବରୁ ପରିସ୍ରା କରିବା, ଶୌଚାଳୟ ସ୍ଥାନ ଉପରେ ନଜର ରଖିବା, ଦୂର ଦୂରାନ୍ତର ଯାତ୍ରା ଠାରୁ ଦୂରେଇ ରହିବା।

ସାମାନ୍ୟ ବର୍ଦ୍ଧିତ ପ୍ରୋଷ୍ଟେଟ ଥିବା କେତେକ ପୁରୁଷଙ୍କ ଉଲ୍ଲେଖନୀୟ ଲକ୍ଷଣ ଥାଇପାରେ, ଯେତେବେଳେ ପ୍ରୋଷ୍ଟେଟ ବୃଦ୍ଧି ପାଇଥିବା ଅନ୍ୟ ପୁରୁଷମାନଙ୍କର ସାମାନ୍ୟ ମୂତ୍ରାଶୟ ଲକ୍ଷଣ ଥାଇପାରେ। ଏହା ଧ୍ୟାନ ଦେବା ଜରୁରୀ ଯେ ପ୍ରୋଷ୍ଟେଟର ଆକାର ଆପଣଙ୍କ ଲକ୍ଷଣର ଗମ୍ଭୀରତା ନିର୍ଣ୍ଣୟ କରେ ନାହିଁ।

ଯଦି ଏହାର ଚିକିତ୍ସା କରା ନ ଯାଏ, ତାହା ମୂତ୍ର ନଳୀରେ ବାଧା ସୃଷ୍ଟି କରିପାରେ ଏବଂ ଏହା ପ୍ରୋଷ୍ଟେଟ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇପାରେ। ତେଣୁ ଆପଣ ଡାକ୍ତରଙ୍କ ସହ ଯୋଗାଯୋଗ କରିବା ଉଚିତ ଏବଂ ଏହି ସମସ୍ୟା ଦ୍ୱାରା ଲଜ୍ଜିତ ନହେବା ପାଇଁ ପରାମର୍ଶ ଦିଆଯାଇଛି। ତୁମର ବୟସ, ସ୍ୱାସ୍ଥ୍ୟ ଏବଂ ଅବସ୍ଥା ଉପରେ ଆଧାର କରି ଡାକ୍ତର ଆପଣଙ୍କ ଯତ୍ନ ନେବାରେ ସାହାଯ୍ୟ କରିପାରିବେ।

ଅଧିକ ପରିସ୍ରା ଲାଗୁଥିଲେ ହୋଇପାରେ ଏହି ରୋଗ :

ଏହାର ଲକ୍ଷଣ (ବେନିନ୍ ପ୍ରୋଷ୍ଟାଟିକ୍ ହାଇପରପ୍ଲାସିଆ) ଉତ୍ତମ ପ୍ରୋଷ୍ଟାଟିକ୍ ହାଇପରପ୍ଲାସିଆ। ଏକ ମିଶ୍ରଣ ଶାରୀରିକ, ରେଡିଓଗ୍ରାଫିକ୍ ପରୀକ୍ଷଣ ଏବଂ କିଛି ଲାବୋରେଟୋରୀ ପରୀକ୍ଷଣର ପରିସ୍ରା ନିର୍ଣ୍ଣୟ କରେ। ଶାରୀରିକ ପରୀକ୍ଷଣରେ ଏକ ଡିଜିଟାଲ୍ ରେକ୍ଟାଲ୍ ପରୀକ୍ଷଣ ଥାଏ, ଯେଉଁଥିରେ ବିଶେଷଜ୍ଞ ୟୁରୋଲୋଜିଷ୍ଟଙ୍କ ଦ୍ୱାରା ପ୍ରୋଷ୍ଟେଟର ଶାରୀରିକ ଯାଞ୍ଚ ଅନ୍ତର୍ଭୁକ୍ତ। ପ୍ରୋଷ୍ଟେଟ ଗ୍ରନ୍ଥିର ଆକାର ମାପିବା ପାଇଁ ପେଟ ଏବଂ ପେଲଭିକ ଅଲଟ୍ରାସାଉଣ୍ଡ ବ୍ୟବହୃତ ହୁଏ। ଲ୍ୟାବ ପରୀକ୍ଷଣରେ ପ୍ରୋଷ୍ଟେଟ-ନିର୍ଦ୍ଦିଷ୍ଟ ଆଣ୍ଟିଜେନ୍ସ ଅନ୍ତର୍ଭୁକ୍ତ। ଯେତେବେଳେ ପ୍ରୋଷ୍ଟେଟ୍ ସୁସ୍ଥ ଥାଏ, ରକ୍ତରେ ଏକ ଛୋଟ ପ୍ରୋଷ୍ଟେଟ୍ ନିର୍ଦ୍ଦିଷ୍ଟ ଆଣ୍ଟିଜେନ ମିଳିଥାଏ।

# ସାମ୍ବାଦିକମାନଙ୍କ ସ୍ୱାସ୍ଥ୍ୟବୀମା ନବୀକରଣ କରିବାକୁ ରାଜ୍ୟପାଳଙ୍କୁ ଦାବି

**ଭୁବନେଶ୍ୱର, ୨୩।୮ (ମହାଭାରତ ୟ)** : ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକମାନଙ୍କ ପାଇଁ ଲାଗୁ ହୋଇଥିବା ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟବୀମା ଯୋଜନାର ନବୀକରଣ ତୁରନ୍ତ କରିବା ପାଇଁ ମହାମହିମ ରାଜ୍ୟପାଳ ରଘୁବର ଦାସ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା ସହ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ଆଲୋଚନା କରିବା ସହ ଚିଠି ମଧ୍ୟ ଲେଖିବେ ବୋଲି ସାମ୍ବାଦିକଙ୍କ ପ୍ରତିନିଧି ଦଳଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

ରାଜ୍ୟରୁ ପ୍ରକାଶ ପାଉଥିବା ସାପ୍ତାହିକ, ପାକ୍ଷିକ, ମାସିକ ସାମ୍ବାଦପତ୍ର (ଯାହା ସୂଚନା ଓ ଲୋକ ସମ୍ପର୍କ ବିଭାଗ ସହ ଅନୁବନ୍ଧିତ) ଗୁଡ଼ିକର ସମସ୍ୟା ସମ୍ପର୍କରେ ଶୁକ୍ରବାର ରାଜଭବନରେ ଏକ ୧୦ ଜଣିଆ ପ୍ରତିନିଧି ଦଳ ରାଜ୍ୟପାଳ ଶ୍ରୀ ଦାସଙ୍କୁ ଭେଟି ଦାବିପତ୍ର ଦିଆଯିବା ସହ ଏ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। ଚଳିତ ମାସ ୩୧ ତାରିଖରେ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟବୀମାର ଅବଧି ଶେଷ ହେଉଛି। ୨୦୧୮ ମସିହାରୁ ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକ ଓ ସେମାନଙ୍କ ପରିବାର ପାଇଁ ସରକାର



୫ ଲକ୍ଷ ଟଙ୍କା ସ୍ୱାସ୍ଥ୍ୟବୀମା ଯୋଗାଇ ଦେଉଛନ୍ତି। ପ୍ରତିବର୍ଷ ଅଗଷ୍ଟ ମାସରେ ଏହି ବୀମାର ଅବଧି ପୂର୍ଣ୍ଣ ହେବା ପୂର୍ବରୁ ସାମ୍ବାଦିକମାନଙ୍କୁ ପରବର୍ତ୍ତୀ ବର୍ଷ ନୂଆ କାର୍ଡ଼ ମିଳିଯାଇଥାଏ। ବର୍ତ୍ତମାନ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟବୀମା ନବୀକରଣ ହୋଇନଥିବାରୁ ସମ୍ବାଦିକଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ଯୋଜନାରେ ବାପା ଓ ମାଆଙ୍କୁ ସାମିଲ୍ କରିବାକୁ ମଧ୍ୟ କୁହାଯାଇଛି। ଏହି ପ୍ରସଙ୍ଗକୁ ନେଇ ଏକ ୧୦ ଜଣିଆ ପ୍ରତିନିଧି ଦଳ ରାଜ୍ୟପାଳ ଶ୍ରୀ ଦାସଙ୍କୁ ବିଶଦ ଭାବେ ଅବଗତ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଏହି ସ୍ୱାସ୍ଥ୍ୟବୀମା ଦ୍ୱାରା ରାଜ୍ୟର ୮୭୧୭ଜଣ କାର୍ଯ୍ୟରତ ସାମ୍ବାଦିକ ଓ ତାଙ୍କ ପରିବାର ଉପକୃତ ହେଉଛନ୍ତି।

ଏହାଛଡ଼ା ଜାନୁଆରୀ ୨୬ (ସାଧାରଣତନ୍ତ୍ର ଦିବସ), ଏପ୍ରିଲ୍ ୧ (ଉତ୍କଳ ଦିବସ), ଅଗଷ୍ଟ ୧୫ (ସ୍ୱାଧୀନତା ଦିବସ) ଏବଂ ସମ୍ବାଦପତ୍ରର ବାର୍ଷିକ ଉତ୍ସବରେ ରାଜ୍ୟ ସରକାରଙ୍କ ଉନ୍ନୟନମୂଳକ କାର୍ଯ୍ୟର ବିଜ୍ଞାପନ ଦେବା, ଯେଉଁ ସମ୍ବାଦପତ୍ର ଗୁଡ଼ିକ କେନ୍ଦ୍ର ସରକାରଙ୍କ ସିବିସି (ପୂର୍ବରୁ ଡିଏଭିପି) ଦ୍ୱାରା ଅନୁମୋଦନ ହୋଇ ବିଜ୍ଞାପନର ମୂଲ୍ୟ ନିର୍ଦ୍ଧାରଣ ହୋଇଛି, ସେହି ସମ୍ବାଦପତ୍ର ଗୁଡ଼ିକୁ ତଦନୁଯାୟୀ ବିଜ୍ଞାପନ ମୂଲ୍ୟ ପ୍ରଦାନ କରିବା ଏବଂ ଯେଉଁ ସମ୍ବାଦପତ୍ରର ସମ୍ପାଦକମାନେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପରିଚୟ ପତ୍ର ପାଇଛନ୍ତି, ସେମାନଙ୍କୁ ଲୋକସେବା ଭବନ, ରାଜୀବ ଭବନ ଓ ଖାରବେଳ ଭବନ ପ୍ରବେଶ ପାଇଁ ପ୍ରବେଶ ପତ୍ରର ବ୍ୟବସ୍ଥା କରିବା କରିବା ପାଇଁ ଦାବି କରିଥିଲେ। ଏଥିସହ ଯେଉଁ ସମ୍ପାଦକ ଓ ପ୍ରତିନିଧିମାନେ ଏପର୍ଯ୍ୟନ୍ତ ସରକାରୀ ଅଧିସ୍ୱୀକୃତି ପାଇନାହାଁନ୍ତି, ସୂଚନା ଓ ଲୋକ ସମ୍ପର୍କ ବିଭାଗରେ ଦୀର୍ଘଦିନ ଧରି ପଡ଼ିରହିଥିବା ସେମାନଙ୍କ ଆବେଦନ ପତ୍ରକୁ ତୁରନ୍ତ ବିଚାର କରିବା ଲାଗି ବିଭିନ୍ନ ସମ୍ବାଦପତ୍ରର ସମ୍ପାଦକମାନେ ରାଜ୍ୟପାଳଙ୍କ ନିକଟରେ ଦାବି କରିଥିଲେ। ରାଜ୍ୟପାଳ ଶ୍ରୀ ଦାସ ସାମ୍ବାଦିକମାନଙ୍କର ଏହି ସମସ୍ୟା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଆଲୋଚନା କରି ବିହିତ ପଦକ୍ଷେପ ନେବେ ବୋଲି ସମ୍ବାଦପତ୍ରର ସମ୍ପାଦକମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରତିନିଧି ଦଳରେ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ହୃଷିକେଶ ମହାନ୍ତି, ବିଜୟ ପଣ୍ଡା, ଅଜୟ ଦାସ, ଅଶୋକ ସାହୁ, ମାଧବାନନ୍ଦ ବେଉରା, ବ୍ରାହ୍ମିପ୍ରିୟା ସାମନ୍ତରାୟ, ଚିତ୍ତରଞ୍ଜନ ପଟ୍ଟନାୟକ, ଦେବକାନ୍ତ ମହାପାତ୍ର ଏବଂ ମଧୁସୂଦନ ସାହୁ ପ୍ରମୁଖ ସାମିଲ୍ ଥିଲେ।

### ଖୋର୍ଦ୍ଧା ରୋଡ଼-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପ

# ୭୫ କିମି ମଧ୍ୟରେ ୦୭ ଗୋଟି ଟନେଲ ନିର୍ମାଣ

ଭୁବନେଶ୍ୱର, ୨୩।୮ (ମହାଭାରତ): ଖୋର୍ଦ୍ଧା ରୋଡ଼-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପ ନିର୍ମାଣ କ୍ଷେତ୍ରରେ ପୂର୍ବତଟ ରେଳପଥ ବିଶେଷ କରି ଟନେଲ ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନର ସମ୍ମୁଖୀନ ହେଉଥିଲେ ମଧ୍ୟ ଭାରତୀୟ ରେଳରେ ଏକ ପ୍ରମୁଖ ଭିତିଭୂମି ନିର୍ମାଣ ପଦକ୍ଷେପ ନେଇ ଉଲ୍ଲେଖନୀୟ ବେଗରେ ଅଗ୍ରଗତି କରୁଛି। ଏହି ପ୍ରକଳ୍ପର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବେ ଟନେଲଗୁଡ଼ିକ ରେଳପଥ ନିର୍ମାଣରେ ସାମ୍ନାକୁ ଆସିଥିବା କେତେକ ଜଟିଳ ଓ କଠିନ ଇଞ୍ଜିନିୟରିଂ ଆହ୍ୱାନକୁ ସାମ୍ନା କରି ପ୍ରକଳ୍ପ କାର୍ଯ୍ୟ ଶୀଘ୍ର ସମ୍ପାଦନ ପାଇଁ ଆଗକୁ ବଢ଼ି ଚାଲିଛି।

ଭାରତୀୟ ରେଳବାଇର ଏକ ଗୁରୁତ୍ୱପୂର୍ଣ୍ଣ ଜନ-କେନ୍ଦ୍ରିକ ପଦକ୍ଷେପ ଭାବେ ଏହି ପ୍ରକଳ୍ପ ସମସ୍ତ ବାଧାବିଘ୍ନକୁ ସାମ୍ନା କରି ଆଗକୁ ବଢ଼ିଚାଲିଛି ଏବଂ ଦୁର୍ଗମ ଅଞ୍ଚଳରେ ଟନେଲ୍ ନିର୍ମାଣ ଦ୍ୱାରା ସୃଷ୍ଟି ହୋଇଥିବା ଆହ୍ୱାନ ସତ୍ୱେ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଗୁଡ଼ିକ ହାସଲ କରି ଚାଲିଛି। ସମୁଦାୟ ୩୦୧ କିଲୋମିଟର ଦୈର୍ଘ୍ୟ ଏହି ପ୍ରକଳ୍ପ ସୁଦୂର ଉପାନ୍ତ ଅଞ୍ଚଳରେ ସଂଯୋଗ ବୃଦ୍ଧି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଯଥାଶୀଘ୍ର କାର୍ଯ୍ୟ ଶେଷ କରିବାକୁ ରେଳ ମନ୍ତ୍ରଣାଳୟର ନିରନ୍ତର ଭାବେ ଏହି ନିର୍ମାଣ କାର୍ଯ୍ୟର ସମୀକ୍ଷା କରୁଅଛି।

ଖୋର୍ଦ୍ଧା ରୋଡ଼-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ମଧ୍ୟରେ ଦଶପଲ୍ଲା ଓ ପୁରୁଣାକଟକ ମଧ୍ୟରେ ଥିବା ଦୁର୍ଗମ ତଥା ଜଙ୍ଗଲଭୂମି ଦେଇ ଗତି କରୁଥିବାବେଳେ ଏହି ୭୫ କିଲୋମିଟର ଦୂରତା ମଧ୍ୟରେ ସାତୋଟି ଟନେଲ୍ (ସମୁଦାୟ ୧୨.୭୬କିମି) ମାନଙ୍କର ନିର୍ମାଣ ଏହି ସମଗ୍ର ପ୍ରୟାସର ସବୁଠାରୁ ଜଟିଳ ଏବଂ ବୈଷୟିକ ଦୃଷ୍ଟିରୁ ଆବଶ୍ୟକୀୟ ଦିଗ ଭାବରେ ଉଭା ହୋଇଛି। ଏହି ଟନେଲଗୁଡ଼ିକ କେବଳ ପର୍ବତ ଦେଇ ଗମନାଗମନ ବିଷୟରେ ନୁହେଁ ବରଂ ପ୍ରକୃତି ଏବଂ ଭୌଗୋଳିକ ଦ୍ୱାରା ସୃଷ୍ଟି ହୋଇଥିବା ଅସାଧାରଣ ପ୍ରତିବନ୍ଧକକୁ ଦୂର କରିବାକୁ ପ୍ରତିନିଧିତ୍ୱ କରୁଛି। ୨୦ ଅଗଷ୍ଟ ୨୦୨୪ ରେ ୧.୭୯୫ କିମି ଦୈର୍ଘ୍ୟ ଟନେଲ୍ (ନମ୍ବର ୭) ର ବ୍ରେକଥ୍ରୁ କରାଯାଇଥିଲା ବେଳେ ଠିକ ଏହାର ପରଦିନ ଅର୍ଥାତ୍ ୨୧ ଅଗଷ୍ଟ ୨୦୨୪ ରେ ଟନେଲ୍ ନମ୍ବର -୧ ର ବ୍ରେକଥ୍ରୁ କରାଯାଇ ଆଉ ଏକ ସଫଳତା ହାସଲ କରାଯାଇଥିଲା।

ଏହି ପ୍ରକଳ୍ପ ମଧ୍ୟରେ ସମୁଦାୟ ସାତ ଗୋଟି ଟନେଲ ନିର୍ମାଣ ଚାଲିଛି ଏବଂ ସମସ୍ତ ଟନେଲ ଦଶପଲ୍ଲା ଓ ପୁରୁଣାକଟକ ଯାହାକି ଜଙ୍ଗଲ, ଅଭୟାରଣ୍ୟ ମଧ୍ୟରେ ଅବସ୍ଥିତ।ଆଢେଣିଗଡ଼ ଓ ପୁରୁଣାକଟକ ମଧ୍ୟରେ ବୌଦ୍ଧ ଜିଲ୍ଲା ମଧ୍ୟରେ ଚାରୋଟି ଟନେଲ ଅନ୍ତର୍ଭୁକ୍ତ ଏବଂ ସେଥିମଧ୍ୟରୁ ପ୍ରମୁଖ ଦୀର୍ଘତମ ଟନେଲର ଦୈର୍ଘ୍ୟ ସୁରକ୍ଷା ପାଇଁ ୭୦୦ ମିଟର ଏସକେପ ଟନେଲ ସହିତ ୪.୧୮୫ କିଲୋମିଟର ଅଟେ।ନୟାଗଡ଼ ଜିଲ୍ଲା ମଧ୍ୟରେ ତିନୋଟି ଟନେଲ୍ ଅନ୍ତର୍ଭୁକ୍ତ ସେଠି ମଧ୍ୟରୁ ଦଶପଲ୍ଲା ଓ ବୁଗୁଡ଼ା ମଧ୍ୟରେ ଦୁଇଟି ଅନ୍ତର୍ଭୁକ୍ତ। ସମୁଦାୟ ୦୪ ଗୋଟି ଟନେଲ ବ୍ରେକଥ୍ରୁ କାର୍ଯ୍ୟ ସଫଳତାର ସହିତ ସମାପ୍ତ ହୋଇଛି ଯାହାକି ଏକ ପ୍ରମୁଖ ପ୍ରଗତି ମାଇଲଖୁଣ୍ଟକୁ ଚିହ୍ନିତ କରିଛି।ବିଭିନ୍ନ ପ୍ରକାର ମାଟିର ଘନତା ଏବଂ ପଥର ଗଠନ ସହିତ ଏହି ଅଞ୍ଚଳର ଭୌଗୋଳିକ ଜଟିଳତା ଟନେଲର ସ୍ଥିରତା ଏବଂ ନିରାପତା ସୁନିଶ୍ଚିତ କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହୋଇଛି।

## ସର୍ବଭାରତୀୟ ସ୍ତରଠୁ ଓଡିଶାର ବେକାରୀ ହାର ଅଧିକ

ଭୁବନେଶ୍ୱର, ୨୩।୮ (ମହାଭାରତ): ସର୍ବଭାରତୀୟ ସ୍ତରଠୁ ଓଡିଶାର ବେକାରୀ ହାର ଅଧିକ ରହିଛି। ସର୍ବଭାରତୀୟ ସ୍ତରରେ ବେକାରୀ ହାର ୩.୨ ପ୍ରତିଶତ ଥିବା ବେଳେ ଓଡିଶା ରେ ୩.୯ ପ୍ରତିଶତ ରହିଛି ବେକାରୀ ହାର। ବିଧାନସଭାରେ ବିଜେଡି ବିଧାୟକ ଧ୍ରୁବ ଚରଣ ସାହୁଙ୍କ ପ୍ରଶ୍ନରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ସ୍ୱାଇଁ ଏହି ଉତର ରଖିଛନ୍ତି। ସେ କହିଛନ୍ତି ବେକାରୀ ହାରରେ ଦେଶର ୨୧ ନମ୍ବର ରାଜ୍ୟ ତାଲିକାରେ ଓଡିଶା ରହିଛି। ରାଜ୍ୟରେ ଗ୍ରାମାଂଚଳ ଠାରୁ ସହରାଂଚଳ ସ୍ଥିତି ଆହୁରି ସଙ୍ଗିନ। ଗ୍ରାମାଂଚଳରେ ବେକାରୀ ହାର ୩.୬ ପ୍ରତିଶତ ଥିବା ବେଳେ ସହରାଂଚଳରେ ଏହି ହାର ୬.୨ ପ୍ରତିଶତ ରହିଛି।

## ବିଜେଡି ସରକାର ସମୟରେ ନୂଆ ଓ କାର୍ଯ୍ୟକ୍ରମ ପାଇଁ ଖର୍ଚ୍ଚ ହୋଇଛି ୯୫ କୋଟି ଟଙ୍କା

ଭୁବନେଶ୍ୱର, ୨୩।୮ (ମହାଭାରତ): ବିଜେଡି ସରକାର ସମୟରେ 'ନୂଆ ଓ' କାର୍ଯ୍ୟକ୍ରମରେ ନାଚ ଗୀତ ଏବଂ ଭୋଜି ଭାତ ପାଇଁ ରାଜ୍ୟ ରାଜକୋଷରୁ ପ୍ରାୟ ୯୫ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ବିଧାନସଭାରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନରେ କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଲିଖିତ ଉତରରେ ଏହା ଜଣାଇଛନ୍ତି। ସୂଚନା ଅନୁଯାୟୀ କଲେଜ ଗୁଡ଼ିକରେ ଏହି କାର୍ଯ୍ୟକ୍ରମ ପାଇଁ ରାଜ୍ୟ ସରକାରଙ୍କ ୮ ବିଭାଗ ଅନୁଦାନ ଦେଇଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା, ଉଚ୍ଚଶିକ୍ଷା, ଦକ୍ଷତା ବିକାଶ, କ୍ରୀଡା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଅନୁଦାନ ଦେଇଥିବା ବେଳେ ଆଶ୍ଚର୍ଯ୍ୟ ର କଥା ହେଲା ସ୍ୱାସ୍ଥ୍ୟ, କୃଷି ଓ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ବି 'ନୂଆ ଓ' କାର୍ଯ୍ୟକ୍ରମ ପାଇଁ ଦେଇଛନ୍ତି ଅନୁଦାନ।

# ବାଚସ୍ପତିଙ୍କୁ ଅସମ୍ମାନ ଅଭିଯୋଗ ଭିତ୍ତିହୀନ : ବିଜେଡି

ଭୁବନେଶ୍ୱର, ୨୩।୮ (ମହାଭାରତ): ବିଜୁ ଜନତା ଦଳ ମୁଖ୍ୟାଳୟ ଶଙ୍ଖ ଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ଶ୍ରୀମତୀ ଇପ୍ସିତା ସାହୁ ଓ ଶ୍ରୀମତୀ ସୋଫିଆ ଆଲମ ବାଚସ୍ପତିଙ୍କୁ ଅସମ୍ମାନ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଶ୍ରୀମତୀ ସାହୁ କହିଥିଲେ, ଆଜି ବିଜେପିର ରାଜ୍ୟ ସଭାନେତ୍ରୀ ଐଶ୍ୱର୍ଯ୍ୟା ବିଶ୍ୱାଳଙ୍କ ଦ୍ୱାରା ବିଧାନସଭରେ ମଦ ମୃତ୍ୟୁ ପ୍ରସଙ୍ଗରେ ବିଜେଡି ବିଧାୟକ ମାନେ ଅବକାରୀ ମନ୍ତ୍ରୀଙ୍କ ଇସ୍ତଫା ଦାବୀ କରିବା ସମୟରେ ବାଚସ୍ପତି ସୁରମା ପାଢ଼ି ମହୋଦୟାଙ୍କ ପ୍ରତି ଅସମ୍ମାନ ପ୍ରଦର୍ଶନ କରାଯାଇଥିବା ଅଭିଯୋଗ ଭିତ୍ତିହୀନ। ବିଜେପି ଦ୍ୱାରା ମହିଳାଙ୍କୁ ସମ୍ମାନ ପ୍ରଦାନ ନାମରେ ସ୍ୱର ଉତ୍ତୋଳନ କରିବା ସୈତାନର ବେଦପାଠ ସଦୃଶ୍ୟ। ବିଜେପି କିଭଳି ଭାବେ ମହିଳାଙ୍କୁ ସମ୍ମାନ ଦିଏ, ତାହା ଓଡ଼ିଶାବାସୀ ବେଶ ଭଲ ଭାବରେ ଜାଣନ୍ତି। ଗତ ସରକାରଙ୍କ ସମୟରେ ବରିଷ୍ଟ ବିଜେଡି ବିଧାୟିକା ଶ୍ରୀମତୀ ପ୍ରମିଳା ମଲ୍ଲିକ ରାଜ୍ୟର ପ୍ରଥମ ମହିଳା ବାଚସ୍ପତି ଭାବେ ଦାୟିତ୍ୱ ନେଇଥିଲେ। ସେହି ସମୟରେ, ବିଜେପିର ବିଧାୟକ ମାନେ ତାଙ୍କ ଉପରକୁ ଡାଲି ଫିଙ୍ଗି ଅସମ୍ମାନିତ କରିଥିଲେ। ବିଜେପିର ମହିଳା ସମ୍ମାନ ତାଙ୍କର ବିଧାନ ସଭା ଓ ଲୋକସଭା ଟିକେଟରୁ କେତେ ପ୍ରତିଶତ ମହିଳାଙ୍କୁ ଟିକେଟ ଦିଅନ୍ତି, ସେଥିରୁ ସ୍ପଷ୍ଟ ବାରି ହୁଏ। ରାଜ୍ୟସଭା ନିର୍ବାଚନରେ ଦଳୀୟ ପ୍ରାର୍ଥୀ ଭାବେ ଶ୍ରୀମତୀ ମମତା ମହାନ୍ତଙ୍କ ନାମ ଘୋଷଣା ହେବା ପରେ ସେ ନିଜର ପ୍ରାର୍ଥୀପତ୍ର ଦାଖଲ କଲେ। କିନ୍ତୁ ତାର କିଛି ସମୟ ପରେ ତାଙ୍କରି ଦଳର ଆଉ ଜଣେ ନେତା ମଧ୍ୟ ସମାନ ଆସନ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିବା କଣ ବିଜେପିର ମହିଳାଙ୍କୁ ସମ୍ମାନ ଦେବା ପାଇଁ ଉଦ୍ଦିଷ୍ଟ ବୋଲି ଶ୍ରୀମତୀ ସାହୁ କଟାକ୍ଷ କରିଥିଲେ। ସେହିପରି, ଶ୍ରୀମତୀ ଆଲମ କହିଥିଲେ, ବିଜୁ ଜନତା ଦଳ ବାଚସ୍ପତି ମହୋଦୟଙ୍କ ପ୍ରତି ଯଥେଷ୍ଟ ସମ୍ମାନ ରଖୁଛି। ସମ୍ପ୍ରତି ରାଜ୍ୟରେ ମଦ ମୃତ୍ୟୁ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଏକ ଦାୟିତ୍ୱ ବିରୋଧୀଦଳ ଭାବେ ବିଜୁ ଜନତା ଦଳର ବିଧାୟକ ମାନେ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଏହି ପ୍ରସଙ୍ଗକୁ ଗୃହରେ ଉଠାଇବା ସଙ୍ଗେ ସଙ୍ଗେ ଅବକାରୀ ମନ୍ତ୍ରୀଙ୍କ ଇସ୍ତଫା ଦାବୀ କରିଥିଲେ।

# ସୁଭଦ୍ରା ଯୋଜନାକୁ ନେଇ ରାଜ୍ୟ ସରକାରଙ୍କୁ ନବୀନଙ୍କ ସମାଲୋଚନା

ଭୁବନେଶ୍ୱର, ୨୩।୮ (ମହାଭାରତ): ନୂଆ ଯୋଜନା ସୁଭଦ୍ରା ପାଇଁ ରାଜ୍ୟ ସରକାର ଶୁକ୍ରବାର ଏସଓପି ଜାରୀ କରିଛନ୍ତି। ତେବେ ଏହାକୁ ନେଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ।

ସୋସିଆଲ ସାଇଟ୍ ଏକ୍ସରେ ନବୀନ ଲେଖିଛନ୍ତି ବିଜେପି ପ୍ରତ୍ୟେକ ମହିଳାଙ୍କୁ ୫୦,୦୦୦ ଟଙ୍କା ଦେବ ବୋଲି 'ଗ୍ୟାରେଂଟି' ଦେଇଥିଲା। ନିର୍ବାଚନ ସମୟରେ କହିଥିଲେ ୫୦,୦୦୦ ଟଙ୍କା, ଦେଉଛନ୍ତି ମାତ୍ର ୫,୦୦୦ ଟଙ୍କା। କହିଲେ ସବୁ ମହିଳା, ହେଲେ ପାଇବେ ଜମା ୩ଜଣରୁ ଜଣେ। ମା'ମାନଙ୍କୁ ଏହା କ'ଣ ବିଜେପିର ଗ୍ୟାରେଂଟି ବୋଲଇ ପ୍ରଶ୍ନ କରିଛନ୍ତି ନବୀନ। ଆମର ୪.୫ କୋଟି ଜନସଂଖ୍ୟାର ପ୍ରାୟ ୨.୨୫ କୋଟି ମହିଳା ଏଥିରେ ସାମିଲ ହେବେ ବୋଲି ଆଶା କରାଯାଉଥିଲା। କିନ୍ତୁ ଏବେ ବିଜେପି ସରକାରଙ୍କ କହିବା ମୁତାବକ କେବଳ ମାତ୍ର ୭୦ ଲକ୍ଷ ମହିଳା ଏଥିରେ ସାମିଲ ହୋଇପାରିବେ। ତାହେଲେ ବିଜେପି ସରକାରଙ୍କ 'ପ୍ରତ୍ୟେକ' ମହିଳାଙ୍କୁ ଏ ଯୋଜନାରେ ସାମିଲ କରିବା ଅର୍ଥ କ'ଣ ଏଇୟା? ମା'ମାନଙ୍କୁ ଏହା କ'ଣ ବିଜେପିର ଗ୍ୟାରେଂଟି? ନା ଏହା ଏକ ଧୂଆଁବାଣ? ମା'ମାନେ ଅନେକ ଆଶା ରଖିଥିଲେ। ଟଙ୍କା ମିଳିଲେ କିଛି ଭଲ କାମରେ ଲଗାଇବେ ବା ବ୍ୟବସାୟ କରିବେ। ହେଲେ ଏବେ କହୁଛନ୍ତି ମା'ମାନଙ୍କୁ ୬ମାସରେ ମାତ୍ର ୫,୦୦୦ ଟଙ୍କାର ସହାୟତା; ଯାହା ମାସକୁ ମାତ୍ର ୮୦୦ ଟଙ୍କା ପଡୁଛି। ଏହା କେଉଁ କାମରେ ଲାଗିବ? ଏକ ସାଙ୍ଗରେ ୫୦,୦୦୦ ଟଙ୍କାର ପ୍ରୋତ୍ସାହନ ମିଳିଥିଲେ ମା'ମାନେ ଏହାକୁ କୌଣସି କାମରେ ଲଗାଇ ପାରିଥାନ୍ତେ। କିଛି ବ୍ୟବସାୟ କରି ସଶକ୍ତ ହୋଇ ସମାଜରେ ଆଗକୁ ବଢ଼ିଥାନ୍ତେ। ସୁଭଦ୍ରା ବା କିଛି ଗ୍ୟାରେଂଟି ଯୋଜନାକୁ କାର୍ଯ୍ୟକ୍ଷମ କରିବାକୁ ବିଜେପି ସରକାର ଚଳିତ ବଜେଟରେ ୫୦,୦୦୦ କୋଟି ଟଙ୍କାର ଋଣ କରିଛନ୍ତି। ଏହା ଆମ ସମସ୍ତଙ୍କ ମୁଣ୍ଡରେ ଋଣ ବୋଝ। ଆମ ମା' ଓ ଭଉଣୀମାନଙ୍କୁ ଏହାକୁ ସୁଧ ସହ ସୁଝିବାକୁ ପଡ଼ିବ। କାରଣ ଏହା ସରକାରୀ ଅର୍ଥ ନୁହେଁ, ଋଣ ହୋଇ ଆସିଥିବା ଟଙ୍କା। ଏଥିରେ କ'ଣ ନାରୀ ସଶକ୍ତିକରଣ ସମ୍ଭବ ହେବ? ଆମେ ଖାଲି ଯାହା ଋଣ କରି ପରବ ପାଳିବା ସାର ହେବ।

## ଚଳିତ ବର୍ଷଠାରୁ ରାଜ୍ୟସ୍ତରୀୟ ସ୍ୱାୟତ ଶାସନ ଦିବସ ପାଳନ କରାଯିବ

ଭୁବନେଶ୍ୱର, ୨୩।୮ (ମହାଭାରତ): ଚଳିତ ବର୍ଷଠାରୁ ରାଜ୍ୟସ୍ତରୀୟ ସ୍ୱାୟତ ଶାସନ ଦିବସ ପାଳନ କରାଯିବ। ଏ ବାବଦରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଛି। ଚଳିତ ମାସ ୩୧ ତାରିଖ ଦିନ ନିଖିଳ ଭାରତ ସ୍ୱାୟତ ଶାସନ ଦିବସ ପରିପ୍ରେକ୍ଷୀରେ ପ୍ରଥମ ଥର ପାଇଁ ରାଜ୍ୟସ୍ତରୀୟ ସ୍ୱାୟତ ଶାସନ ଦିବସର ଆୟୋଜନ କରିବା ନିମନ୍ତେ ବିଧିବଦ୍ଧ ପ୍ରସ୍ତୁତିର ଶୁଭାରମ୍ଭ ହୋଇଛି।

## ସୁଭଦ୍ରା ଯୋଜନା ମହିଳାଙ୍କ ଜୀବନରେ ପରିବର୍ତ୍ତନ ଆଣିବ : ବିଜେପି

**ଭୁବନେଶ୍ୱର, ୨୩।୮ (ମହାଭାରତ):** ମହିଳା ସଶକ୍ତିକରଣ କ୍ଷେତ୍ରରେ 'ସୁଭଦ୍ରା ଯୋଜନା' ରାଜ୍ୟ ସରକାରଙ୍କ ଏକ ଯୁଗା'କାରୀ ପଦକ୍ଷେପ। ଏହି ଯୋଜନାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ବିଧାନସଭାରେ ଘୋଷଣା କରିଛନ୍ତି। ମୋଦିଙ୍କ ଗ୍ୟାରେଂଟିମାନେ ପ୍ରତିଶ୍ରୁତି ପୂରଣ ହେବାର ଗ୍ୟାରେଂଟି। ମହିଳା ସଶକ୍ତିକରଣ ପାଇଁ ସଂକଳ୍ପବଦ୍ଧ ଏବଂ ସମର୍ପିତ ବିଜେପିର 'ଡବଲ ଇନ ସରକାର'। ନିର୍ବାଚନ ସମୟରେ ବିଜେପି ପ୍ରତିଶ୍ରୁତି ଦେଇଥିଲା ଏବଂ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ କ୍ୟାବିନେଟ୍‌ରେ ଓଡ଼ିଶାର ମହିଳାମାନଙ୍କ ପାଇଁ ସୁଭଦ୍ରା ଯୋଜନା ଅନୁମୋଦନ ହେଲା। ଏହି ଯୋଜନା ଦ୍ୱାରା ରାଜ୍ୟର ୧ କୋଟିରୁ ଉର୍ଦ୍ଧ୍ୱ ମହିଳା ଲାଭବାନ ହେବେ ବୋଲି ରାଜ୍ୟ ଉପସଭାନେତ୍ରୀ ତଥା ପୂର୍ବତନ ବିଧାୟିକା ଶ୍ରୀମତୀ କୁସୁମ ଟେଟେ କହିବା ସହ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି।



ଶ୍ରୀମତୀ ଟେଟେ କହିଛନ୍ତି ଯେ, ଏହି ଯୋଜନା ୨୦୨୮-୨୯ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ। ଏଥିପାଇଁ ୫୫,୮୨୫କୋଟି ଟଙ୍କାର ବଜେଟ୍ ଧାର୍ଯ୍ୟ କରାଯାଇଛି। ଏହି ଯୋଜନାରେ ୨୧ ରୁ ୬୦ବର୍ଷ ପର୍ଯ୍ୟନ୍ତ ସମସ୍ତ ମହିଳାଙ୍କୁ ସାମିଲ କରାଯିବ। ପ୍ରତିବର୍ଷ ରାକ୍ଷୀପୂର୍ଣ୍ଣିମା ଏବଂ ଆନ୍ତର୍ଜାତୀୟ ମହିଳା ଦିବସରେ ୫ହଜାର ଟଙ୍କା ଲେଖାଏଁ ବାର୍ଷିକ ସମୁଦାୟ ୧୦ହଜାର ଟଙ୍କା ପ୍ରଦାନ କରାଯିବ। ସୁଭଦ୍ରା ଯୋଜନାରେ ସ୍ୱଚ୍ଛତାକୁ ଆଣିବା ପାଇଁ ଆଧାର ପେମେଂଟ ବ୍ରିଜ୍ ସିଷ୍ଟମ ଦ୍ୱାରା ଯୋଗ୍ୟ ହିତାଧିକାରୀମାନଙ୍କ ବ୍ୟାଙ୍କ ଆକାଉଂଟକୁ ଆର୍ଥିକ ସହାୟତ ପଠାଯିବ। ଏଥିସହ ମହିଳାଙ୍କୁ 'ସୁଭଦ୍ରା' ଡେବିଟ୍ କାର୍ଡ ପ୍ରଦାନ କରାଯିବ। ସୁଭଦ୍ରା ଯୋଜନା ପାଇଁ ମହିଳାମାନେ ଅଙ୍ଗନୱାଡ଼ି କେନ୍ଦ୍ର, ବ୍ଲକ କାର୍ଯ୍ୟାଳୟ, ମୋ ସେବା କେନ୍ଦ୍ର, ଜନ ସେବା କେନ୍ଦ୍ର ଇତ୍ୟାଦିରେ ଆବେଦନ କରିପାରିବେ। ଏଥିପାଇଁ କଲ୍ ସେଂଟର ମଧ୍ୟ କାର୍ଯ୍ୟକ୍ଷମ ହେବ। ଏଥିସହ ଡିଜିଟାଲ କାରବାରକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟର ପ୍ରତ୍ୟେକ ଗ୍ରାମ ପଂଚାୟତ ଏବଂ ଅରବାନ ଲୋକାଲ ବଡିରେ ସର୍ବାଧିକ ପରିମାଣର ଡିଜିଟାଲ କାରବାର କରିଥିବା ୧୦୦ଜଣ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ ୫ଶହ ଟଙ୍କା ପ୍ରୋତ୍ସାହନ ରାଶି ରୂପେ ପ୍ରଦାନ କରାଯିବ।

ସୁଭଦ୍ରା ଯୋଜନା ପାଇଁ ରାଜ୍ୟ ସରକାର ସମସ୍ତ ସୁବିଧା ଓ ସୁଯୋଗ ବ୍ୟବସ୍ଥା କରିଥିବାରୁ ଶ୍ରୀମତୀ ଟେଟେ ଧନ୍ୟବାଦ ଜଣାଇଛନ୍ତି। ଏହି ସୁଭଦ୍ରା ଯୋଜନାରୁ ଯେପରି ଯୋଗ୍ୟ ମହିଳା ବଂଚିତ ନହୁଅନ୍ତି ସେଥିପାଇଁ ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀମତୀ ଟେଟେ କହିଛନ୍ତି।

# ବିଧାନସଭା ସମ୍ମୁଖରେ ପାଚିକାଙ୍କ ବିକ୍ଷୋଭ

**ଭୁବନେଶ୍ୱର, ୨୩।୮ (ମହାଭାରତ):** ଏ.ଆ।ଇ.ୟୁ.ଟି.ୟୁ.ସି ସହବନ୍ଧିତ ଓଡ଼ିଶା ମିଳିତ ବିଦ୍ୟାଳୟ ପାଚିକା ସହାୟିକା ସଂଘ ପକ୍ଷରୁ ଗୁରୁବାର ବିଧାନସଭା ସମ୍ମୁଖରେ ପାଚିକାମାନଙ୍କର ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ସ୍ଥାନୀୟ ଜୟଦେବ ଭବନଠାରେ ସଂଘର ରାଜ୍ୟ ସମ୍ମିଳନୀ ଅନୁଷ୍ଠିତ ହେବା ପରେ ଅପରାହ୍ନରେ ଏହି ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା।



ପାଚିକା ସହାୟିକାମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା, ମାସିକ ସର୍ବନିମ୍ନ ମଜୁରୀ ୨୮ ହଜାର ଟଙ୍କା ପ୍ରଦାନ, ଅବସରକାଳୀନ ବୟସସୀମା ୬୫ବର୍ଷକୁ ବୃଦ୍ଧି କରିବା, ଅବସରକାଳୀନ ସହାୟତା ରାଶି ୨ଲକ୍ଷ ଟଙ୍କାକୁ ବୃଦ୍ଧି କରିବା, ପେନସନ ଓ ବୀମା ବ୍ୟବସ୍ଥା କରିବା, ୨୦୦୯ ମସିହା ଡିସେମ୍ବର ଠାରୁ ୨୦୧୨ ମସିହା ମାର୍ଚ୍ଚ ପର୍ଯ୍ୟନ୍ତ ୨୪ ମାସର ବର୍ଦ୍ଧିତ ବକେୟା ପାଇନଥିବା ପାଚିକାଙ୍କୁ ଅବିଳମ୍ବେ ପ୍ରଦାନ କରିବା, ବର୍ଷକୁ ୧୦ ମାସ ପରିବର୍ତ୍ତେ ୧୨ ମାସର ପାରିଶ୍ରମିକ ରାଶି ପ୍ରଦାନ କରିବା, ୨୦୨୨ ମସିହା ମେ ଓ ଜୁନ୍ ମାସର ପାରିଶ୍ରମିକ ସହିତ ସମସ୍ତ ବକେୟା ପାରିଶ୍ରମିକ ପ୍ରଦାନ କରିବା ଆ।ଦି ଦାବିରେ ସଂଘର ରାଜ୍ୟ ସଭାପତି ବିଷ୍ଣୁ ଦାସଙ୍କ ସଭାପତିତ୍ୱରେ ଏହି ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ଏହି ବିକ୍ଷୋଭ ସଭାରେ ସଂଘର କାର୍ଯ୍ୟକାରୀ ସଭାପତି ଜୟସେନ ମେହେର, ଉପସଭାପତି ବ୍ରଜବନ୍ଧୁ ସାହୁ, ରାଜକିଶୋର ମଲ୍ଲିକ, ସସ୍ମିତା ସ୍ୱାଇଁ, ସାଧାରଣ ସମ୍ପାଦିକା ଇତିଶ୍ରୀ ଜେନା, କୋଷାଧ୍ୟକ୍ଷ ନିରଞ୍ଜନ ମହାନ୍ତି, କାର୍ଯ୍ୟକାରୀ କମିଟି ସଭ୍ୟ ବିଜୟ ସାହୁ, ସସ୍ମିତା ନାୟକ ପ୍ରମୁଖ ବକ୍ତବ୍ୟ ରଖି ଉପରୋକ୍ତ ନ୍ୟାୟସଙ୍ଗତ ଦାବିଗୁଡ଼ିକୁ ସରକାର ଅବିଳମ୍ବେ ପୂରଣ କରିବା ନିମନ୍ତେ ଦୃଢ ଦାବି କରିଥିଲେ।

# ମାତୃଜାତିର ଅସମ୍ମାନ ବିଜେଡିର ଚରିତ୍ର: ମହିଳା ମୋର୍ଚ୍ଚା

**ଭୁବନେଶ୍ୱର, ୨୩।୮ (ମହାଭାରତ):** ପବିତ୍ର ବିଧାନସଭା ଗୃହରେ ବାଚସ୍ପତିଙ୍କ ଉପରେ ଆକ୍ରମଣ ଭଳି ସ୍ଥିତି ସୃଷ୍ଟି କରି ଜଣେ ମହିଳାଙ୍କ ଉପରେ ବିଜେଡି ବିଧାୟକଙ୍କ ବ୍ୟବହାର/ଆଚରଣ ଅତ୍ୟନ୍ତ ଲଜ୍ଜାଜନକ, ଦୁର୍ଭାଗ୍ୟଜନକ ଓ ଦୁଃଖଦାୟକ। ଗଣତାନ୍ତ୍ରିକ ବ୍ୟବସ୍ଥାରେ ଜଣେ ମହିଳା ବାଚସ୍ପତିଙ୍କୁ ସର୍ବାଧିକ ସମ୍ମାନ ଦେବା ବଦଳରେ ବିରୋଧୀ ଦଳର ଏପରି ବ୍ୟବହାର ସମଗ୍ର ଓଡ଼ିଶାବାସୀଙ୍କୁ ବ୍ୟଥିତ କରିଛି। ମହିଳାମାନଙ୍କୁ ଅସମ୍ମାନ ଓ ଦୁର୍ବ୍ୟବହାର କରିବା ବିଜେଡିର ଚରିତ୍ର। ଗତ ୨୪ବର୍ଷ ଶାସନରେ ମହିଳାଙ୍କ ପ୍ରତି ଅପରାଧ ସୀମା ଲଂଘିଥିଲା। ବିଜେଡି ସରକାର ସମୟରେ ମହିଳାଙ୍କ ପ୍ରତି ଯେଉଁ ଭଳି ଅପରାଧ ହୋଇଥିଲା, ବୋଧହୁଏ ଅନ୍ୟ କୌଣସି ରାଜ୍ୟରେ ସେପରି ହୋଇ ନ ଥିଲା। ଏହି ସରକାର ସମୟରେ ସାଇବର କ୍ରାଇମଠାରୁ ଆରମ୍ଭ କରି ଅନ୍ୟାନ୍ୟ ମହିଳା ବିରୋଧୀ ଅପରାଧିକ କାର୍ଯ୍ୟକଳାପରେ ଓଡ଼ିଶା ଏକ ନମ୍ବର ଥିଲା। ବିଜେଡି ଦଳ ସବୁବେଳେ ମହିଳାଙ୍କୁ ଅସମ୍ମାନ କରିଛି। ସେଥିପାଇଁ ଲୋକେ ତାଙ୍କୁ ଜବାବ ଦେଇଛନ୍ତି ବୋଲି ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମହିଳାମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଡା. ଐଶ୍ୱର୍ଯ୍ୟା ବିଶ୍ୱାଳ କହିଛନ୍ତି।

ଡା. ବିଶ୍ୱାଳ କହିଛନ୍ତି ଯେ, କ୍ଷମାତାଚ୍ୟୁତ ହେବାପରେ ଦଳ ତାକୁ ସହଜରେ ଗ୍ରହଣ କରି ନ ପାରି ଗୃହରେ ନିଜର ହତାଶାଭାବ ପ୍ରଦର୍ଶିତ କରିଛି। ମହିଳାମାନଙ୍କୁ ଅସମ୍ମାନ କରିବା ସେମାନଙ୍କ ସ୍ୱଭାବ ହୋଇଥିବାରୁ ଆଜି ମହିଳା ବାଚସ୍ପତିଙ୍କୁ ମାଡ଼ ମାରିବା ପାଇଁ ବିଜେଡି ଦଳର ବିଧାୟକମାନେ ପୋଡିୟମ ଉପରକୁ ଚଢ଼ି ଆସିଥିଲେ। ସଭ୍ୟ ସମାଜରେ ମହିଳା ବାଚସ୍ପତିଙ୍କ ଉପରକୁ ଏପରି ଆକ୍ରମଣ ସହଜରେ ଗ୍ରହଣ କରାଯାଇ ନ ପାରେ। ବିଧାନସଭା ଗୃହ ଭିତରେ ମହିଳା ବାଚସ୍ପତିଙ୍କୁ ସମ୍ମାନ ଦେଉ ନ ଥିବା ଦଳ ନିଜ ବିଧାନସଭା କ୍ଷେତ୍ରରେ କିପରି ମହିଳାଙ୍କୁ ସମ୍ମାନ ଦେଉଥିବ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଘଟଣାକୁ ଭାରତୀୟ ଜନତା ପାର୍ଟି ଏବଂ ଓଡ଼ିଶାବାସୀ ତୀବ୍ର ନିନ୍ଦା କରୁଛନ୍ତି। ଏଭଳି ସ୍ଥିତିରେ ବିଜେଡିର ମହିଳା ବିଧାୟକମାନେ ନିରବ ରହିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ମାନନୀୟା ପୂର୍ବତନ ବାଚସ୍ପତି ପ୍ରମିଳା ମଲ୍ଲିକଙ୍କ ନିରବତା ତାଙ୍କ ଅସହାୟତାକୁ ପ୍ରକଟ କରୁଛି।

ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ ବିଜେପି ସବୁବେଳେ ସବୁ ବିଷୟରେ ବିତର୍କ ପାଇଁ ପ୍ରସ୍ତୁତ। ଯଦି ଗୃହ ଚାଲନ୍ତା ମଦ ମୃତ୍ୟୁ ପ୍ରସଙ୍ଗରେ ସବୁ ଦଳର ସଦସ୍ୟମାନେ ପୁଙ୍ଖାନୁପୁଙ୍ଖଭାବେ ଆଲୋଚନା କରିପାରିଥାନ୍ତେ। ମାତ୍ର ଏଭଳି ନ କରି ଗୃହ ଚାଲିଥିବା ସମୟରେ ବିଜେଡି ଦଳ ଯେଉଁଭଳି ହିଂସ୍ର ଆଚରଣ କଲେ ସେଥିରୁ କିଛି ଲୁଚାଇବାକୁ ଚେଷ୍ଟା କରାଯାଉଥିବା ପ୍ରତୀୟମାନ ହେଉଛି। ଗତ ୨୪ ବର୍ଷ ଧରି ବେଆଇନ ମଦ କାରବାର ମାଧ୍ୟମରେ ଦଳୀୟ ଚାନ୍ଦା ଓ ଦଳର ନେତାଙ୍କ ହାତ ପାଣ୍ଠି ବିଜେଡି ଯୋଗାଡ କରିଛି। ଏଣୁ ମଦ ମୃତ୍ୟୁ ଘଟଣାରେ ସତ୍ୟ ସାମ୍ନାକୁ ଆସୁ ବୋଲି ସେମାନେ ଚାହୁନାହାଁନ୍ତି। ସତ ଲୁଚାଇବା ପାଇଁ ଜଣେ ମହିଳା ବାଚସ୍ପତିଙ୍କୁ ଅସମ୍ମାନିତ କରିବାକୁ ସେମାନେ ଉଦ୍ୟମ କରିଛନ୍ତି। ତାଙ୍କ ନେତା ନବୀନ ପଟ୍ଟନାୟକ ନିର୍ଦ୍ଦେଶରେ ଦଳର ବିଧାୟକମାନେ ଏପରି ଘଟଣା ଘଟାଇଛନ୍ତି। ମହିଳାଙ୍କୁ ଏପରି ଆକ୍ରମଣ କରିଥିବାରୁ, ବିଜେଡି ତଥା ବିରୋଧୀ ଦଳ ନେତା ନବୀନ ତାଙ୍କୁ ଆସି କ୍ଷମା ମାଗନ୍ତୁ। ଜଗନ୍ନାଥ ସଂସ୍କୃତିରେ ସବୁବେଳେ ମହିଳାମାନଙ୍କୁ ସମ୍ମାନ ଦିଆଯାଏ।

### ଆଇସିଏଆର୍ ଆଞ୍ଚଳିକ କମିଟି ବୈଠକ ଆୟୋଜିତ

# ଜଳବାୟୁ ଓ ପରିବର୍ତ୍ତନଶୀଳ ପରିବେଶରେ କୃଷି ସମସ୍ୟାର ସମାଧାନ ଉପରେ ଆଲୋଚନା

**ଭୁବନେଶ୍ୱର, ୨୩/୦୮ (ମହାଭାରତ):** ଭାରତୀୟ କୃଷି ଅନୁସନ୍ଧାନ ପରିଷଦ, ନୂଆ।ଦିଲ୍ଲୀ ଦ୍ୱାରା ଜାତୀୟ ଧାନ ଅନୁସନ୍ଧାନ ଅନୁଷ୍ଠାନ, କଟକଠାରେ ଆ।ଜି ଆ।ଇସିଏଆ।ର୍ ଆ।ଞ୍ଚଳିକ କମିଟି-୨ର ୨୭ତମ ବୈଠକ ଅନୁଷ୍ଠିତ ହେଉଛି। ଏହି ବୈଠକରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ମୁଖ୍ୟ ଅତିଥି ରୂପେ ଯୋଗଦାନ କରିଥିବାବେଳେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ରାଜ୍ୟ ମନ୍ତ୍ରୀ ଭାଗୀରଥ ଚୌଧୁରୀ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ଆ।ଜିର ଜଳବାୟୁ ଓ ପରିବର୍ତ୍ତନଶୀଳ ପରିବେଶ ଅନୁଯାୟୀ ହେଉଥିବା କୃଷି, ଉଦ୍ୟାନ କୃଷି, ପଶୁପାଳନ ଓ ମତ୍ସ୍ୟ ଉତ୍ପାଦନ ସହ ଜଡ଼ିତ ସମସ୍ୟା ଓ ତାହାର ସମାଧାନ ନେଇ ଆ।ଲୋଚନା କରାଯାଇଥିଲା।

କେନ୍ଦ୍ର ଓ ରାଜ୍ୟ ସରକାର ନିୟମିତ ଭାବେ ଜଳବାୟୁ ସମ୍ବନ୍ଧୀୟ ଫସଲ ସମସ୍ୟା ଉପରେ ଆ।ଲୋଚନା ଓ ଭବିଷ୍ୟତ ଯୋଜନା ପ୍ରସ୍ତୁତ କରୁଛନ୍ତି। କୃଷକଙ୍କ ଅଗ୍ରଗତି ପାଇଁ ଏହି



ସହଯୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କୃଷି କ୍ଷେତ୍ରରେ ଅଧିକ ପୁଞ୍ଜି ବିନିଯୋଗ ବୃଦ୍ଧି ପାଇଁ ମଧ୍ୟ ଉଦ୍ୟମ ଜାରି ରହିଛି। ପାଣିର ସଦୁପଯୋଗ, କାର୍ଯ୍ୟକାରିତା, ଫଳାଫଳର ମୂଲ୍ୟାଙ୍କନ, ଆ।ବଶ୍ୟକ ଅନୁଯାୟୀ ରଣନୀତିରେ ସଂଶୋଧନ ଓ ବିନିଯୋଗ ତୁଳନାରେ ସର୍ବାଧିକ ସମ୍ଭାବ୍ୟ ଲାଭ ପାଇବା ହେଉଛି ଆ।ମର ଲକ୍ଷ୍ୟ ବୋଲି ଶ୍ରୀ ସିଂହଦେଓ ମତବ୍ୟକ୍ତ କରିଥିଲେ।

ଜଳବାୟୁ ପରିବର୍ତ୍ତନ, ବନ୍ୟା, ମରୁଡି, ଘୂର୍ଣ୍ଣିବଳୟ, ଅତ୍ୟଧିକ ଗରମ ଲହରୀ, କୀଟ ଏବଂ ରୋଗ ସଂକ୍ରମଣ ଇତ୍ୟାଦି ଘଟଣା ଯୋଗୁଁ ଚାଷୀମାନେ ନାନାବିଧ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଓ ଫସଲ ଉତ୍ପାଦନ ପ୍ରଭାବିତ ହେଉଛି। ଏହାର ମୁକାବିଲା କରିବା ପାଇଁ ପରିବେଶ ଅନୁକୂଳ ଚାଷ ପ୍ରଣାଳୀ ଓ ବିହନକୁ ପ୍ରାଥମିକତା ଦେବା ନିହାତି ଆ।ବଶ୍ୟକ ଓ ଏଥିପାଇଁ ସରକାର ରାଜ୍ୟ ଓ କେନ୍ଦ୍ର ମଧ୍ୟରେ ସମନ୍ୱୟ ରକ୍ଷା କରି ଚାଷୀଙ୍କୁ ସୁହାଇଲା ଭଳି ଯୋଜନାମାନ ପ୍ରଣୟନ ଦିଗରେ ଚେଷ୍ଟିତ ବୋଲି ଶ୍ରୀ ଚୌଧୁରୀ କହିଥିଲେ।

ଭାରତୀୟ କୃଷି ଅନୁସନ୍ଧାନ ଏବଂ ଶିକ୍ଷା ବିଭାଗ ସଚିବ ଓ ଭାରତୀୟ କୃଷି ଅସୁସନ୍ଧାନ ପରିଷଦର ମହାନିର୍ଦ୍ଦେଶକ ହିମାଂଶୁ ପାଠକ ଏହି ବୈଠକର ସଭାପତିତ୍ୱ କରି କହିଥିଲେ ଯେ ଗବେଷଣା ପ୍ରତିଷ୍ଠାନ ଓ ବିକାଶ ବିଭାଗ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷା ଜରୁରୀ। ଉପମହାନିର୍ଦ୍ଦେଶକ ତିଳକ ରାଜ ଶର୍ମା ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ନୂଆ।ଦିଲ୍ଲୀସ୍ଥିତ ଜାତୀୟ କୃଷି ଅର୍ଥନୀତି ଓ ଅନୁସନ୍ଧାନ ପ୍ରତିଷ୍ଠାନର ନିର୍ଦ୍ଦେଶକ ପି. ଏସ୍. ବିର୍ଥାଲ ଅନୁଷ୍ଠାନ ସମ୍ବନ୍ଧୀୟ ସୂଚନା ପ୍ରଦାନ କରିଥିଲେ। ଏହି ସମାବେଶରେ ଆ।ଇସିଏଆ।ର୍ ର ବହୁ ବରିଷ୍ଠ ପଦାଧିକାରୀ ଏବଂ ପାଞ୍ଚୋଟି ରାଜ୍ୟରୁ ବହୁ ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ।

# କାଶ୍ମୀରରେ ନିର୍ବାଚନ

ନିକଟରେ ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାରଙ୍କ ନେତୃତ୍ୱରେ ୩ଜଣିଆ ସଦସ୍ୟ ବିଶିଷ୍ଟ ନିର୍ବାଚନ କମିଶନ ଟିମ୍ ଗତ ଚାରି ମାସ ମଧ୍ୟରେ ଦ୍ୱିତୀୟ ଥର ପାଇଁ ଜାମ୍ମୁ-କାଶ୍ମୀର ଗସ୍ତ କରି ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଏବଂ ସ୍ଥାନୀୟ ପ୍ରଶାସନ ସହ ଆଲୋଚନା କରିବା ୯୦ଜଣିଆ ସଦସ୍ୟ ବିଶିଷ୍ଟ କେନ୍ଦ୍ରଶାସିତ ଅଂଚଳର ବିଧାନସଭା ନିର୍ବାଚନ ନେଇ ଏବେ କାର୍ଯ୍ୟସୂଚୀ ଘୋଷଣା କରିଛନ୍ତି। କହିବା ବାହୁଲ୍ୟ ଯେ, ଗତ ମାର୍ଚ୍ଚ ମାସରେ ପ୍ରଥମ ଥର ପାଇଁ ନିର୍ବାଚନ କମିଶନ ଟିମ୍ ଜାମ୍ମୁ-କାଶ୍ମୀର ଗସ୍ତ କରିଥିବା ବେଳେ ଦ୍ୱିତୀୟ ଥର ପାଇଁ ନିକଟରେ ରାଜନୈତିକ ଦଳର ପ୍ରତିନିଧି ଓ ସ୍ଥାନୀୟ ନେତାମାନଙ୍କ ସହ ନିର୍ବାଚନ ନେଇ ବିଚାର ବିମର୍ଷ କରିଥିଲେ। ଆସନ୍ତା ସେପ୍ଟେମ୍ବର ୧୮,୨୫ ଏବଂ ଅକ୍ଟୋବର ୧ରେ ଭୋଟ ଗ୍ରହଣ କରାଯାଇ ୪ରେ ଗଣତି କରାଯିବ। ଦୀର୍ଘ ୧୦ବର୍ଷ ପରେ ଏହା ପ୍ରଥମ ନିର୍ବାଚନ। ଉଲ୍ଲେଖଯୋଗ୍ୟ ଯେ, ଜାମ୍ମୁ-କାଶ୍ମୀରରୁ ସମ୍ବିଧାନର ୩୭୦ ଧାରା ଉଚ୍ଛେଦ ମାମଲାର ରାୟ ପ୍ରକାଶ କରିବା ଅବସରରେ ଗତ ଡିସେମ୍ବର ମାସରେ ସୁପ୍ରିମକୋର୍ଟ ଆସନ୍ତା ସେପ୍ଟେମ୍ବର ୩୦ ତାରିଖ ସୁଦ୍ଧା ବିଧାନସଭା ନିର୍ବାଚନ କରିବାକୁ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜାମ୍ମୁ-କାଶ୍ମୀରକୁ ରାଜ୍ୟାପହ୍ୟା ପ୍ରଦାନ ପର୍ଯ୍ୟନ୍ତ ବିଧାନସଭା ନିର୍ବାଚନକୁ କଦାପି ସ୍ଥଗିତ ରଖାଯାଇପାରିବ ନାହିଁ। ସୂଚନା ଦିଆଯାଇପାରେ ଯେ, ଶେଷ ଥର ପାଇଁ ୨୦୨୪ରେ ବିଧାନସଭା ନିର୍ବାଚନ ହୋଇଥିଲା। ୨୦୧୯ ଅଗଷ୍ଟ ୫ତାରିଖ ଦିନ କେନ୍ଦ୍ର ସରକାର ଜାମ୍ମୁ-କାଶ୍ମୀରର ବିଭାଜନ କରି ରାଜ୍ୟାପାହ୍ୟା ରଦ୍ଦ କରି ଦୁଇଟି କେନ୍ଦ୍ରଶାସିତ ଅଂଚଳରେ ପରିଣତ କରିବା ସହ ସମ୍ବିଧାନର ସ୍ୱତନ୍ତ୍ର ୩୭୦ ଧାରା ଉଚ୍ଛେଦ କରିବା ସଙ୍ଗେ ସଙ୍ଗେ ବିଧାନସଭାକୁ ଭାଙ୍ଗି ଦେଇଥିଲେ। ସେହିଦିନଠାରୁ ୫ବର୍ଷର ପୁରୁଣା କେନ୍ଦ୍ରଶାସିତ ଅଂଚଳ ଜାମ୍ମୁ-କାଶ୍ମୀର ଉପ-ରାଜ୍ୟପାଳଙ୍କ ଦ୍ୱାରା ଶାସିତ ହୋଇଆସୁଛି। ୨୦୧୪ରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ କୌଣସି ଦଳ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରିନଥିବାରୁ ପ୍ରଥମ ଥର ପାଇଁ ପିଡିପି ଏବଂ ବିଜେପି ମିଳିତ ସରକାର ଗଠିତ ହୋଇଥିଲା। ୨୦୧୮ରେ ମିଳିତ ସରକାରର ପତନ ଘଟିଥିଲା। ସେହିଦିନ ଠାରୁ ସେଠାରେ କୌଣସି ପ୍ରତିନିଧିତ୍ୱ ମୂଳକ ଶାସନ ବ୍ୟବସ୍ଥା ନଥିବାବେଳେ ୨୦୧୯ରେ କେନ୍ଦ୍ର ସରକାର ରାଜ୍ୟମାନ୍ୟତା ରଦ୍ଦ କରି ଜାମ୍ମୁ-କାଶ୍ମୀର ଓ ଲଦାଖକୁ ଦୁଇଟି କେନ୍ଦ୍ରଶାସିତ ଅଂଚଳରେ ପରିଣତ କରିଥିଲେ। ତେବେ ଜାମ୍ମୁ-କାଶ୍ମୀର ପାଇଁ ୯୦ଜଣିଆ ସଦସ୍ୟ ବିଶିଷ୍ଟ ବିଧାନସଭା ଥିବାବେଳେ ଲଦାଖର ବିଧାନସଭା ନାହିଁ। ଜଣେ ପ୍ରଶାସନିଙ୍କ ଦ୍ୱାରା ଶାସିତ ହେଉଛି। ଅନ୍ୟପକ୍ଷରେ ଜାମ୍ମୁ-କାଶ୍ମୀର ବିଧାନସଭା ନିର୍ବାଚନ ପାଇଁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ପରେ କେନ୍ଦ୍ରଶାସିତ ଅଂଚଳରେ ଆତଙ୍କବାଦୀଙ୍କ କାର୍ଯ୍ୟକଳାପ ବୃଦ୍ଧି ପାଇଛି। ଆତଙ୍କବାଦୀ କାଶ୍ମୀର ଉପତ୍ୟକା ବଦଳରେ ଏବେ ଜାମ୍ମୁ-ଅଂଚଳକୁ ନିଶାଣ କରିଛନ୍ତି। ଚଳିତ ବର୍ଷ ଆରମ୍ଭରୁ ଆତଙ୍କବାଦୀଙ୍କ ଗୁଳିରେ ବର୍ତ୍ତମାନ ସୁଦ୍ଧା ୪୮ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ସେମାନଙ୍କ ମଧ୍ୟରେ ୧୨ଜଣ ଯବାନ ସହିଦ ହୋଇଛନ୍ତି। ଆତଙ୍କବାଦୀଙ୍କ ରକ୍ତର ହୋରି ସତ୍ତ୍ୱେ ଚଳିତ ବର୍ଷ ଏପ୍ରିଲ-ମେ'ରେ ହୋଇଥିବା ସାଧାରଣ (ଲୋକସଭା) ନିର୍ବାଚନରେ ଭୋଟଦାତା ପରମ୍ପରାଗତ ଭୋଟ ବର୍ଜନ ପନ୍ଥା ପରିହାର କରି ଯେଉଁଭଳି ବିପୁଳ ସଂଖ୍ୟାରେ ମତଦାନ କରିବାକୁ ଆଗେଇ ଆସିଥିଲେ, ସେଥିରୁ ବୁଲେଟକୁ ସେମାନେ ହେୟ ଜ୍ଞାନ କରିଥିବା ସ୍ୱଷ୍ଟ ସଂକେତ ପ୍ରଦାନ କରୁଛି। ନିର୍ବାଚନ କମିଶନରଙ୍କ ଠାରୁ ମିଳିଥିବା ତଥ୍ୟ ଅନୁସାରେ କେନ୍ଦ୍ରଶାସିତ ଅଂଚଳର ୫ଟି ଲୋକସଭା ଆସନରେ ୫୮ ପ୍ରତିଶତରୁ ଅଧିକ ଭୋଟଦାତା ମତ ସାବ୍ୟସ୍ତ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ୧୯୯୦ ପରଠାରୁ ଜାମ୍ମୁ-କାଶ୍ମୀରରେ ମତଦାନ ହାର କେବେହେଲେ ୪୦ ପ୍ରତିଶତ ଅତିକ୍ରମ କରିନଥିଲେ। କେନ୍ଦ୍ରଶାସିତ ଅଂଚଳର ଭୋଟଦାତା ଯେ, ପ୍ରତିନିଧିମୂଳକ ଶାସନ ଏବଂ ଏକ ନିର୍ବାଚନ ସରକାର ଗଠନ ସପକ୍ଷରେ ଥିବା ଏହି ଭୋଟହାର ସନ୍ଦେଶ ଦିଏ। ଏହା ନିସନ୍ଦେହ ଯେ, କେନ୍ଦ୍ରଶାସିତ ଅଂଚଳରେ ଏବେ ବେକାରୀ, ବେରୋଜଗାରୀ ବୃଦ୍ଧି ପାଉଥିବାବେଳେ ଜନସାଧାରଣ ଘୋର ପାନୀୟ ଜଳ ସଂକଟର ମୁହାଁମୁହିଁ ହୋଇଆସୁଛନ୍ତି। ଏଥିସହ ସ୍ୱାସ୍ଥ୍ୟ ସେବା ମଧ୍ୟ ଅତ୍ୟନ୍ତ ବିପର୍ଯ୍ୟନ୍ତ ହୋଇପଡିଛି। କେନ୍ଦ୍ରଶାସିତ ଅଂଚଳର ଜନସାଧାରଣ ସମ୍ମୁଖୀନ ହୋଇଥିବା ସମସ୍ୟାର ତୁରନ୍ତ ସମାଧାନ ଲାଗି ସେଠାରେ ନିର୍ବାଚିତ ସରକାର ଗଠନ ଜରୁରୀ ହୋଇପଡିଛି। ବିଧାନସଭା ନିର୍ବାଚନ ପରେ ଜାମ୍ମୁ-କାଶ୍ମୀରକୁ ରାଜ୍ୟ ମର୍ଯ୍ୟାଦା ପ୍ରଦାନ ପାଇଁ କେନ୍ଦ୍ର ସରକାର ଯଥାଶୀଘ୍ର ପଦକ୍ଷେପ ନେବେ ବୋଲି ଆଶା କରାଯାଏ।

# ବ୍ରିଟେନରେ ସ୍ଥିତି ଅସମ୍ଭାଳ

॥ ସୌମେନ୍ଦ୍ର ଜେନା ॥

ବ୍ରିଟେନର ଲିଡ୍ସ ସହରରସ୍ଥିତି ଏବେ ଅସମ୍ଭାଳ ହୋଇଛି। ସ୍ଥାନୀୟ ଲୋକେ ଏବେ ସନ୍ତ୍ରସ୍ତ ଅବସ୍ଥାରେ ରହିଛନ୍ତି। ରାଜନେତାମାନଙ୍କର ଦୂରଦୃଷ୍ଟିବିହୀନ ପଦକ୍ଷେପ ପାଇଁ ସ୍ଥାନୀୟ ବାସିନ୍ଦା ଏବେ ସଙ୍କଟରେ ପଡିଛନ୍ତି। ବିଦେଶାଗତ ଶରଣାର୍ଥୀମାନଙ୍କ ପାଇଁ ଲିଡ୍ସର ମୂଳ ବାସିନ୍ଦା ନିଜ ସହରରେ ଏବେ ସଂଖ୍ୟାଲଘୁ ହୋଇଯାଇଛନ୍ତି। ଫଳରେ ବିଦେଶାଗତ ଲୋକେ ଏବେ ସ୍ଥାନୀୟ ଲୋକମାନଙ୍କୁ ବିତାଡିତ କରିବା କିମ୍ବା ଧ୍ୱଂସ କରିବା ସ୍ଥିତିକୁ ଆସିଗଲେଣି। ତିରିଶବର୍ଷ ପୂର୍ବେ ଏହି ସହର ବେଶ୍ ସୁନ୍ଦର ଏବଂ ଜନସଂଖ୍ୟା ଦୃଷ୍ଟିରୁ ସମୃଦ୍ଧ ଥିଲା। ଏବେ ସ୍ଥାନୀୟ ଲୋକେ ଶରଣାର୍ଥୀ ସମସ୍ୟା ଯୋଗୁ ଭୟଭୀତ ହୋଇ ରହିଛନ୍ତି। ନିକଟରେ ଏକ ଛୋଟ ଘଟଣାକୁ କେନ୍ଦ୍ରକରି ଯେପରି ପୋଡାଜଳା ଏବଂ ଗୋଳମାଳ ହେଲା ତାହା ଆଗାମୀ ଦିନର ଆଶଙ୍କାକୁ ସୁଦୃଢ କରିଛି।

ବ୍ରିଟେନର ଆଇନ ଅନୁସାରେ ସେଠାରେ ଅଭିଭାବକ ପିଲାମାନଙ୍କ ପ୍ରତି ହିଂସା ଆଚରଣ ବା ଶାସନ ନାମରେ ମାଡ ଦେଇପାରିବ ନାହିଁ। ହେଲେ ନିକଟରେ ଏକ ରୋମା ମୁସଲିମ ପରିବାର ନିଜ ପିଲାକୁ ମାଡ ଦେବାବେଳେ ସେଠାକାର ଜଣେ ମହିଳା ସେହି ଘଟଣାର ଭିଡିଓ କରି ଶିଶୁ ଅଧିକାର କାର୍ଯ୍ୟରେ ନିୟୋଜିତ ଥିବା ଏଜେନ୍ସୀକୁ ପଠାଇ ଦେଲେ। ଏଜେନ୍ସୀର ଲୋକେ ପିଲାଟିକୁ ନିଜର ଅକ୍ତିଆରକୁ ନେବାପାଇଁ ଉଦ୍ୟମ କରିବା ସମୟରେ ସ୍ଥାନୀୟ ଲୋକମାନଙ୍କର ବିରୋଧର ସମ୍ମୁଖୀନ ହୋଇଥିଲେ। ପରେ ପୁଲିସ ଆସି ପିଲାଟିକୁ ନେଇଯିବାରେ ସାହାଯ୍ୟ କରିବା ଯୋଗୁ ସ୍ଥାନୀୟ ଲୋକମାନଙ୍କର ପ୍ରଚଣ୍ଡ ବିରୋଧର ସମ୍ମୁଖୀନ ହୋଇଥିଲା। ଏପରିକି ଗୋଳମାଳରତ ଲୋକେ ପୁଲିସର ଗୋଟିଏ ଗାଡିକୁ ଓଲଟାଇ ଦେବା ପରେ ଦୀର୍ଘ ସମୟ ପାଇଁ ସେହି ଅଞ୍ଚଳକୁ ପୁଲିସ ବାହିନୀ ପ୍ରବେଶ କରିବା କଷ୍ଟକର ହୋଇପଡିଥିଲା। ଟେକାମାଡ ଏବଂ ପ୍ରତିରୋଧର ସମ୍ମୁଖୀନ ହୋଇ ପୁଲିସକୁ ଘଣ୍ଟା ଘଣ୍ଟା ଧରି ଗୋଳମାଳ ଅଞ୍ଚଳ ବାହାରେ ରହିବାକୁ ପଡିଥିଲା। ସେହି ଅଞ୍ଚଳ ଯେପରି ଗୋଳମାଳକାରୀଙ୍କର ସୁରକ୍ଷିତ ଅଞ୍ଚଳ ଭାବେ ଜଣାପଡୁଥିଲା।

ଇଂଲଣ୍ଡର ପଶ୍ଚିମ ୟର୍କସାୟାରର ଏକ ଛୋଟ ଶିଳ୍ପନଗରୀ ହେଉଛି ଲିଡ୍ସ। ୧୮୯୩ରେ ଏହାକୁ ସହରର ମାନ୍ୟତା ପ୍ରଦାନ କରାଯାଇଥିଲା। ସ୍ଥାନୀୟ ଗ୍ରାମଗୁଡିକୁ ନେଇ ଏହି ସହରଟି ମୁଣ୍ଡ ଟେକିଥିଲା। ୫ଲକ୍ଷରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଏହି ସହରଟିରେ ପ୍ରାୟ ଏକଲକ୍ଷ ୯ହଜାର କମ୍ପାନୀ ରହିଛନ୍ତି। ଇଂଲଣ୍ଡର ମୋଟ ଅର୍ଥନୀତିର ୫ପ୍ରତିଶତ ଏହି ସହର ପ୍ରଦାନ କରିଥାଏ। ସହରଟିରେ ୪ଟି ବିଶ୍ୱବିଦ୍ୟାଳୟ ରହିଛି। ଲିଡ୍ସର ବାହାର ପାଖର ଲୋକଙ୍କୁ ମିଶାଇଲେ ଲିଡ୍ସ ଜିଲ୍ଲାରେ ୮୧୨୦୦୦ ଜନସଂଖ୍ୟା ରହିଛି। ଗତ ମାସ ଜୁଲାଇର ତୃତୀୟ ସପ୍ତାହରେ ସହରର ହାରେହିଲ୍ସ ଅଞ୍ଚଳରେ ସିଟିସେଣ୍ଟର ନିକଟସ୍ଥ ଲକ୍‌ଜରଷ୍ଟ୍ରୀଟ ଅଞ୍ଚଳରେ ବ୍ୟାପକ ଗୋଳମାଳ ଦେଖାଦେଇ ଗୋଟିଏ ବସକୁ ପୋଡି ଦିଆଯାଇଥିଲା।

ହାରେ ହିଲ୍ସ ଷ୍ଟ୍ରୀଟ ଅଞ୍ଚଳରେ ଜନସଂଖ୍ୟାର ବଡ ଅଂଶ ବିଦେଶାଗତ ଶରଣାର୍ଥୀ ରହିଛନ୍ତି। ଏବେ ମୋଟ ଜନସଂଖ୍ୟା ୩୧୦୦୦ ରହିଥିଲାବେଳେ ମୁସଲିମ ୧୨୧୭୦, ଖ୍ରୀଷ୍ଟିଆନ ୧୦୭୬୦, ହିନ୍ଦୁ ୩୦୦, ଶିଖ ୬୦୦, ବୌଦ୍ଧ ୧୪୦,ଇହୁଦୀ ୫୦୧୯ ରହିଛନ୍ତି। ତିନିଦଶନ୍ଧି ପୂର୍ବେ ଏହି ଅଞ୍ଚଳଟି ଖ୍ରୀଷ୍ଟିଆନବହୁଳ ଥିଲା, ଯାହା ଏବେ ମୁସଲିମବହୁଳ ହୋଇଛି। ୧୯୯୭ରେ ବ୍ରିଟେନରେ ଶ୍ରମିକଦଳ ସରକାର କ୍ଷମତାକୁ ଆସିବାପରେ ଟୋନି ବ୍ଲେୟାରଙ୍କ ଦଳ ବିଦେଶାଗତ ଲୋକଙ୍କ ପ୍ରବେଶ ପାଇଁ ଅଞ୍ଚଳକୁ ଖୋଲି ଦେଇଥିଲେ। ସେତେବେଳେ ଆଫଗାନିସ୍ଥାନ ଏବଂ ପାକିସ୍ଥାନରେ ଖରାପ ପରିସ୍ଥିତି ଥିଲା। ଫଳରେ ଏହି ଦୁଇ ରାଷ୍ଟ୍ର ସମେତ ଅନ୍ୟାନ୍ୟ ମଧ୍ୟପ୍ରାଚ୍ୟରୁ ଲୋକେ ସହରରେ ପ୍ରବେଶ କଲେ। ମୋଟ ବିଦେଶାଗତ ଲୋକଙ୍କ ମଧ୍ୟରୁ ୮୬ ପ୍ରତିଶତ ଲୋକେ ଏବେ ଭଡାଘରେ ବସବାସ କରୁଛନ୍ତି। ପ୍ରାୟ ୧୧୮୦୦ ଏସୀୟ ଏବଂ ୬୦୦୦ ଆଫ୍ରିକୀୟ ଲୋକ ଏହି ଅଞ୍ଚଳରେ ଥିଲାବେଳେ ପ୍ରାୟ ୪୦୦ ଆରବର ଲୋକ ମଧ୍ୟ ରହୁଛନ୍ତି। ଇଂଲଣ୍ଡକୁ ଆସୁଥିବା ଏସିଆର ଶରଣାର୍ଥୀଙ୍କ ପାଇଁ ସୁବିଧା ହେଲା ଇଂଲଣ୍ଡରେ ଥିବା ସାମାଜିକ ସୁରକ୍ଷା। ଏହି ସୁରକ୍ଷାକୁ ସେମାନେ ଆଧାର କରି କୌଣସି କାର୍ଯ୍ୟ କରୁନାହାନ୍ତି। ସୀମିତ ସାଧନରେ ଚଳିଯିବାର ଅଭ୍ୟାସ ରହିଥିବାରୁ ସେମାନେ ରୋଜଗାର ପାଇଁ କାର୍ଯ୍ୟକରିବା ଆବଶ୍ୟକ ବୋଲି ମଧ୍ୟ ମନେ କରୁନାହାନ୍ତି।

ବ୍ରିଟେନରେ ସନ୍ତ୍ରାସବାଦୀଙ୍କୁ ପ୍ରୋତ୍ସାହନ ଦେବା ଅଭିଯୋଗରେ ମୁସଲିମ ସଂଗଠନ ଅଲ-ଜିହାରୌନର ଅଞ୍ଜେମ ଚୌଧୁରୀଙ୍କୁ ନିକଟରେ ପୁଲିସ ଗିରଫ କରିଛି। ବ୍ରିଟେନର ସେଣ୍ଟ୍ରାଲ କ୍ରିମିନାଲ କୋର୍ଟରେ ଅଞ୍ଜେମ ବିରୁଦ୍ଧରେ ଅଭିଯୋଗ ଆସିଥିଲା। ବ୍ରିଟେନରେ ଯୁବକମାନଙ୍କୁ ମୌଳବାଦୀ ଭାବେ ଗଢିତୋଳିବା ଲାଗି ଅଞ୍ଜେମ କାର୍ଯ୍ୟକରୁଥିବା କଥା କୁହାଯାଉଛି। ମୋମେଣ୍ଟ ଭିଲ୍ଲେଠାରେ ଭାଷଣ ଦେବା ଅବସରରେ ଚୌଧୁରୀ ଇସଲାମିକ ମୌଳବାଦର ପ୍ରଶଂସା କରିଥିଲା। ପୂର୍ବ ଇଂଲଣ୍ଡର ଇଲଫୋର୍ଡଠାରେ ରହୁଥିବା ୫୭ବର୍ଷୀୟ ଚୌଧୁରୀଙ୍କୁ ଜୁଲାଇ ୨୦୨୩ରେ ମଧ୍ୟ ପୁଲିସ ଗିରଫ କରିଥିଲା। ପରେ ସ୍କଟଲାଣ୍ଡ ପୁଲିସ ପକ୍ଷରୁ ତାକୁ ଛାଡି ଦିଆଯାଇଥିଲା। ବ୍ରିଟେନରେ ଅଲ ମହାଜିରୌନକୁ ନିଷିଦ୍ଧ କରାଯାଇଛି। ଉଲଓ୍ୱିଚ କ୍ରାଉନ ଅଦାଲତରେ ତାର ବିଚାର ହୋଇଥିଲା। ୨୦୧୪ରୁ ଅନ୍‌ଲାଇନ୍ ମିଟିଂ ମାଧ୍ୟମରେ ଚୌଧୁରୀ ଲୋକମାନଙ୍କୁ ମୌଳବାଦ ଶିକ୍ଷା ଦେଇଆସୁଥିଲା। ଅଲ ମୁହାଜିରୌନ ସଂଗଠନର ୩ଜଣ ପ୍ରମୁଖ ପ୍ରତିଷ୍ଠାତାଙ୍କ ମଧ୍ୟରୁ ଚୌଧୁରୀ ଅନ୍ୟତମ। ଆମେରିକାର ଅନ୍ୟ ଏକ ବିଚାରଗୋଷ୍ଠୀ 'ଥିଙ୍କର୍ସ ସୋସାଇଟୀ' ପାଇଁ ମଧ୍ୟ ସେ ସହଯୋଗୀ ଭାବେ କାର୍ଯ୍ୟ କରିଥାଏ। ଏହି ଗୋଷ୍ଠୀ ୨୦୨୨-୨୩ରେ ଆମେରିକା ମଧ୍ୟରେ ଅନେକ ଅନ୍‌ଲାଇନ ସଭାର ଆୟୋଜନ କରିଥିଲା। ଆମେରିକା, ବ୍ରିଟେନ ଓ କାନାଡା ପକ୍ଷରୁ ମିଳିତ ଅନୁସନ୍ଧାନ ପରେ ଅଲ୍ ମହାଜିରୌନ,ଆଇଟିଏମ୍ ଏବଂ ଚୌଧୁରୀ ମଧ୍ୟରେ ରହିଥିବା ସଂପର୍କକୁ କେନ୍ଦ୍ର କରି ପ୍ରାୟ ୧୬୦୦ ପୃଷ୍ଠାର ଦଲିଲ ଏବଂ ଅନେକ ଅଡିଓ ଭିଡିଓ ଟେପକୁ ପୁଲିସ କୋର୍ଟ ନିକଟରେ ଦାଖଲ କରିଛି।

କମାଣ୍ଡର ଡୋମିନିକ ମର୍ଫେଙ୍କ କହିବାନୁସାରେ ଅଲ୍-ମୁହାଜିରୌନ ସଂଗଠନ ବିଶ୍ୱର ଭିନ୍ନ ଭିନ୍ନ ରାଷ୍ଟ୍ରରେ ସକ୍ରୀୟ ରହିଛି। ଏମାନେ ସନ୍ତ୍ରାସବାଦୀଙ୍କୁ ଗୋଟିଏ ଦେଶରୁ ଅନ୍ୟଦେଶକୁ ପଠାଇ କାର୍ଯ୍ୟ ସଂପାଦନ କରିଥାନ୍ତି। ଏହି ସଂଗଠନ ୧୯୯୬ରେ ବ୍ରିଟେନରେ ଆରମ୍ଭ ହୋଇଥିଲା। ୨୦୦୬ରେ ଏହି ସଂଗଠନ "ଅଲ୍ ଘୁରାବା" ନାମରେ ଚାଲିଥିଲାବେଳେ ନିଷିଦ୍ଧ ହୋଇଥିଲା। ୨୦୧୦ରେ ନିଷିଦ୍ଧ ତାଲିକାରେ ଅଲ୍-ମୁହାଜିରୌନ ଆସିଥିଲା।

ବିଗତ ଦିନମାନଙ୍କରେ ପ୍ରାୟ ୬୦୦ ଲୋକ ଏହି ସଂଗଠନ ସହ ଯୋଡିହୋଇଛନ୍ତି। ଇସଲାମର କ୍ଷମତା ଦଖଲ ଏବଂ ସରିୟା ଆଇନ ପ୍ରଚଳନ କରିବା ହେଉଛି ଏମାନଙ୍କର ଅସଲ ଲକ୍ଷ୍ୟ। ଏହି ଗୋଷ୍ଠୀର ଜଣେ ସନ୍ତ୍ରାସୀ ୨୦୧୭ରେ ଲଣ୍ଡନର ଓ୍ୱେଷ୍ଟମିନିଷ୍ଟର ବ୍ରିଜ୍‌ଠାରେ ୫ଜଣ ଲୋକଙ୍କୁ ଆକ୍ରମଣ କରି ହତ୍ୟା କରିଥିଲା। ଠିକ୍ ସେମିତି ଲଣ୍ଡନ ବ୍ରିଜ୍‌ଠାରେ ୩ଜଣ ସନ୍ତ୍ରାସବାଦୀ ଆକ୍ରମଣକରି ୮ଜଣ ଲୋକଙ୍କୁ ହତ୍ୟା କରିଥିଲେ। ୨୦୧୯ରେ ଲଣ୍ଡନର ଫିସମୋଙ୍ଗର୍ସଠାରେ ଅନ୍ୟ ଏକ ଘଟଣାରେ ସଂଗଠନର ଜଣେ ସନ୍ତ୍ରାସବାଦୀ ଆକ୍ରମଣରେ ୨ଜଣ ଲୋକ ମୃତ୍ୟୁବରଣ କରିଥିଲେ। ଏହି ଗୋଷ୍ଠୀ ଉତ୍ତେଜନା ସୃଷ୍ଟି କରିବା ସହ ୯/୧୧ ଘଟଣାକୁ ପ୍ରଶଂସାକରି ସାମରିକ ଶୋକପାଳନକୁ ଉପହାସ କରୁଥିଲେ, ଗଣମାଧ୍ୟମରେ ପ୍ରଚାର କରୁଥିଲେ।

୨୦୧୦ରେ ନିଷିଦ୍ଧ ହେବା ପରଠାରୁ ଏହି ଗୋଷ୍ଠୀ ବାରମ୍ବାର ନାମ ପରିବର୍ତ୍ତନ କରି ଆସୁଥିଲା। ୫୦ରୁ ଅଧିକ ଛଦ୍ମନାମରେ ଏହି ସଂଗଠନ ନିଜ ସ୍ଥିତିକୁ ସୁଦୃଢ ରଖିଥିଲା। ୧୭ଜୁଲାଇ ୨୦୨୩ରେ ଅଞ୍ଜେମକୁ ବ୍ରିଟେନର ସ୍କଟଲାଣ୍ଡ ୟାର୍ଡ ପୁଲିସ ଗିରଫ କରିଥିଲା। ପୂର୍ବରୁ ୨୦୧୬ରେ ମଧ୍ୟ ସେ ଇସ୍‌ଲାମିକ ଷ୍ଟେଟକୁ ସମର୍ଥନ କରି ଜେଲଯାଇଥିଲା ଏବଂ ସେହି ମାମଲାରେ ୨୦୧୮ରେ ଜେଲରୁ ବାହାରିଥିଲା। ଜେଲରୁ ବାହାରି ଚୌଧୁରୀ ନିଜର ପୁରୁଣା କାର୍ଯ୍ୟରେ ଲାଗିପଡିଲା। ଅଞ୍ଜେମ ଗିରଫ ହେବା ଦିନ ଇଂଲଣ୍ଡର ହିଥ୍ରୋ ବିମାନବନ୍ଦରଠାରେ ତାର ଜଣେ କାନାଡାର ସହଯୋଗୀ ଏଡମଣ୍ଟର ବାସିନ୍ଦା ଖାଲେଦ ହୁସେନକୁ ଅଟକ ରଖାଯାଇଥିଲା। ଗତ ୨୫ବର୍ଷ ଧରି ବ୍ରିଟେନରେ ଚୌଧୁରୀ ସନ୍ତ୍ରାସବାଦକୁ ସମର୍ଥନ କରି ମୌଳବାଦର ପ୍ରଚାର କରିଆସିଛି। ସେ ୧୯୯୦ ଦଶକରେ ସିରିଆର ମୌଳବାଦୀ ନେତା ଓମର ବୁଖାରୀ ମହମ୍ମଦର ଛାତ୍ରଥିଲା। ୨୦୧୪ରେ ଲେବାନନ୍‌ରେ ବୁଖାରୀକୁ ଜେଲ ହୋଇଥିଲା। ବୁଖାରୀ ଜେଲ ଯିବା ପରଠାରୁ ଚୌଧୁରୀ ସଂଗଠନର ଦାୟିତ୍ୱ ନେଇଥିଲା। ବିଚାରପତି ଟମ୍ ଲିଟିଲଙ୍କ କହିବାନୁସାରେ ଚୌଧୁରୀ ବ୍ରିଟେନର ଜେଲରୁ ୨୦୧୮ରେ ମୁକ୍ତ ହେବାପରେ ଆମେରିକାର 'ଇସଲାମିକ ଥିଙ୍କର୍ସ ସୋସାଇଟୀ' ପାଇଁ ବକ୍ତା ସାଜି ଅନ୍‌ଲାଇନ୍ ଭାଷଣ ଦେଉଥିଲା। ତା ଶିଷ୍ୟ ଖାଲେଦ ହୁସେନ୍ ନିଜକୁ ଅବୁ ଐସା ଅଲ୍ କାନାଡି ପରିଚୟ ଦେଇ କାନାଡାର ଏକ ପେଟ୍ରୋଲ ପମ୍ପରେ କାର୍ଯ୍ୟ କରୁଥିଲା। ସେ ଚୌଧୁରୀର ଅନ୍‌ଲାଇନ ସଭାର ଆୟୋଜନ କରୁଥିଲା। କାନାଡାର ରୟାଲ କାନାଡିଆନ ମାଉଣ୍ଟେଡ ପୁଲିସର ନଜର ତା ଉପରେ ରହିଥିଲା। ଦୁହେଁ ଟ୍ୱିଟର ମାଧ୍ୟମରେ ଜେଲରେ ଥିବା ଇସଲାମିକ ମୌଳବାଦୀଙ୍କୁ ମୁକ୍ତ କରିବା ଅଭିଯାନର ପ୍ରଚାର କରୁଥିଲେ। ଦେଖିବାକୁ ଗଲେ ଆମେରିକାର ଦି ଇସଲାମିକ ଥିଙ୍କର୍ସ ସୋସାଇଟୀ ହେଉଛି ବାସ୍ତବରେ 'ଅଲ୍ -ମୁହାଜିରୌନ ନର୍ଥ ଆମେରିକା' ଶାଖା। ୨୦୧୨ରେ ଲଣ୍ଡନର ଦକ୍ଷିଣ ଭାଗରେ ଲି ରିଗ୍‌ବୀ ନାମକ ଜଣେ ବ୍ରିଟିସ ଯବାନକୁ ଅଲ୍-ମୁହାଜିରୌନ ସମର୍ଥକମାନେ ହତ୍ୟା କରିଥିଲେ। ବ୍ରିଟେନରେ ନିଷେଧାଜ୍ଞାକୁ ଏଡାଇବା ଲାଗି ଚୌଧୁରୀ ନିଜ ସଂଗଠନର ନାମକୁ ୧୧ଥର ବଦଳାଇଛି। ସିଏନ୍‌ଏନ୍ ସହ ସାକ୍ଷାତ ସମୟରେ ଚୌଧୁରୀ ୯/୧୧, ୭/୭, ୩/୧୧ କଥା ଉଲ୍ଲେଖ କରିଥିଲା। ୯/୧୧/୨୦୦୧ରେ ନିଉୟର୍କର ବାଣିଜ୍ୟ କେନ୍ଦ୍ର ଉପରେ ଆକ୍ରମଣ, ୭/୭/୨୦୦୫ରେ ଲଣ୍ଡନରେ ଆକ୍ରମଣ ଏବଂ ୧୧/୩/୨୦୦୪ରେ ମାଡ୍ରିଦଠାରେ ଇସଲାମିକ ସନ୍ତ୍ରାସବାଦୀ ଆକ୍ରମଣ ହୋଇଥିଲା। ଅଦାଲତରେ ଦାଖଲ ହୋଇଥିବା ଏକ ରେକର୍ଡ ଭାଷଣ ଯାହା ୧୨ଜୁନ ୨୦୨୨ରେ ଚୌଧୁରୀ ଦେଇଥିଲା, ତାହା ଲୋକଙ୍କୁ ଶୁଣାଯାଇଥିଲା। ସେଥିରେ ଚୌଧୁରୀ କହିଥିଲା, ଏହା ହେଉଛି ଭଲରୁ ଉତ୍ତମ, ଦୁଷ୍ଟ ବିରୁଦ୍ଧରେ ଆଲ୍ଲାଙ୍କ ନିର୍ଦ୍ଦେଶ, ତାଙ୍କ ନିର୍ଦ୍ଦେଶିତ ଜିହାଦର ମାର୍ଗ, ତାଠାରୁ କିଛି ଭଲ ନାହିଁ। ଯେଉଁମାନେ ମୁଜାହିଦ୍ଦୀନଙ୍କୁ ସମର୍ଥନ କରୁନାହାନ୍ତି, ସେମାନଙ୍କର ଆଲ୍ଲାଙ୍କ ଉପରେ ଯଥେଷ୍ଟ ଭରସା ନାହିଁ। ସେମାନେ ମୋତେ ଧର୍ମାନ୍ଧ କହିବେ, ତୁମପାଇଁ କିନ୍ତୁ ଆଲ୍ଲା ହିଁ ଭଲ। ଆଲ୍ଲାଙ୍କ ପାଇଁ ଆକ୍ରମଣ କର। କାରଣ ତାହା ହେଉଛି ସୁନ୍ନତ ଆଲ୍ଲା ବା ଆଲ୍ଲାଙ୍କ ମାର୍ଗ। ଅନ୍ୟ ଏକ ଭାଷଣରେ ଚୌଧୁରୀ କହିଥିଲା, 'କୋରାନରେ ଆଲ୍ଲା ଯେମିତି କହିଛନ୍ତି,ସେମାନଙ୍କ ବିରୁଦ୍ଧରେ ତୁମେ ସମସ୍ତ ଶକ୍ତି ଉପଯୋଗ କରି ଯେତେଦୂର ପାରୁଛ ଯୁଦ୍ଧ ଜାରିରଖ।'

ନିକଟରେ ମାଞ୍ଚେଷ୍ଟର ବିମାନବନ୍ଦରଠାରେ ପୁଲିସ ଜଣେ ଆଗତ ମୌଲବୀକୁ ପ୍ରଶ୍ନକରି ସନ୍ତୁଷ୍ଟ ନହେବାରୁ ତଳେ ଠେଲି ପକାଇ ଦେଇଥିଲେ। ଏହି ଘଟଣାକୁ କେନ୍ଦ୍ରକରି ବ୍ରିଟେନରେ ଥିଲା ଇସଲାମିକ ଗୋଷ୍ଠୀ ସ୍ଥାନୀୟ ପୁଲିସକୁ ବିରୋଧ କରି ସଡକରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ବିଗତ ଦିନମାନଙ୍କରେ ପ୍ରାୟ ୯୯ଜଣ ଲୋକ ବ୍ରିଟେନରେ ସନ୍ତ୍ରାସବାଦ ଯୋଗୁ ମୃତ୍ୟୁବରଣ କଲେଣି। ସେମାନଙ୍କ ଭିତରୁ ଅଧିକାଂଶ ଇସଲାମିକ ସନ୍ତ୍ରାସ ଯୋଗୁ ମୃତ୍ୟୁବରଣ କରିଛନ୍ତି। ବ୍ରିଟେନରେ ହେଉଥିବା ଦଙ୍ଗାଗୋଳର ୯୬ ପ୍ରତିଶତ ଘଟଣା ମୁସଲମାନଙ୍କ ଯୋଗୁ ହେଉଛି। ବ୍ରିଟେନର ଶ୍ରମିକଦଳର ସରକାର ନିକଟରେ କ୍ଷମତାକୁ ଆସିବା ପରଠାରୁ ମୌଳବାଦୀଙ୍କ ସକ୍ରୀୟତା ବଢିଛି ଏବଂ ସେମାନଙ୍କ ପ୍ରତି ସରକାରଙ୍କ ଶ୍ରଦ୍ଧା ମଧ୍ୟ ଦେଖିବାକୁ ମିଳିଛି। ବ୍ରିଟେନରେ ରାଷ୍ଟ୍ରବାଦୀ ଏବେ ଇସଲାମିକ ମୌଳବାଦୀଙ୍କ ବିରୁଦ୍ଧରେ ଖଡ୍‌ଗହସ୍ତ ହୋଇଛନ୍ତି। ନିକଟରେ ଆମେରିକାର ଉଦ୍ୟୋଗପତି ଇଲନ୍ ମସ୍କ ବ୍ରିଟେନର ପବ୍‌ରେ ପାଲେଷ୍ଟାଇନର ପତାକାଧରି ଅନେକ ଲୋକ ପ୍ରଦର୍ଶନ କରିବା ଘଟଣାକୁ ସମାଲୋଚନା (କ୍ରମଶଃ)

# ଖୁଦୁରୁକୁଣୀ ଓଷା

॥ ନିରୁପମା ଭୂୟାଁ ॥

ଓଡ଼ିଶା ପର୍ବପର୍ବାଣୀର ଦେଶ। ବିଭିନ୍ନ ଋତୁର ପରିବେଶ ଅନୁଯାୟୀ ପର୍ବଗୁଡ଼ିକ ପରିକଳ୍ପିତ। ଏହି ପର୍ବଗୁଡ଼ିକ ସାଧାରଣତଃ ଧର୍ମ ଓ ପୌରାଣିକ ଉପାଖ୍ୟାନ ତଥା କିମ୍ବଦନ୍ତୀ ଉପରେ ପ୍ରତିଷ୍ଠିତ। ଶରତ ଋତୁରେ ଯେଉଁସବୁ ପର୍ବପର୍ବାଣୀ ପାଳିତ ହୁଏ ତା ମଧ୍ୟରେ ଖୁଦୁରୁକୁଣୀ ଓଷା ଅନ୍ୟତମ। ଏହି ପୂଜା ଓଡ଼ିଶାର ଏକ ମୌଳିକ ପର୍ବ। ଓଡ଼ିଶାର କେତେକ ସ୍ଥାନରେ ଏହା ଭାଲୁକୁଣୀ ଓଷା ନାମରେ ପରିଚିତ। ଭାଦ୍ରବ ମାସର ପ୍ରତି ରବିବାର ଦିନ ପାଳିତ ହୋଇଥାଏ ଏହି ଓଷା। କୁମାରୀ କନ୍ୟା ଓ ନବବିବାହିତା ବଧୂମାନେ ପାଳନ କରନ୍ତି ଏହି ପର୍ବ। ଏହି ପୂଜାରେ ସିଂହବାହିନୀ ମଙ୍ଗଳାଙ୍କୁ ପୂଜା କରାଯାଏ। ସେଦିନ କୁମାରୀମାନେ ସାରୁପତ୍ର ବା କଦଳୀ ମଞ୍ଜାରେ ଫୁଲ ତୋଡ଼ା ଖୋସି ମଙ୍ଗଳା ମୂର୍ତ୍ତି ପୂଜା କରନ୍ତି। ଭାଦ୍ରବ ମାସର ଶେଷ ରବିବାର ଦିନ ଏହି ପୂଜା ଉଦ୍‌ଯାପିତ ହୁଏ।

ଏହି ପୂଜା ସହିତ ପ୍ରାଚୀନ ଉତ୍କଳର ଏକ ଜଣାଶୁଣା ଉପାଖ୍ୟାନ ଜଡ଼ିତ। ଏହି ଉପାଖ୍ୟାନ ସାଧବ ଝିଅ ତଅପୋଇର ଉପାଖ୍ୟାନ। ଖୁଦୁରୁକୁଣୀ ଓଷାରେ କୁମାରୀମାନେ ମା' ମଙ୍ଗଳାଙ୍କୁ ପୂଜା କରି ସ୍ୱର୍ଗୀୟ ଗୋପୀନାଥ ଦାସଙ୍କ ରଚିତ ଖୁଦୁରୁକୁଣୀ ଓଷା ନାମକ ପୁସ୍ତକ ପାଠ କରନ୍ତି। ଉତ୍କଳୀୟ ସଂସ୍କୃତି ସହିତ ଏହି ଓଷାର ବହୁଳ ସଂପର୍କ ରହିଛି। ଓଡ଼ିଆ ଜାତି ଯେ ଦିନେନା ଦିନେ ଦେଶବିଦେଶ ସହିତ ନୌବାଣିଜ୍ୟ କରି ସମୃଦ୍ଧିଶାଳୀ ହୋଇଥିଲା ଗାଁ ଗହଳୀରେ କୁମାରୀମାନେ ପାଳନ କରୁଥିବା ଏହି ପର୍ବ ତାହାର ସ୍ମୃତି ବହନ କରେ। ତା'ଛଡ଼ା ଏହାର ଧାର୍ମିକ ଗୁରୁତ୍ୱ ମଧ୍ୟ ରହିଛି। କୁମାରୀମାନଙ୍କ ମଧ୍ୟରେ ଧର୍ମଭାବ ଉଦ୍ରେକ କରିବା ଦିଗରେ ଏହା ଯୁଗ ଯୁଗରୁ ପ୍ରେରଣା ଯୋଗେଇ ଆସିଛି। ପାରିବାରିକ ସୁଖ ଶାନ୍ତି ପାଇଁ ନଣନ୍ଦ ଭାଉଜ ମଧ୍ୟରେ କି ପ୍ରକାର ସୌହାର୍ଦ୍ଦ ରହିବା ଆବଶ୍ୟକ ତାହା ପ୍ରତି ଏହି ଉପାଖ୍ୟାନଟି ଦୃଷ୍ଟି ଆକର୍ଷଣ କରେ। ପର ଶିକ୍ଷାରେ ପଡ଼ି ଅନେକ ସମୟରେ କିପରି ଲୋକେ ବହୁ ପ୍ରମାଦ ଘଟାଇଥାଆନ୍ତି, ତାହା ମଧ୍ୟ ଏଥିରେ ପ୍ରତିଫଳିତ। ଖୁଦୁରୁକୁଣୀ ଓଷା ଦିନ କୁମାରୀମାନେ ପ୍ରାତଃକାଳରେ ଶର୍ଯ୍ୟା ତ୍ୟାଗକରି ଚାଙ୍ଗୁଡ଼ି ଧରି ଫୁଲ ତୋଳି ଯାଆନ୍ତି। କନିଅର, ଗୋଡ଼ିବାଣ, ଟଗର, ମାଳତୀ, ଚମ୍ପା, ମନ୍ଦାର ଓ କଇଁ ଆଦି ତୋଳି ଆଣନ୍ତି। ତତ୍‌ପରେ ନଦୀ ବା ପୁଷ୍କରିଣୀରେ ସ୍ନାନ କରି ସେଠାରେ ମାଟିରେ ଗୋଟିଏ ଦେଉଳ ତିଆରି କରି ବଜ୍ରମୂଳୀ ଦାନ୍ତ କାଠି ଆଦି ପୋତି ଫୁଲରେ ସଜାଇ ଦିଅନ୍ତି। ଭୋଗ ଲଗାଇ ଘରକୁ ଫେରନ୍ତି। ଘରେ ପ୍ରଥମେ ଲୁଣ ନପକାଇ ଅଢ଼େଇ ଗୁଣ୍ଡା ପଖାଳ ଭାତ ଖାଇସାରିବା ପରେ ଲୁଣ ପକାଇ ଖାଆନ୍ତି। ସମସ୍ତେ ମିଶି ଫୁଲ ଗୁନ୍ଥନ୍ତି। ଢ଼ିଙ୍କିଶାଳ ଲିପାପୋଛା କରି ମଙ୍ଗଳାଙ୍କୁ ସ୍ଥାପନା କରନ୍ତି। ଫୁଲମାଳ ଆଦି ଲମ୍ବାଇ ଘରକୁ ସଜାଇ ଦିଅନ୍ତି। ଝୋଟି ଚିତା ଆଦି ଦିଆ ହୋଇଥାଏ। ପୂଜା ସ୍ଥାନରେ କୋଠି କଟା ହୋଇଥାଏ। ସନ୍ଧ୍ୟାବେଳେ ପୂଜା ଆରମ୍ଭ କରି ଖୁଦୁରୁକୁଣୀ ବ୍ରତ କଥା ପଢ଼ାଯାଏ। କୁମାରୀମାନେ ଭକ୍ତିର ସହିତ ଏହାକୁ ଶୁଣନ୍ତି। ଶେଷରେ ମଙ୍ଗଳାଙ୍କ ଠାରେ ଭୋଗ ଲାଗି କରାଯାଏ। ଏହି ଭୋଗକୁ ଛୋଟ ପିଲାଙ୍କୁ ବଣ୍ଟାଯାଏ। ପୂଜା ଦିନ ସନ୍ଧ୍ୟାରେ କୁମାରୀମାନେ ପୂଜା ସ୍ଥାନରେ ସମାବେତ ହୋଇ ପୂଜା ପରେ ପୁଚି ଖେଳିଥାନ୍ତି। ପୁଚି ଖେଳ ପ୍ରତିଯୋଗିତା ଏହି ଓଷାର ଏକ ଅବିଚ୍ଛେଦ୍ୟ ଅଂଶ କହିଲେ କିଛି ଭୁଲ ହେବନାହିଁ। ଏହି ଓଷାରେ ମଙ୍ଗଳାଙ୍କ ପୂଜା କରାଯାଉଥିଲେ ମଧ୍ୟ ଏହି ଠାକୁରାଣୀଙ୍କୁ ଖୁଦୁରୁକୁଣୀ କୁହାଯାଇଥାଏ। ଠାକୁରାଣୀଙ୍କର ଖୁଦ୍ ଅତିପ୍ରିୟ ହୋଇଥିବାରୁ ତାଙ୍କୁ ଖୁଦ ରଙ୍କୁଣି କୁହାଯାଇଥାଏ। ଖୁଦୁରୁକୁଣୀ ଶବ୍ଦଟି ଏହି ଖୁଦ ରଙ୍କୁଣୀ ଶବ୍ଦର ଅପଭ୍ରଂଶ ମାତ୍ର। ଏହି ପୂଜାରେ ଖୁଦଭଜା ଓ ଖୁଦପିଠା ଭୋଗ ଦିଆଯାଉଥିବାରୁ ଏହି ପର୍ବର ନାମ ଖୁଦୁରୁକୁଣୀ। ଏହା ଏକ ମାତୃଜାତୀୟ ପର୍ବ। ମାତୃଜାତିକୁ ଗଢ଼ିବା ପାଇଁ ଏପରି ପର୍ବ ଆମ ସମାଜରେ ପ୍ରବର୍ତ୍ତିତ କରାଯାଇଛି। ତେଣୁ କୁମାରୀମାନେ ଏହି ପର୍ବକୁ ଯଥାବିଧି ପାଳନ କରିବା ଉଚିତ୍।


ପୂର୍ବତନ ଜିଲ୍ଲା ସଂଯୋଜିକା (ଶିକ୍ଷା) ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ, କେନ୍ଦ୍ରାପଡ଼ା ଜିଲ୍ଲା, ପଲାଇ ବାଲିଚନ୍ଦ୍ରପୁର, ଯାଜପୁର,
ଦୂରଭାଷ : ୯୯୩୭୪୭୦୯୮୦


# 'ହୁ'ର ସ୍ୱାସ୍ଥ୍ୟ ସତର୍କତା ଓ ମଙ୍କିପକ୍ସ

॥ ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ ॥

ମୌସୁମୀ ବର୍ଷାର ପ୍ରକୋପ ଭିତରେ କରୋନା ପରବର୍ତ୍ତୀ ସମୟରେ ନୂଆ ନୂଆ ରୂପରେ ନୂଆ ଭାରିଆଣ୍ଟ ସବୁ ସେମାନଙ୍କ କାୟା ଦେଖାଇଲେଣି। ବର୍ତ୍ତମାନ ସମୟରେ ସବୁଠାରୁ ବଡ଼ ଆଲୋଚନା କୁହାଯାଉଥିବା ରୋଗଟି ହେଉଛି ମଙ୍କିପକ୍ସ। ବାସ୍ତବରେ ମଙ୍କିପକ୍ସର ଲକ୍ଷଣଟି ହେଉଛି ଚିକେନ ପକ୍ସ ଓ ହାଡ଼ଫୁଟି ଭଳି ଏଥିରେ ଆକ୍ରାନ୍ତ ହେଲେ ଶରୀରରେ ନାଲି ଦାଗ ସହିତ ସେହି ସ୍ଥାନ ଫୁଲିଯାଇଥାଏ। ଫଳରେ ଅନେକ ମାତ୍ରାରେ ଦରଜ ହୋଇଥାଏ। ତେବେ ଆଫ୍ରିକା ଦେଶରୁ ବିଶ୍ୱର ବିଭିନ୍ନ ଦେଶକୁ ଏକ ପ୍ରକାର ସଂକ୍ରାମକ ଭାବେ ବ୍ୟାପୁଥିବା ମାରାତ୍ମକ ମଙ୍କିପକ୍ସର ଆତଙ୍କ ସମସ୍ତଙ୍କ ଭିତରେ ଭୟ ସୃଷ୍ଟି କରିଛି। ବିଶେଷକରି ଭାରତରେ ଏହି ଆତଙ୍କ ଦେଖାଦେବା ପରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସୀମାନ୍ତବର୍ତ୍ତୀ ଅଞ୍ଚଳ ଓ ବିମାନ ବନ୍ଦର ସମେତ ବଡ଼ ବଡ଼ ସହର ପାଇଁ ଗାଇଡ଼ ଲାଇନ ଜାରି କରିଛନ୍ତି। ତେବେ ଏଯାବତ୍ କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ କୌଣସି ସ୍ୱତନ୍ତ୍ର ସୂଚନା ଆସିନାହିଁ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହାକୁ ଏକ ମାରାତ୍ମକ ରୋଗ ବୋଲି ଘୋଷଣା କରିବା ପରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଆଗୁଆ ପ୍ରସ୍ତୁତି ହେବାସହ ହସ୍ପିଟାଲ ଗୁଡ଼ିକରେ ବ୍ୟାପକ ସୁବିଧା ଓ ଚିକିତ୍ସା ବ୍ୟବସ୍ଥା ସବୁ ରହିଛି।

ଆରମ୍ଭ ସମୟରେ କେବଳ ମାଙ୍କଡ ଠାରୁ ମନୁଷ୍ୟ ଶରୀରକୁ ଏହି ସଂକ୍ରମଣ ଘଟୁଥିଲା। ସଂକ୍ରମିତ ମନୁଷ୍ୟ ଠାରୁ ଅନ୍ୟ ଜଣେ ସୁସ୍ଥ ମନୁଷ୍ୟ ପାଖକୁ ଏହା ପ୍ରସାରିତ ହେବା ପ୍ରାୟ ଦେଖାଯାଉନଥିଲା। କିଛି ବର୍ଷା ହେବ କିନ୍ତୁ ଏହି ଭୂତାଣୁ ହଠାତ୍ ଭୌଗୋଳିକ ଓ ଶାରୀରିକ ସୀମା ଅତିକ୍ରମ କରି ଆତ୍ମପ୍ରକାଶ କଲା ଇଉରୋପରେ ଏବଂ ଯାହା ଅତ୍ୟନ୍ତ ବିପଜ୍ଜନକ, ତାହା ହେଲା - ଏହି ଭୂତାଣୁ ମନୁଷ୍ୟ ଶରୀରରୁ ଅନ୍ୟ ମନୁଷ୍ୟ ଶରୀରକୁ ଡେଇଁବା ଦେଖାଗଲା। ପୂର୍ବଭଳି ଏହାର ପ୍ରସାର ଆଉ ମର୍କଟ ଶରୀର ଉପରେ ନିର୍ଭରଶୀଳ ହୋଇ ରହିଲା ନାହିଁ। ଏଥିରେ ଯାହା ଏକ ଅସମାହିତ ପ୍ରଶ୍ନ ହୋଇ ରହିଛି, ତାହା ହେଲା ଆଫ୍ରିକାରୁ ଆଦୌ ଯାତ୍ରା କରିନଥିବା ବ୍ୟକ୍ତିମାନଙ୍କ ଠାରେ ଏହି ରୋଗର ଆବିର୍ଭାବ ଘଟିବା ଦେଖାଗଲା। ଏହି ବ୍ୟାଧିଗ୍ରସ୍ତମାନଙ୍କ ଠାରେ 'ଫ୍ଲୁ' ଭଳି ଲକ୍ଷଣ ପ୍ରକାଶ ପାଇବା ସହିତ ଚର୍ମରେ ହାଡ଼ଫୁଟି ବା ବସନ୍ତ ଭଳି ଫୋଟକାମାନ ବାହାରିଥାଏ।

ମଙ୍କପକ୍ସକୁ କେହି କେହି 'ବାନର ବସନ୍ତ' ବୋଲି ଅଭିହିତ କରୁଥିବାବେଳେ ଏହା ବିଶ୍ୱର ପ୍ରାୟ ୭୫ଟି ଉର୍ଦ୍ଧ୍ୱ ଦେଶରେ ପ୍ରାୟ ୨୫,୦୦୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ସଂକ୍ରମିତ କଲାଣି। ତେବେ ଅଧିକାଂଶ ସଂକ୍ରମଣ ଘଟିଛି ଇଉରୋପ (ପ୍ରାୟ ୭୦ ଶତାଂଶ) ଓ ଆମେରିକା (୧୫ ଶତାଂଶ)ରେ। ଆଉ ଏଠାରେ ଏହି ସଂକ୍ରମଣର ଯେଉଁ ଏକ ଚରିତ୍ର ଦୃଶ୍ୟମାନ ହୋଇଛି, ତାହାର ୧୯୮୦ ଦଶକରେ ସେଇ ଆଫ୍ରିକାରୁ ଉଦ୍ଭବ ହୋଇ ପୃଥିବୀ ସାରା ଆତଙ୍କ ସୃଷ୍ଟି କରିଥିବା ଅନ୍ୟ ଏକ ଭୂତାଣୁଜନିତ ବ୍ୟାଧି ସହିତ ଥିବା ସାମଞ୍ଜସ୍ୟ, ଯେତିକି ଚିନ୍ତା ଓ ଆତ୍ମସମୀକ୍ଷାର କାରଣ ହୋଇଥାଏ, ସେତିକି ଭୟର କାରଣ ହୋଇଥାଏ। ତାହା ମଧ୍ୟ ଥିଲା ଏକ ଆଫ୍ରିକୀୟ ମର୍କଟ ସୂତ୍ରରୁ ଆସିଥିବା - ସବୁଜ ମର୍କଟ ଭୟଙ୍କର ବ୍ୟାଧି ଏଡ଼ସ। ସେଇ ବ୍ୟାଧି ଯେତେବେଳେ ପ୍ରଥମେ ପାଶ୍ଚାତ୍ୟ ଦେଶମାନଙ୍କରେ ବ୍ୟାପିବାକୁ ଆରମ୍ଭ କଲା, ସେତେବେଳେ ତାହା ପ୍ରାୟ ଗୋଟିଏ ନିର୍ଦ୍ଦିଷ୍ଟ ଗୋଷ୍ଠୀ ମଧ୍ୟରେ ସୀମିତ ହୋଇ ରହିଥିଲା - ସମଲିଙ୍ଗୀ ପୁରୁଷମାନଙ୍କ ମଧ୍ୟରେ। ଠିକ 'ଏଡ୍‌ସ'କୁ ଅନୁକରଣ କଲା ଭଳି ବିଗତ ସମୟରେ ଇଉରୋପ ଓ ଆମେରିକାରେ ଯେଉଁମାନେ 'ମଙ୍କି ପକ୍ସ' ଦ୍ୱାରା ସଂକ୍ରମିତ ହୋଇଥିବା ଚିହ୍ନଟ ହୋଇଛନ୍ତି, ସେମାନେ ପ୍ରାୟ ସମସ୍ତେ ହେଉଛନ୍ତି ପୁରୁଷମାନଙ୍କ ସହିତ ଯୌନ ସମ୍ପର୍କ ରଖୁଥିବା ପୁରୁଷ। ସେମାନଙ୍କ ମଧ୍ୟରୁ ଅନେକ 'ମଙ୍କିପକ୍ସ' ଦ୍ୱାରା ସଂକ୍ରମିତ ହେବା ପୂର୍ବର ଏକ ବର୍ଷ ମଧ୍ୟରେ ଅନ୍ୟ କୌଣସି ଯୌନ ସଂକ୍ରମିତ ବ୍ୟାଧି ଦ୍ୱାରା ପୀଡ଼ିତ ହୋଇଥିବା ମଧ୍ୟ ଜଣାପଡ଼ିଛି। ସଂକ୍ରମିତମାନଙ୍କ ମଧ୍ୟରୁ ପ୍ରାୟ ଏକ ତୃତୀୟାଂଶ ବହୁ ସଂଖ୍ୟକ ସାଥୀ ମାନଙ୍କ ସହିତ ଯୌନ ସମ୍ପର୍କ ସ୍ଥାପନ କରିବାରେ ଅଭ୍ୟସ୍ତ ଥିବା ମଧ୍ୟ ପ୍ରକାଶ କରିଛନ୍ତି। ବୈଜ୍ଞାନିକମାନେ ପ୍ରାୟ ଏକମତ ଯେ ଶ୍ୱାସପ୍ରଶ୍ୱାସରୁ ନିର୍ଗତ କଣିକା ବା 'ଡ୍ରପଲେଟ୍' (ଯେମିତି କୋଭିଡ଼ ସଂକ୍ରମଣ କ୍ଷେତ୍ରରେ ଘଟିଥାଏ) ମଙ୍କିପକ୍ସ ଭୂତାଣୁର ପ୍ରସାର ଘଟିନଥାଏ। ସେମାନେ ନିଶ୍ଚିତ ଯେ ବର୍ତ୍ତମାନ ପର୍ଯ୍ୟନ୍ତ ଘଟିଥିବା ବାନର ବସନ୍ତ ସଂକ୍ରମଣ ପ୍ରାୟ ସମ୍ପୂର୍ଣ୍ଣ ରୂପେ ଚର୍ମ-ଚର୍ମ ସ୍ପର୍ଶ ମାଧ୍ୟମରେ ସଂଘଟିତ ହୋଇଛି ଯେଉଁଥିରେ ଯୌନ ସମ୍ପର୍କ ଅନ୍ତର୍ଭୁକ୍ତ।

କିଛି ଲୋକ ସମଲିଙ୍ଗୀ ଯୌନ ସମ୍ପର୍କକୁ ଅପ୍ରାକୃତିକ ଓ ଅନୈତିକ କହୁଥିବାବେଳେ ଅନ୍ୟମାନେ ସମଲିଙ୍ଗୀ ଆଚରଣକୁ ଏକ ଗର୍ବବୋଧର ବାହକ ବୋଲି ବିଶ୍ୱାସ କରନ୍ତି। ଏହା ଏପରି ଏକ ଶକ୍ତିଶାଳୀ ଆନ୍ଦୋଳନର ରୂପ ନେଇଛି ଯେ ଗୋଟିକ ପରେ ଗୋଟିଏ ଦେଶରେ ସମଲିଙ୍ଗୀ ବିବାହକୁ ମଧ୍ୟ ଆଇନଗତ ସ୍ୱୀକୃତି ପ୍ରଦାନ କରାଯିବାରେ ଲାଗିଛି। ଏହାର ସମର୍ଥକମାନଙ୍କ ଦୃଷ୍ଟିରେ କିନ୍ତୁ ସମଲିଙ୍ଗୀ ସମ୍ପର୍କରେ କୌଣସି ଅନୈତିକତାର ଦାଗ ନଥାଏ। ଯେଉଁମାନେ ଆପେକ୍ଷିକ ନୈତିକତାବାଦରେ ବିଶ୍ୱାସ କରନ୍ତି, ସେମାନଙ୍କ ପାଇଁ ବିଶୁଦ୍ଧ ନୀତି ବା ବିଶୁଦ୍ଧ ଅନୀତି କିମ୍ବା ବିଶୁଦ୍ଧ ପାପ ବା ବିଶୁଦ୍ଧ ପୂଣ୍ୟ ବୋଲି କିଛି ନଥାଏ। କିନ୍ତୁ ସାଧାରଣ ଜ୍ଞାନ ଅନୁସାରେ ଯାହା ପ୍ରକୃତି ବିରୁଦ୍ଧ ହୋଇଥାଏ, ତାହା ହେଉଛି ଅନୀତି ବା ପାପ। ପ୍ରକୃତି ବିରୁଦ୍ଧ ଆଚରଣର ପରିଣାମ କେବେହେଲେ ଶୁଭଙ୍କର ହୋଇନଥାଏ ତାହା ହୋଇଥାଏ ପାପର ଫସଲ। ଅନେକଙ୍କ ମତରେ ଅତୀତରେ ଏଡ଼ସ ଯଦି ଏହା ପ୍ରମାଣିତ କରିଥିଲା, ବର୍ତ୍ତମାନ ମଙ୍କିପକ୍ସ ତାହାକୁ ଆଉଥରେ ପ୍ରମାଣ କରିଛି। ବିପଦର କଥା ହେଲା ଏହି ଫସଲ ସେହି ସମଲିଙ୍ଗୀ ପୁରୁଷ ଗୋଷ୍ଠୀରେ ସୀମିତ ନ ରହି କ୍ରମେ ଅନ୍ୟ କ୍ଷେତକୁ ମଧ୍ୟ ମାଡ଼ିଯାଏ, ଯେମିତି ଘଟିଛି, ଏଡ଼ସ କ୍ଷେତ୍ରରେ। ଉଦାହରଣ ସ୍ୱରୂପ ଆମେରିକାରେ ବର୍ତ୍ତମାନ ନୂତନ ଏଡ଼ସ ସଂକ୍ରମିତମାନଙ୍କ ମଧ୍ୟରୁ ଏକ ଚତୁର୍ଥାଂଶ ହେଉଛନ୍ତି ମହିଳା। ମଙ୍କିପକ୍ସ କ୍ଷେତ୍ରରେ ମଧ୍ୟ ତାହା ଘଟିବା ନିଶ୍ଚିତ। ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ପାପ ପାଇଁ ବୃହତ୍ତର ସମାଜକୁ ପ୍ରାୟଶ୍ଚିତ କରିବାକୁ ପଡ଼ିଥାଏ। ଏକ ଆଶ୍ୱାସନର କଥା ଏହା ଯେ ବସନ୍ତ ରୋଗ ପାଇଁ ଉଦ୍ଭାବିତ ହୋଇଥିବା ଏକ ଟିକା ମଙ୍କିପକ୍ସ ନିରାକରଣରେ ମଧ୍ୟ ଫଳପ୍ରଦ ହେଉଛି। 'ହୁ' ଏବେ ମଙ୍କିପକ୍ସକୁ ଏକ ଆନ୍ତର୍ଜାତିକ ଏମର୍ଜେନ୍ସି ଫେଇକ୍ ରୂପେ ଘୋଷଣା କଲା ପରେ ଏହି ଟିକା ଉତ୍ପାଦନ ଓ ବଣ୍ଟନକୁ ନିୟନ୍ତ୍ରଣ କରି ଏହି ନୂତନ ବିପଦର ମୁକାବିଲା କରିବାକୁ ଅଧିକ ସକ୍ଷମ ହେବ। ଆଶା 'ହୁ'ର ଏହି ସମୟୋଚିତ ପଦକ୍ଷେପ ଏଥିରେ ସେଇଭଳି ସଫଳତା ହାସଲ କରିବ ଯାହା କୋଭିଡକୁ କାବୁ କରିବାରେ ହାସଲ କରି ପାରିନଥିଲା। ମଙ୍କିପକ୍ସକୁ ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଗାଇଡ଼ ଲାଇନଟି ହେଉଛି ସମ୍ପୂର୍ଣ୍ଣ ସୁସ୍ଥ ହେବା ପର୍ଯ୍ୟନ୍ତ ରୋଗୀ ସଙ୍ଗରୋଧରେ ରହିବେ। ଶରୀରର ସମସ୍ତ ଘା ଶୁଖିବା ପର୍ଯ୍ୟନ୍ତ ସଂକ୍ରମିତ ରୋଗୀ ସଙ୍ଗରୋଧରେ ରହିବେ। ରୋଗୀ ତିନି ଥାକିଆ ମାସ୍କ ପିନ୍ଧିବେ। ଶରୀରରେ ହୋଇଥିବା ଘା ଓ ବଥ ଗୁଡ଼ିକୁ ଯଥାସମ୍ଭବ ଘୋଡ଼ାଇ ରଖିବା ଉଚିତ। ସଂକ୍ରମିତ ମଙ୍କିପକ୍ସ ରୋଗୀଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତି ୨୧ ଦିନ ଆଇସୋଲେସନରେ ରହିବେ। ମଙ୍କିପକ୍ସ ରୋଗୀଙ୍କ ଯତ୍ନ ନେଉଥିବା ବ୍ୟକ୍ତି ପିପିଇ କିଟ୍ ପିନ୍ଧିବେ। ମଙ୍କିପକ୍ସ ରୋଗୀଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତି ଲକ୍ଷଣ ନଥିଲେ ବି ବ୍ଲଡ଼, ସେଲ୍, ଟିସୁ ଆଦି ଦାନ କରିପାରିବେନି। ସଂକ୍ରମିତ ରୋଗୀଙ୍କ ସଂସ୍ପର୍ଶରେ ଆସୁଥିଲେ ବାରମ୍ବାର ହାତ ଧୋଇବେ ଏବଂ ସାନିଟାଇଜର ବ୍ୟବହାର କରିବେ।

ମଙ୍କିପକ୍ସ ରାଜ୍ୟକୁ ଆସିବା ପୂର୍ବରୁ ଅନେକ ସ୍ୱାସ୍ଥ୍ୟ ସାବଧାନତା ଓ ସତର୍କତା ମଧ୍ୟ ଜରୁରୀ। ମଙ୍କିପକ୍ସର ଲକ୍ଷଣ ଦେଖାଦେବା ମାତ୍ରେ ରୋଗୀଟିକୁ ଆଇସୋଲେସନରେ ତୁରନ୍ତ ରଖିବା ଜରୁରୀ। ସେହିଭଳି ଏବେ ରାଜ୍ୟରେ ଡେଙ୍ଗୁ ସହ ମ୍ୟାଲେରିଆ ଓ ଭାଇରାଲ ଜ୍ୱରର ପ୍ରାର୍ଦୁଭାବ ମଧ୍ୟ ଦେଖିବାକୁ ମଳୁଛି। କେତେଜଣଙ୍କ ଭିତରେ ମଙ୍କିପକ୍ସକୁ ନେଇ ସେଭଳି ସଚେତନତା ନଥିବାରୁ ସ୍ଥଳ ବିଶେଷରେ ଭାଇରାଲ ଜ୍ୱରକୁ ମଧ୍ୟ କେହି କେହି ମଙ୍କିପକ୍ସର ଲକ୍ଷଣ ବୋଲି ମତ ଦେଉଛନ୍ତି। ତେବେ ବିନା ଡାକ୍ତରୀ ପରାମର୍ଶରେ କୌଣସି ସ୍ୱାସ୍ଥ୍ୟ ନିଷ୍କର୍ଷରେ ପହଞ୍ଚିବା ଏକ ଗୁରୁତର ସ୍ୱାସ୍ଥ୍ୟଗତ ତ୍ରୁଟି। ପ୍ରାୟତଃ ମୌସୁମୀ ବର୍ଷା ସମୟରେ ପିଲାମାନଙ୍କୁ ଅଣ୍ଡାଜ୍ୱର ଦେଖାଦେଇଥାଏ। ତେବେ ମଙ୍କିପକ୍ସ ହେଉ ବା ଭୟାବହ କରୋନା ଏସବୁ ଭିତରେ ଆମ ପାଇଁ ବଡ଼ ଆହ୍ୱାନ ହେଉଛି ଶରୀରରେ ପର୍ଯ୍ୟାପ୍ତ ପରିମାଣର ରୋଗ ପ୍ରତିରୋଧକ ଶକ୍ତି ତିଆରି କରିବା। ନିଜ ଘର ସହ ଆଖପାଖ ପରିବେଶକୁ ପରିଷ୍କାର ପରିଚ୍ଛନ୍ନ ରଖିବା ସହ ସୁଷମ ଖାଦ୍ୟ, ପର୍ଯ୍ୟାପ୍ତ ବିଶ୍ରାମ, ଯୋଗ ପ୍ରାଣାୟମ ଅତ୍ୟନ୍ତ ଜରୁରୀ। ସୁଷମ ଖାଦ୍ୟ ଓ ନିରାମିଷ ଖାଦ୍ୟ ସହ ସମସ୍ତ ପ୍ରକାର ମାଦକ ଦ୍ରବ୍ୟ ସେବନ ଠାରୁ ଦୂରେଇ ରହିବା ଏକାନ୍ତ ବାଞ୍ଛନୀୟ। ସେହିଭଳି କୌଣସି ଗୁଜବ ବା କାନକୁହା କଥାକୁ ବିଶ୍ୱାସ କରନ୍ତୁନାହିଁ ଏବଂ ସବୁବେଳେ ସରକାରଙ୍କ ସ୍ୱାସ୍ଥ୍ୟମନ୍ତ୍ରଣାଳୟର ଗାଇଡ଼ ଲାଇନକୁ ବିଶ୍ୱାସ କରିବା ସହ ସରକାରୀ ଡାକ୍ତରଖାନାରେ ଉପଲବ୍ଧ ହେଉଥିବା ସମସ୍ତ ସୁବିଧା ସୁଯୋଗର ଫାଇଦା ନେବା ଜରୁରୀ। ସେହିଭଳି ଦେହ ଅସ୍ୱାଭାବିକ ଅନୁଭୂତ ହେଲେ, ଦୁର୍ବଳ ଲାଗିଲେ ବା ବିଚଳିତ ଅନୁଭବ ହେଲେ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରର ସହାୟତା ନିଅନ୍ତୁ।


ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,
E-mail : drjyotiranjanchampatray123@gmail.com

## ବଲସକୁମ୍ପାରେ ପୋଲିସ ଫାଣ୍ଡି ସ୍ଥାପନ ପାଇଁ ଦାବି



**ଫୁଲବାଣୀ,(ମହାଭାରତ) :** କନ୍ଧମାଳ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମାଁ ବରାଳ ଦେବୀ କେଉଁ ଅନାଦି କାଳରୁ ଖଜୁରୀପଡ଼ା ଥାନା ଅନ୍ତର୍ଗତ ବଲସକୁମ୍ପା ଠାରେ ପୂଜା ପାଇ ଆସୁଛି ।ତେଣୁ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ଭକ୍ତ ଶ୍ରଦ୍ଧାଳୁ ମାନେ ମାଁ ଙ୍କ ଦର୍ଶନ ପାଇଁ ମନ୍ଦିରକୁ ଆସନ୍ତି । ମନ୍ଦିର ନିକଟରେ ଲାଗି ରହିଛି ପିଲା ସାଲୁଙ୍କି ଡ୍ୟାମ୍ ଏବଂ ପୁରୁଣା ପାଣି ଡ୍ୟାମ୍ ଯାହାର ପରିବେଶ ବେଶ୍ ମନୋହର ଥିବାରୁ ପର୍ଯ୍ୟଟକ ମାନେ ଆକୃଷ୍ଟ ହୋଇ ବୁଲିବା ପାଇଁ ଆସନ୍ତି । ସୁରକ୍ଷା ଦୃଷ୍ଟି କୁ ଅନୁମେୟ କଲେ ଜଣା ପଡେ ଯେ ଖଜୁରୀପଡ଼ା ଥାନା ଏହି ସ୍ଥାନ ଠାରୁ ୧୪ କିମି ଦୂରରେ ଥିବାରୁ ପୋଲିସ ସବୁ ବେଳେ ସୁରକ୍ଷା ଦେବା ସମ୍ଭବ ହୋଇ ପାରୁ ନାହିଁ ।ଯାହାର ସୁଯୋଗ ନେଇ ଚୋର ମାନେ ମାଁ ବରାଳ ଦେବୀ ମନ୍ଦିର କୁ ବାରମ୍ବାର ତାଲା ଭାଙ୍ଗି ଚୋରି କରିଛନ୍ତି । ଅନେକ ସମୟର ଅସାମାଜିକ ବ୍ୟକ୍ତି ମାନେ ପିଲା ସାଲୁଙ୍କୀ ଡ୍ୟାମ୍ ରେ ଆଡ଼ା ସ୍ଥଳୀ କରି ପର୍ଯ୍ୟଟକ ମାନଙ୍କୁ ହଇରାଣ ହରକତ କରିବା ସହିତ ଡକାୟତ କରିଥିବା ଘଟଣା ଥାନାରେ ଅଭିଯୋଗ ହେଉଛି । ତେଣୁ ଏହି ଅଞ୍ଚଳର ସୁରକ୍ଷା ଦୃଷ୍ଟି କୁ ନଜର ରଖି ଖଜୁରୀପଡ଼ା ବ୍ଲକର ଅନ୍ତର୍ଗତ ପ୍ରତେକ୍ ପଞ୍ଚାୟତର ସରପଞ୍ଚ ସମେତ ମା ବରାଳ ଦେବୀ ମନ୍ଦିର ପରିଚାଳନା କମିଟିର ମିଳିତ ଉଦ୍ୟମରେ ବଲସକୁମ୍ପା ଠାରେ ଏକ ପୋଲିସ ଫାଣ୍ଡି ସ୍ଥାପନ କରିବା ପାଇଁ ଏକ ଲିଖିତ ଦରଖାସ୍ତ ଜିଲ୍ଲା ଆରକ୍ଷୀ ଅଧିକାରୀ ଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଆରକ୍ଷୀ ଅଧିକାରୀ ବଳଭଦ୍ର ଦୀପକ ଏବଂ ଡିଏସପି କୋମଳ କୁମାର୍ ପଣ୍ଡା ଙ୍କୁ ପିରୀକୁଡି ସରପଞ୍ଚ ଉମା ଚରଣ ମଲ୍ଲିକ, ଗୁଦାରୀ ସରପଞ୍ଚ ସୁଜିତ୍ କୁମାର ମଲ୍ଲିକ , ଅଡ଼ାସୀ ପଡା ସରପଞ୍ଚ ବ୍ରଜ ମୋହନ କହଁର , ମାଁ ବରାଳ ଦେବୀ ମନ୍ଦିର ପରିଚାଳନା କମିଟି ସାଧାରଣ ସମ୍ପାଦକ ସଞ୍ଜୟ କହଁର, ଟିଗ୍ରା ପଙ୍ଗା ସରପଞ୍ଚ ସଞ୍ଜୀବ ଲୋଚନ ପ୍ରଧାନ ଏବଂ ମାଁ ଇଷ୍ଟ ଦେବୀ ଯୁବ କଳା ପରିଷଦ ର ସାଧାରଣ ସମ୍ପାଦକ ବିଦୁର ବେହେରା ସମେତ ଦଳପଡ଼ା ପଞ୍ଚାୟତ ପୂର୍ବତନ ସମିତି ସଭ୍ୟ ଗୌର ଚରଣ ବେହେରା ଏବଂ ଗଣମାଧ୍ୟମ ପ୍ରତିନିଧି ବଳଦେବ ବେହେରା, ଯୁବ ନେତା ଦୀନବନ୍ଧୁ ପ୍ରଧାନ ପ୍ରମୁଖ ସାକ୍ଷାତ କରି ଦାବି ଜଣାଇଛନ୍ତି ।

### ବାଲୁଗାଁ ପିଏଚ୍ ଜେଇଙ୍କ ମନମାନୀ

## ବାବୁଙ୍କ ଖୋଲା ଧମକ ; ଖବର ବାଜିଲା କାମ ହେବନି

**ଚିଲିକା,(ମହାଭାରତ) :** ଦିନକୁ ଦିନକୁ ସରକାରୀ କର୍ମଚାରୀଙ୍କ ଔଦ୍ଧତ୍ୟ ବଢିବାରେ ଲାଗିଚି। ବର୍ଷ ବର୍ଷ ଧରି ଗୋଟିଏ ଜାଗାରେ ଥଇଥାନ ହୋଇଗଲାପରେ ବାବୁ ଇନ୍ଦ୍ର ଚନ୍ଦ୍ର ମାନୁନାହାଁନ୍ତି। କନିଷ୍ଠ ଯନ୍ତ୍ରୀରୁ ଉପଖଣ୍ଡ ଅଧିକାରୀ ରୁପେ ପ୍ରମୋଶନ ହୋଇଗଲାପରେ ବାବୁଙ୍କ ଆଖି ଯୋଡିକ ଏବେ ତାଳୁ ଉପରେ। ପ୍ରକାଶ ଥାଉକି ଭୁବନେଶ୍ୱର ପିଏଚ୍ ଡିଭିଜନ୩ ଅଧିନ ବାଲୁଗାଁ ପିଏଚ୍ ସବ୍‌ଡିଭିଜନରେ ଜନ ସାଧାରଣଙ୍କ ଅବଗତି ନିମନ୍ତେ ଏଲ୍‌ଇଡି ଲାଇଟ୍ ସୂଚନା ବୋର୍ଡ ଦିନରାତି ଚାଲୁରହିଥିଲା। ପରବର୍ତ୍ତୀ ସମୟରେ ୨୦୧୫ ମସିହାଠାରୁ ସୂଚନାବୋର୍ଡଟି ଅଧାଖଣ୍ଡିଆ ଜଳୁଥିବା ନେଇ କନିଷ୍ଠ ଯନ୍ତ୍ରୀ ନରୋତ୍ତମ ବେହେରାଙ୍କୁ ଗତ ଏପ୍ରିଲ୍ ମାସରେ ଅବଗତ କରାଗଲାପରେ ସୂଚନାବୋର୍ଡ୍‌ଟି ତିଆରି କରି ଚାଲୁ ରଖିବା ବଦଳରେ ସବୁଦିନ ପାଇଁ ବନ୍ଦ୍ କରି ପକେଇ ରଖିଥିବା ଦେଖିବାକୁ ମିଳିଛି। ଆହୁରି ଅଭିଯୋଗ ହେଉଛିକି ନୂଆ କରି ଘରକୁ ପାନୀୟଜଳ ସଯୋଂଗ ନେଉଥିବା ଉପଭୋକ୍ତାଙ୍କର ମିଟର ଲାଗୁନାହିଁ । ମିନିମମ୍ ଚାର୍ଜ୍ ଦେଇ ପାନୀୟଜଳର ଅପବ୍ୟବହାର କରୁଥିବା ଦେଖିବାକୁ ମିଳିଛି। ଏହାକୁ ଆଧାର କରି ଯନ୍ତ୍ରୀ ନରୋତ୍ତମ ବେହେରାଙ୍କୁ ଯୋଗାଯୋଗ କରିବାରେ ତୁରନ୍ତ ଉତ୍‌କ୍ଷିପ୍ତ ହୋଇ ଆପଣ ତ ଖବର ବାହାରକଲେ, ଆଉ ସେ ସୂଚନାବୋର୍ଡ୍ କାହିଁକି ଚଲେଇବୁ ବୋଲି ପାଲଟା ପ୍ରଶ୍ନ କରିଥିଲେ। ଗତ ଏପ୍ରିଲ୍ ମାସଠାରୁ ଆଜି ପର୍ଯ୍ୟନ୍ତ ସୂଚନାବୋର୍ଡ୍‌ଟି ଅଚଳ ହୋଇ ପଡିରହିବା ହେତୁ ପାଣିର ପିଏଚ୍ ଭ୍ୟାଲୁ ଏବଂ ତାପମାତ୍ରା ଜାଣିବାରେ ଜନସାଧାରଣଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏ ସମସ୍ତ ଘଟଣାକୁ ନେଇ ଭୁବନେଶ୍ୱର ପିଏଚ୍ ଡ଼ିବିଜନ ୩ ସୁପରିଟେଣ୍ଡେଣ୍ଟ୍ ଯନ୍ତ୍ରୀ ଶ୍ରୀ ବିରଞ୍ଚୀ ନାରାୟଣ ପ୍ରଧାନଙ୍କୁ ଯୋଗାଯୋଗ କରି ଘଟଣା ବିଷୟରେ ଅବଗତ କରିବାରୁ ଘଟଣାକୁ ନେଇ ସେ ନିଜେ ଖଣ୍ଡନ କରିବା ସହ କହିଛନ୍ତି ଯଥାଶୀଘ୍ର ସୂଚନା ବୋର୍ଡ୍‌କୁ ଚଲେଇବୁ ଏବଂ କେରଳର ଏକ ସଂସ୍ଥା ମିଟର ଟେଷ୍ଟିଂ କରି ଲଗେଇବା କଥା, ତାହାର ଅବଧି ସରିଯାଇଥିବା ହେତୁ ମିଟର ଲାଗିପାରୁନାହିଁ , ଏ ନେଇ ସଂପୃକ୍ତ ସଂସ୍ଥାକୁ ଚିଠି କରିବୁ। କନିଷ୍ଠଯନ୍ତ୍ରୀଙ୍କ ଆଚରଣ ବ୍ୟବହାରରେ ଉପରିସ୍ଥ ଅଧିକାରୀ କ୍ଷୁବ୍ଧ ଥିବା ଦେଖିବାକୁ ମିଳିଛି।

## ୧୦ ଦଫା ଦାବି ପୂରଣ ଉଦେଶ୍ୟରେ ଧାରଣାରେ ସାମିଲ୍ ହେଲା ବାଲିଗୁଡ଼ା ନର୍ସିଂ ସଂଘ


**ବାଲିଗୁଡା,(ମହାଭାରତ) :** ଉପଖଣ୍ଡ ଚିକିତ୍ସାଳୟରେ ବିଭିନ୍ନ ଦାବି ପୂରଣ ପ୍ରତିବାଦରେ କଳାବ୍ୟାଚ ପିନ୍ଧି ଧାରଣାରେ ବସିଲେ ବାଲିଗୁଡ଼ା ଡାକ୍ତର ଖାନାରେ କାର୍ଯ୍ୟରତ ନର୍ସ ମାନେ । ଆଗକୁ ଯଦି ତାଙ୍କର ୧୦ଦଫା ଦାବୀ ପୂରଣ ନ କରନ୍ତି ତାହା ହେଲେ ମେଡିକାଲରେ ତାଲା ଝୁଲିବ ବୋଲି ରାଜ୍ୟ ସରକାରଙ୍କୁ ଚେତାବନୀ ଦେଇଛି ସଂଘ । ୧୦ଦଫା ଦାବୀ ମଧ୍ୟରେ ରହିଛି ୨୦୧୩ପୂର୍ବରୁ ୬ବର୍ଷର ଚୁକ୍ତିଭିତ୍ତିକ ଅବଧିକୁ ମୂଳ ଚାକିରିରେ ମିଶାଇବା, ଅବଶିଷ୍ଟ ନର୍ସିଂ ଅଫିସର ମାନଙ୍କୁ ତୁରନ୍ତ ନିୟମିତ କରିବା, ଆରବିଏସକେ ଅଧିନରେ ଥିବା ନର୍ସିଂ ଅଫିସରଙ୍କୁ ନିୟମିତ କରିବା, ନର୍ସିଂ କ୍ୟାଡରରେ ଆଉଟସୋର୍ସିଂ ପ୍ରଥା ଉଚ୍ଛେଦ, କେବିକେ ଆଲାଉନ୍ସ କୁ ଲାଗୁ କରିବା, ଅବଶିଷ୍ଟ ନର୍ସିଂ ଅଫିସର ମାନଙ୍କୁ ନିୟମିତ କରିବା, ନର୍ସିଂ ଅଫିସରମାନଙ୍କୁ ସିଏଚଓ ପୋଷ୍ଟରୁ ଫେରାଇ ଆଣିବା, ପ୍ରମୋସନ ପାଇଁ ସ୍ଥିରୀକୃତ ସମୟ ସୀମାକୁ କୋହଳ କରିବା ୧୦ଦଫା ଦାବିରେ ମେଡିକାଲ ପରିସରରେ ଶାନ୍ତି ପୂର୍ଣ୍ଣ ଭାବରେ ଧାରଣାରେ ବସିଛନ୍ତି ଡାକ୍ତର ଖାନାରେ କାର୍ଯ୍ୟରତ ନର୍ସ ମାନେ। ଏହି ସମସ୍ତ ନ୍ୟାଯ୍ୟ ଦାବୀ ତୁରନ୍ତ ସରକାର ମାନି ନିଅନ୍ତୁ ନଚେତ୍ ଆଗାମୀ ଦିନରେ ମେଡିକାଲରେ ତାଲା ଝୁଲିବ ବୋଲି ସରକାରଙ୍କୁ ଚରମ ନିଷ୍ପତ୍ତି ଶୁଣାଇଛି ନର୍ସିଂ ସଂଘ ।




## ଠାକୁରମୁଣ୍ଡାରେ ସଡ଼କ ନିରାପତ୍ତା ପାଇଁ ସଚେତନତା

**କରଞ୍ଜିଆ,(ମହାଭାରତ) :** ଠାକୁରମୁଣ୍ଡା ଥାନା ଓ ଇଷ୍ଟ ଇଣ୍ଡିଆ କନସର୍ଟିୟମର ମିଳିତ ଉଦ୍ୟମରେ ୨୩ ତାରିଖରେ ଠାକୁରମୁଣ୍ଡା ନିକଟସ୍ଥ ଜୁଆଳିକଟା ଛକ ନିକଟରେ ସଡ଼କ ନିରାପତ୍ତା ପାଇଁ ସଚେତନତା କରୁଥିବା ଦେଖିବାକୁ ମିଳିଛି । ୨ ଚକିଆ ଯାନରେ ୨ ଜଣ ଥିଲେ ଉଭୟ ହେଲମେଟ ବ୍ୟବହାର କରିବା ଓ ଗାଡ଼ି ଚଲେଇଲା ବେଳେ ମୋବାଇଲ ରେ କଥା ନହେବା, ଚାରି ଚକିଆ ଯାନରେ ସିଟ ବେଲ୍ଟ ବ୍ୟବହାର, ଗାଡି ଗାଡି ମଧ୍ୟରେ ଦୂରତା ଆଦି ପ୍ରସଙ୍ଗକୁ ନେଇ ସ୍ୱେଚ୍ଛାସେବୀମାନେ ସଚେତନ କରୁଥିବା ଦେଖିବାକୁ ମିଳିଥିଲା । ଆଇନ ଅମାନ୍ୟକାରୀଙ୍କୁ ଗୋଲାପ ଫୁଲ ଦେଇ ସଚେତନ କରାଯାଉଥିବା ଲକ୍ଷ୍ୟ କରାଯାଇଥିଲା ।

## ବର୍ଷାରେ ଭାଙ୍ଗିଲା ଘର, କ୍ଷତିଗ୍ରସ୍ତ ପରିବାରଙ୍କୁ ସାହାଯ୍ୟ ନିବେଦନ



**ବିଷମ କଟକ,(ମହାଭାରତ) :** ଝିପି ଝିପି ବର୍ଷା ଯୋଗୁଁ ଅନେକ ରାସ୍ତାଘାଟ ଘରଦ୍ୱାର ଧଇହଇ ଯାଇଥିବା ବେଳେ ଆଜି ସନ୍ଧ୍ୟା ସମୟରେ ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ ଅନ୍ତର୍ଗତ ଥୁଆପାଢ଼ି ଗ୍ରାମ ପଞ୍ଚାୟତର ହିକିରି ଗ୍ରାମର ମକ୍ଷତାଡି କୁଲୁସିକକ୍ଷ, ଓ ତାଙ୍କ ପୁଅ ଭାସ୍କର କୁଲୁସିକକ୍ଷ, ଘର କାନ୍ଥ ପଡ଼ି ଘର ସଂପୂର୍ଣ୍ଣ ଭାଙ୍ଗି ଯାଇଛି। ଯାହାଫଳରେ ଏହି ପରିବାର ଗ୍ରାମ ବାସି କ ବାରଣ୍ଡାରେ ଥିବାବେଳେ ଭଙ୍ଗା ଘର ଭିତରେ ଧାନ, ଚାଉଳ, ଲୁଗା ପଟା ସହ ବ୍ୟବହାର ସମଗ୍ରି ରୋହି ଯାଇଛି । ରାତି ହେବା ସହ ବର୍ଷା ମଧ ହୋଇଥିବାରୁ ଘର ଭିତରେ ଥିବା ସାମଗ୍ରୀ ବାହାର କୁ କଡିବା କଷ୍ଟ ବୋଲି ଗ୍ରାମ ର ସନିୟକ୍ଷ ହିକକକ୍ଷ, ସାଧୁ ହିକକକ୍ଷ, ହରି ହିକକକ୍ଷ, ପ୍ରମୁଖ ଗ୍ରାମ ବାସି ପ୍ରକାଶ କରିଛନ୍ତି । ଏହି ଦୁଃଖଦ ଖବର ଶୁଣି ଘଟଣାସ୍ଥଳକୁ ଯାଇ ଥୁଆପକ୍ଷଢି ସରପଞ୍ଚ କବିତା ନିଶିକକ୍ଷ, କ୍ଷତିଗ୍ରସ୍ତ ପରିବାକୁ ଭେଟି ଆଶ୍ୱାସନା ଦେବା ସହ ଘଟଣା ବିଷୟରେ ବିଷମକଟକ ତହସିଲ ପ୍ରଶାସନ ସହ ଆଲଚନା କରିବି ବୋଲି କହିଛନ୍ତି । ଲଗାଣବର୍ଷା ଯୋଗୁଁ ଘର ଭାଙ୍ଗି ଯାଇଥିବା ଘଟଣା ଅତ୍ୟନ୍ତ ମର୍ମାହତ ଓ ଦୁଃଖ ଦାୟକ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଏପରି ପରିସ୍ଥିତିରେ ପ୍ରଶାସନ କ୍ଷତିଗ୍ରସ୍ତ ପରିବାରଙ୍କୁ ସହାୟତା ଦେବା ନିହାତି ଜରୁରି ବୋଲି ଗ୍ରାବାସୀମାନେ କହିଛନ୍ତି ।

## ସାଧା ପୋଷାକରେ ୱାରେଣ୍ଟି ଧରିବା ତୁଷୁରା ଥାନାଧିକାରୀଙ୍କୁ ମହଙ୍ଗା ପଡିଲା

**ଟିଟିଲାଗଡ,(ମହାଭାରତ) :** ବଲାଙ୍ଗିର ଜିଲ୍ଲା ତୁଷୁରା ଥାନାଧିକାରୀ ଶଶୀଭୂଷଣ ମିଶ୍ର ସାଧା ପୋଷାକରେ ୱାରେଣ୍ଟି ଧରିବାକୁ ଯାଇଥିବା ବେଳେ ଦେଓଗାଁ ବ୍ରିଜ ଉପରେ ଲୋକେ ନିସ୍ତୁକ ମାଡ଼ ମରିଥିବା ଜଣାପଡିଛି । ତାଙ୍କ ସହ ଥିବା କନେଷ୍ଟବଳ ଅରୁଣ ଜେନାଙ୍କୁ ଆକ୍ରମଣର ଶିକାର ହୋଇଛନ୍ତି। ଏକ ୱାରେଣ୍ଟି ଧରପଗଡ଼ କରିବାକୁ ଯାଇଥିବା ବେଳେ ଏଭଳି ଘଟଣା ଘଟିଥିବା ଜଣାପଡ଼ିଛି। ସଦର ଏସଡିପିଓ ପ୍ରଦୀପ ସାହୁ ଦେଓଗାଁ ଥାନାକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି । ସୂଚନା ଅନୁଯାୟୀ, ଗୁରୁବାର ଅପରାହ୍ନ ସାଢ଼େ ୫ଟାରେ ତୁଷୁରା ଥାନା ଅନ୍ତର୍ଗତ ଚାଣ୍ଟିପଦର ଗାଁର ଜଣେ ପୁରୁଣା ୱାରେଣ୍ଟି ସମ୍ପର୍କରେ ଖବର ପାଇ ଥାନାଧିକାରୀ ଶ୍ରୀ ମିଶ୍ର ଏବଂ କନେଷ୍ଟବଳ ଶ୍ରୀ ଜେନା ସାଦା ପୋଷାକରେ ବାଇକ ଯୋଗେ ବାହାରିଥିଲେ। ୨୬ ନମ୍ବର ଜାତୀୟ ରାଜପଥ ବଲାଙ୍ଗିର-ଦେଓଗାଁ ରାସ୍ତାରେ ଥିବା ସୋନଗଡ଼ ବ୍ରିଜ ନିକଟରେ ବାଇକ ଅଟକାଇ ଲୋକଙ୍କ ପରିଚୟ ପଚାରୁଥିଲେ । କୌଣସି କାରଣରୁ ସେମାନେ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକଙ୍କୁ ଗାଳିଗୁଲଜ କରିଥିଲେ। ଏହାଦେଖି ନିକଟରେ ଥିବା କେତେକ ଯୁବକ ପହଞ୍ଚିଥିଲେ। ଉଭୟ ପକ୍ଷ ମଧ୍ୟରେ ଯୁକ୍ତିତର୍କ ବଢ଼ିଥିଲା। ଉତ୍ୟକ୍ତ ଯୁବକମାନେ ଥାନାଧିକାରୀ ଓ କନଷ୍ଟେବଳଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଥାନାଧିକାରୀ କୁଆଡ଼େ ଜଣେ ଯୁବକଙ୍କ ମୋବାଇଲ ନଦୀର ଗର୍ଭକୁ ଫିଙ୍ଗି ଦେଇଥିବା ଚର୍ଚ୍ଚା ହେଉଛି। ଖବର ପାଇ ଦେଓଗାଁ ଥାନାଧୁକାରୀ ହରିବନ୍ଧୁ ଗଡ଼ତ୍ୟା ପହଞ୍ଚି ଆହତ ପୁଲିସ୍ କର୍ମଚାରୀଙ୍କୁ ଉଦ୍ଧାର କରିଥିଲେ। ଘଟଣାକୁ ନେଇ ଦେଓଗାଁ ଅଞ୍ଚଳରେ ଚାପା ଉତ୍ତେଜନା ଲାଗିରହିଛି। ମାଡ଼ ଖାଇଥିବା ଥାନାଧିକାରୀ ଓ କନଷ୍ଟେବଳଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇଥିବା ବେଳେ ଏହି ଘଟଣାର ଫାଇଦା ନେଇ ୱାରେଣ୍ଟି ଜଣକ ଫେରାର ହୋଇଯାଇଥିବା ଚର୍ଚ୍ଚା ଚାଲିଛି। ଏ ସମ୍ପର୍କରେ ପୁଲିସ୍ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ମିଳିପାରିନାହିଁ।



## ଦକ୍ଷତା ଭିତ୍ତିକ ତାଲିମ ପାଇଁ ପରାମର୍ଶ ଶିବିର

**ବେଗୁନିଆ,(ମହାଭାରତ) :** ବେଗୁନିଆ ବ୍ଲକ ପ୍ରଶାସନ ପକ୍ଷରୁ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଓ ସମନ୍ୱିତ ଶିଶୁବିକାଶ ପ୍ରକଳ୍ପ କାର୍ଯ୍ୟାଳୟର ମିଳିତ ସହଯୋଗରେ ଦକ୍ଷତା ଭିତ୍ତିକ ତାଲିମ ପାଇଁ ପରାମର୍ଶ ଶିବିର'ଆଶା' ପକ୍ଷରୁ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ସଭା ଗୃହରେ ଅନୁଷ୍ଠିତ ହୋଇଛି । ଏଥିରେ ଶିକ୍ଷାଦାନ କ୍ଷେତ୍ରରେ ଅଧାରୁ ପାଠ ଛାଡିଥିବା କିଶୋରୀ ଛାତ୍ରୀ ମାନଙ୍କୁ ବିଭିନ୍ନ କ୍ଷେତ୍ରରେ ପରାମର୍ଶ ସହ ତାଲିମ ଦେଇ ରୋଜଗାରକ୍ଷମ କରିବା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ରହିଛି । ବ୍ଲକ ମଧ୍ୟରେ ଅଧାରୁ ପାଠ ଛାଡିଥିବା ମୋଟ ୪୪୭ ଜଣ ଛାତ୍ରୀ ମଧ୍ୟରୁ ୭୭ ଜଣ ଯୋଗ ଦେଇ ୭ ଜଣ ସିଲେଇ ଶିକ୍ଷା ପାଇଁ ଆଗ୍ରହ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମଟି ମଣ୍ଡଳ ଉନ୍ନୟନ ଅଧିକାରୀ ଲକ୍ଷ୍ମୀଧର ସାହୁଙ୍କ ନେତୃତ୍ୱରେ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା, ସମନ୍ୱିତ ଶିଶୁ ବିକାଶ ଅଧିକାରୀ ଶର୍ମିଷ୍ଠା ଚକ୍ରବର୍ତ୍ତୀ ଓ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମୀ ଦେଇ ପ୍ରମୁଖଙ୍କ ସମେତ ଅଙ୍ଗନୱାଡ଼ି କର୍ମୀ, ସିଆରସି ଓ ୫ ଗୋଟି ତାଲିମ ଶିବିରର କର୍ମଚାରୀ ଉପସ୍ଥିତ ରହିଥିଲେ।

## ବିଜେଡି କଂଗ୍ରେସ ଜିଦିରେ ବିଜେପି ପାଇବେ ପାଞ୍ଚ ଲକ୍ଷ୍ୟ ଲାଭ

**ହାଟଡିହି,(ମହାଭାରତ) :** ଏହି ବ୍ଲକ ରେ ଶୁକ୍ରବାର ଦିନ ମଧ୍ୟାହ୍ନ ସମୟରେ ଆମ୍ଭୋ ପଞ୍ଚାୟତ ର ଦୁଇଟି ସରକାରୀଲାଭାଂଶ ପାଉଥିବା ଡଙ୍ଗା ଘାଟ ଓ ସଂଖୋ ଜଳହରି ଗାଁ ପଞ୍ଚାୟତ ପୋଖରୀର ନିଲାମ ପ୍ରକ୍ରିୟା ପଞ୍ଚାୟତ ରେ ହେବାକୁ ଥିବା ବେଳେ ସେଠାରେ ସାଧାରଣ ନିର୍ବାଚନ ପର ଠାରୁ ବିଜେଡି କଂଗ୍ରେସ ର ଛକା ପଞ୍ଝା କୁ ଆଖି ଆଗରେ ରଖି ଗାଁ ଲୋକେ ସୁରକ୍ଷିତ ମଣି ନଥିଲେ। ଯାହାକୁ କି ନିଜେ ହାଟଡିହି ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ହସ୍ତକ୍ଷେପ କରି ବ୍ଲକ କାର୍ଯ୍ୟାଳୟ ମଧ୍ୟରେ ଶାନ୍ତି ଶୃଙ୍ଖଳା ରେ ନିଲାମ ପ୍ରକ୍ରିୟା ଶେଷ କରିଛନ୍ତି। ଯାହାକୁ ନେଇ ଆମ୍ଭୋ ନଦୀ ର ଡଙ୍ଗା ଘାଟ ଟି କରୋଗଳା ଗ୍ରାମବାସୀ ମାନେ ପୂର୍ବରୁ ସରକାର ଙ୍କ ନିର୍ଦ୍ଧାରିତ ନିଲାମ ମୁଲ୍ୟ ୪୫୦୦ ଟଙ୍କା ରୁ ୬୫୦୦ଟଙ୍କା କୁ ବର୍ଦ୍ଧିତ କରି ଉତ୍ତମ ବୁଝାମଣା ରେ ନିଲାମ ହାତେଇ ଥିଲେ। କିନ୍ତୁ ଜଳ ହରି ପୋଖରୀ ନିଲାମ ସମୟ ରେ କେହି କାହାକୁ ଛାଡ଼ି ନଥିଲେ। ବିଜୁ ଜନତା ଦଳର ସମର୍ଥକ ଓ କଂଗ୍ରେସ ସମର୍ଥକ ଙ୍କ ମଧ୍ୟରେ ଭିଡା ଭିଡି ଲାଗି ରହିଥିଲା ବିଜେପି ସମର୍ଥିତ ବ୍ୟକ୍ତି ପଛରେ ରହି ଯାଇଥିଲେ। ଶେଷରେ ପଞ୍ଚାବନ ଶହ ଟଙ୍କାରୁ ପାଞ୍ଚ ଲକ୍ଷ୍ୟ ବାର ହଜାର ରେ କଳାକାର ଜେନା ପୋଖରୀ କୁ ୩ ବର୍ଷ ପାଇଁ ନେବାକୁ ସକ୍ଷମ ହୋଇଥିଲେ। ଏହି ନିଲାମ ପ୍ରକ୍ରିୟା ର ୧୫ ଦିନ ମଧ୍ୟରେ ଉକ୍ତ ଟଙ୍କା ବ୍ଲକ ରେ ଦାଖଲ ହେବ ବୋଲି ସୂଚନା ମିଳିଛି। ଯାହା ଦ୍ୱାରା ରାଜ୍ୟ ସରକାର ଏବେ ୫୦୬୫୦୦ ଟଙ୍କା ଲାଭ ପାଇବେ ବୋଲି ଆଶା କରାଯାଉଛି। ଏହା ଛଡା ମାତ୍ର ୭୩ ଡିସିମିଲ ପରିମିତ ପୋଖରୀ ରୁ ମୂଳ ଉଠିବା ନେଇ ଆସିଥବା ବ୍ୟକ୍ତି ଆଲୋଚନାକୁ ଅଧିକ ଖୋରାକ ଯୋଗାଇ ଥିଲା।



## ଡାକ୍ତର ମୌମିତାଙ୍କ ନ୍ୟାୟ ପାଇଁ କ୍ୟାଣ୍ଡେଲ ଶୋଭାଯାତ୍ରା

**କୋକସରା,(ମହାଭାରତ) :** କୋଲକାତାରେ ଟ୍ରେନିଂ ଡାକ୍ତରଙ୍କୁ ଦୁଷ୍କର୍ମ ଓ ପରେ ହତ୍ୟା ଘଟଣାକୁ ଦେଶବ୍ୟାପୀ ତିବ୍ର ନିନ୍ଦା କରାଯାଉଛି। ଏଥିସହ ଡାକ୍ତର ମୌମିତାଙ୍କ ପାଇଁ ନ୍ୟାୟ ଦାବି କରାଯାଉଛି। ତେବେ କୋକସରା ବ୍ଲକରେ ମଧ ଏହାକୁ ନିନ୍ଦା କରିବା ସହ ଦୋଷୀଙ୍କୁ ଫାଶୀ ଦେବାକୁ ଦାବି କରାଯାଇଛି। ଏହି କ୍ରମରେ କୋକସରା ବ୍ଲକ ସାମ୍ବାଦିକ ସଂଘ ପକ୍ଷରୁ ଡାକ୍ତର ମୌମିତାଙ୍କ ନ୍ୟାୟ ଦାବିରେ ସୋମବାର ସନ୍ଧ୍ୟାରେ ଆମପାଣି ଠାରେ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଛି। ସଂଘର ସଭାପତି ଚକ୍ରଧର ବେଶ୍ରାଙ୍କ ନେତୃତ୍ୱରେ ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ମୃତ ଡାକ୍ତରଙ୍କ ଫୋଟୋଚିତ୍ରରେ ପୁଷ୍ପମାଲ୍ୟ ସହ କ୍ୟାଣ୍ଡେଲ ପ୍ରଜ୍ଜ୍ୱଳନ କରାଯାଇଥିଲା। ସେଠାରେ ଦୋଷୀଙ୍କୁ ଉଚିତ୍ ଦଣ୍ଡ ଦେବା ଓ ମୃତ ଡାକ୍ତରଙ୍କୁ ନ୍ୟାୟ ପ୍ରଦାନ ନିମନ୍ତେ ଡାକ୍ତରଖାନା ପରିସରରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରି ବୁଢ଼ାରଜା ମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ। ଏବଂ ଡାକ୍ତର ମୌମିତାଙ୍କ ଆତ୍ମାର ସଦଗତି ନିମନ୍ତେ ବୁଢ଼ାରଜାଙ୍କ ପୀଠରେ ପ୍ରାର୍ଥନା କରିଥିଲେ। କ୍ୟାଣ୍ଡେଲ ଶୋଭାଯାତ୍ରାରେ ଆମପାଣି ଥାନା ଅଧିକାରିଣୀ ବିଜୟଲକ୍ଷ୍ମୀ ହିକ୍ କା, ଡାକ୍ତର ଧନେଶ୍ୱର ଟୁଡୁ, ଫାର୍ମାସିଷ୍ଟ ସ୍ୱପ୍ନେନ୍ଦୁ ମୁଣ୍ଡ, ଜିତେନ୍ଦ୍ର ପଣ୍ଡା, ଟିକିଚନ୍ଦ୍ର ଧ.ମାଝୀ, ମନୋରଞ୍ଜନ ବାଣୁଆ, ସମିତି ସଭ୍ୟ ଗୁପ୍ତେଶ୍ୱର ବାଗ, ତ୍ରିନାଥ ପ୍ରଶନ୍ନ ରାୟ, ଭଜମନ ନାଏକ, ସନ୍ତୋଷ ମାଝୀ, ବରିଷ୍ଠ ସାମ୍ବାଦିକ ବିଜୟ କୁମାର ପଣ୍ଡା, ସାମ୍ବାଦିକ ଜଗଦୀଶ ନାଏକ, ବସନ୍ତ ସାରାବୁ, ପରେଶ ପଟ୍ଟନାୟକ, ସାମ୍ବାଦିକ ଗଣେଶ ଭାଟି, ଗଜିନ୍ଦ୍ର ନାଗ ସମେତ ଅଞ୍ଚଳର ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ସ୍ୱାସ୍ଥ୍ୟକର୍ମୀ, ମହିଳା ନେତ୍ରୀ, ପୋଲିସ ବାହିନୀ ସମେତ ଶତାଧିକ ଲୋକେ ସାମିଲ ହୋଇ ଶୋକ ବ୍ୟକ୍ତ କରି ନ୍ୟାୟ ପ୍ରଦାନ ପାଇଁ ଦାବି କରିଥିଲେ।


## ବାଂଲାଦେଶୀ ପ୍ରଭାବ ମୁକ୍ତ ଅସ୍ତରଙ୍ଗ ଅଞ୍ଚଳ



**ଅସ୍ତରଙ୍ଗ,(ମହାଭାରତ) :** ନିକଟରେ ବାଂଲାଦେଶ ରେ ଘଟିଥିବା ଦଙ୍ଗା ର ପ୍ରଭାବରେ ଭାରତ ରେ ଅନେକ ବାଂଲାଦେଶୀ ଓ ରୋହିଙ୍ଗ୍ୟା ଅନୁପ୍ରବେଶକାରୀ ବିଭିନ୍ନ ସ୍ଥାନ ରେ ଆଶ୍ରୟ ନେଇଥିଲେ, ସେଠି ହିନ୍ଦୁ ମାନଙ୍କ ଉପରେ ହେଉଥିବା ଅତ୍ୟାଚାର ପାଇଁ ବର୍ତ୍ତମାନ ଭାରତରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ସମ୍ପୂର୍ଣ୍ଣ ରୋକ ଲଗାଇବା ପାଇଁ ଉଭୟ ସରକାର ଙ୍କ ତରଫରୁ ଗୃହ ବିଭାଗ କୁ କଡା ନିର୍ଦ୍ଦେଶ ଜାରୀ ହୋଇଛି, ଏହାକୁ ଦୃଷ୍ଟି ରେ ରଖି ଓଡିଶା ର ଉପକୂଳ ପଥ ଗୁଡିକ ରେ ସୁରକ୍ଷା ବ୍ୟବସ୍ଥା ଜିଲ୍ଲା ଆରକ୍ଷୀ ଅଧକ୍ଷଙ୍କ ତରଫରୁ ବଢ଼ାଇ ଦିଆଯାଇଛି, ସେହିପରି ଅସ୍ତରଙ୍ଗ ଅଞ୍ଚଳରେ ସମୁଦ୍ର ପଥ ଓ ଆଖପାଖ ଅଞ୍ଚଳ ରେ ସାମୁଦ୍ରିକ ଥାନା ଅଧିକାରୀ ଅଚ୍ୟୁତାନନ୍ଦ ବେହେରାଙ୍କ ନେତୃତ୍ୱରେ ରାତି ଦିନ ଡ୍ୟୁଟି କରି ସେଠି କଡା ପେଟ୍ରୋଲିଙ୍ଗ କରିବା ସହିତ ସ୍ପିଡ଼ ବୋଟରେ ସମୁଦ୍ର ତଟ ରେ ଅନୁପ୍ରବେଶ କାରିଙ୍କ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି, ଅସ୍ତରଙ୍ଗ ସାମୁଦ୍ରିକ ଥାନା ଅଧିକାରୀ ଶ୍ରୀଯୁକ୍ତ ବେହେରାଙ୍କ କହିବା ଅନୁସାରେ ଏଯାଏ ତାଙ୍କ ଅଧିନସ୍ଥ ଅଞ୍ଚଳ ଓ ସମୁଦ୍ରପଥ ରେ କିଛି ଅନୁପ୍ରବେଶକାରି ଠାବ ହୋଇନାହାନ୍ତି, ମୋଟାମୋଟି ଭାବେ ସାମୁଦ୍ରିକ ପଥ ଓ ଅଞ୍ଚଳ ସମ୍ପୂର୍ଣ୍ଣ ସୁରକ୍ଷିତ ରହିଛି, ଠିକ ସେହିପରି କିଛି ଦିନ ତଳେ ଅସ୍ତରଙ୍ଗ ପୋଲିସ ତରଫରୁ ପେଟ୍ରୋଲିଙ୍ଗ ସମୟ ରେ ଆଳସାହି ରେ ଏକ ସନ୍ଦିଗ୍ଧ ବ୍ୟବସାୟୀ କୁ ଠାବ କରାଯିବା ପରେ ପୋଲିସ ତରଫରୁ ତାର ସମସ୍ତ ପରିଚୟ ପତ୍ର ଯାଞ୍ଚ ହୋଇଥିଲା, ଉକ୍ତ ବ୍ୟକ୍ତି ଉତ୍ତରପ୍ରଦେଶ ର ଲୋକ ପ୍ରମାଣ ମିଳିବା ପରେ ତାଙ୍କୁ ଏଭଳି ସାମ୍ପ୍ରତିକ ପରିସ୍ଥିତି ରେ ଏ ଅଞ୍ଚଳ କୁ ନଆସିବା ଯାଏ ପୋଲିସ ତରଫରୁ ସତର୍କ କରାଯାଇଥିଲା, କିନ୍ତୁ ଏହି ଘଟଣା ବ୍ୟତୀତ ଅସ୍ତରଙ୍ଗ ଅଞ୍ଚଳ ରେ କୌଣସି ପ୍ରକାରେ ଅନୁପ୍ରବେଶକାରି, ବାଙ୍ଗଲାଦେଶୀ ରୋହିଙ୍ଗ୍ୟା ଙ୍କୁ ଠାବ କରାଯାଇନାହିଁ କି ସେମାନଙ୍କ ଉପସ୍ଥିତ କେଉଁ ସ୍ଥାନରେ ଅନୁଭବ ହେଉନାହିଁ, ଆମ ଅଞ୍ଚଳ ର କିଛି ଅନ୍ୟ ସ୍ଥାନର ଗରିବ ଲୋକ ବିଭିନ୍ନ ପ୍ଲାଷ୍ଟିକ ଗୋଟାଇ ନିଜ ପେଟ ପାଇଁ କିଛି ଅର୍ଥ ରୋଜଗାର କରିବାକୁ ଆସୁଥିବା ବେଳେ କିଛି ବ୍ୟକ୍ତି ତାଙ୍କୁ ଅନେକ ପରିସ୍ଥିତି ରେ ବାଂଲାଦେଶୀ କହି ଭୟଭୀତ କରାଉଥିବା ନଜର କୁ ଆସିଥିବା ବେଳେ ଏ ନେଇ ଅସ୍ତରଙ୍ଗ ଥାନା ଅଧିକାରୀ ଶ୍ରୀଯୁକ୍ତ ରାଜେଶ ବଳିୟାରସିଂ ଲୋକ ମାନଙ୍କୁ ପରାମର୍ଶ ଦେଇଛନ୍ତି ଯେ ଯଦି ଏହିପରି କିଛି ସନ୍ଦିଗ୍ଧ ବ୍ୟକ୍ତିଙ୍କୁ କୌଣସି ସ୍ଥାନରେ ଦେଖିବେ ତାହେଲେ ସେମାନଙ୍କୁ କୌଣସି ଦୁଃବ୍ୟବହାର ନକରି ତୁରନ୍ତ ସ୍ଥାନୀୟ ପୋଲିସଙ୍କୁ ଜଣାଇବେ, ତା ଛଡା ଶ୍ରୀଯୁକ୍ତ ବଳିୟାର ସିଂ ଙ୍କ କହିବା ଅନୁସାରେ ଏ ପର୍ଯ୍ୟନ୍ତ ଅସ୍ତରଙ୍ଗରେ ସେଭଳି କୌଣସି ବାଂଲାଦେଶୀ କି ସନ୍ଦିଗ୍ଧ ରୋହିଙ୍ଗ୍ୟାଙ୍କୁ ଠାବ କରାଯାଇନାହିଁ କି ସେମାନଙ୍କ ଅବସ୍ଥାନ ଅସ୍ତରଙ୍ଗରେ ଅଛି ବୋଲି କୌଣସି ସୂଚନା ମିଳିନାହିଁ, ଉଭୟ ଥାନା ର ଅଧିକାରୀ ଙ୍କ ମତାମତ ଅନୁଯାୟୀ ବର୍ତ୍ତମାନ ଅସ୍ତରଙ୍ଗ ଅଞ୍ଚଳ ସମ୍ପୂର୍ଣ୍ଣ ବାଂଲାଦେଶୀ ଅନୁପ୍ରବେଶ କାରିଙ୍କ କବଳ ରୁ ମୁକ୍ତ ବୋଲି ଜଣାପଡିଛି ।

## ଗଠନ ହେଲା ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ଆର୍ଦଶ

**କନ୍ଧମାଳ,(ମହାଭାରତ) :** କନ୍ଧମାଳ ଜିଲ୍ଲା ବାଲିଗୁଡା ଠାରେ ଅନ୍ତଃରାଷ୍ଟ୍ରୀୟ ହିନ୍ଦୁପରିସଦ, ରାଷ୍ଟ୍ରୀୟ ବଜରଙ୍ଗ ଦଳ ଆନୁକୁଲ୍ୟରେ ଗଠନ ହେଲା ସ୍ୱାମି ଲକ୍ଷ୍ମଣାନନ୍ଦ ସରସ୍ୱତୀ ଆର୍ଦଶ କନ୍ଧମାଳ ବିକାଶ ମଞ୍ଚ । ଏହି ମଞ୍ଚ ଗଠନରେ ନିମନ୍ତ୍ରିତ ମୁଖ୍ୟ ଅତିଥି ଭାବରେ ଅଖିଳ ଭାରତୀୟ ସନ୍ଥ ସମିତିର ଅଧକ୍ଷ ସନ୍ଥ ଶ୍ରୀ ସ୍ୱାମୀ ସତ୍ୟାନନ୍ଦ ମହାରାଜ ଗିରି ଯୋଗଦାନ କରିଥିଲେ। ମୁଖ୍ୟ ବକ୍ତା ଭାବେ ଅଖିଳ ଭାରତୀୟ ହିନ୍ଦୁ ବାହିନୀ, ଭାଗବତ ପ୍ରଚାର ସମିତି ଅଧକ୍ଷ ମାଧବ ଚୈତନ୍ୟ ବ୍ରହ୍ମଚାରୀ, ସ୍ୱାମି ଜୀବନ ମୁକ୍ତାନନ୍ଦଜୀ ପୁରୀ, ସ୍ୱାମୀ ଯୋଗୀରାଜ ସିଂ, ବନବାସୀ ସନ୍ଥ ଶ୍ରୀ ସଦୟା ବାବା, ଦିପକ କୁମାର ମହନ୍ତ, ଓଡିଶା ରାଷ୍ଟ୍ରୀୟ ବଜରଙ୍ଗ ଦଳ ଅଧକ୍ଷ ବିଶ୍ୱନାଥ ପାତ୍ର, ଓଡ଼ିଶା ଶ୍ରୀରାମ ସେନା ଅଧକ୍ଷ ତ୍ରିନାଥ ସେଠୀ, ସ୍ୱାମୀ ଆତ୍ମାନନ୍ଦ ସରସ୍ୱତୀ, ମୁରଲୀ ପଣ୍ଡା, ଆଚାର୍ଯ୍ୟ ନିରଞ୍ଜନ, ଧର୍ମ ସୁରକ୍ଷା କନ୍ଧମାଳ ଅରୁଣ ନାୟକ ପ୍ରମୁଖ ମଞ୍ଚାସୀନ ଅତିଥି ଭାବରେ ଯୋଗଦେଇ ଥିବା ଦେଖିବାକୁ ମିଳିଥିଲା । ବାଲିଗୁଡ଼ା ହନୁମାନ ମନ୍ଦିର ନିକଟରୁ ନିମନ୍ତ୍ରିତ ଅତିଥି ଶ୍ରୀ ସନ୍ଥ ମାନଙ୍କୁ ବିରାଟ ପଟୁଆରରେ ସନାତନ ହିନ୍ଦୁ ଧର୍ମର ଶହ ଶହ ଲୋକେ ବାଲିଗୁଡ଼ା ବଜାର ଦେଇ ସଭାଗୃହ ନିକଟକୁ ପାଛୋଟି ନେଇଥିଲେ । ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ କନ୍ଧମାଳ ଜିଲ୍ଲାକୁ ଏକ ଆଦର୍ଶ ଜିଲ୍ଲା ଭାବରେ ଦେଖିବାକୁ ଯେଉଁ ସ୍ୱପ୍ନ ଦେଖିଥିଲେ ତାଙ୍କର ଅଧୁରା ସ୍ୱପ୍ନକୁ ସାକାର କରିବ ଏହି ଆଦର୍ଶ ବିକାଶ ମଞ୍ଚ । ଏହି ମଞ୍ଚ ଆଗାମୀ ଦିନରେ ସ୍ୱାମିଜୀଙ୍କ ହତ୍ୟାକାରୀକୁ ଧରିବାକୁ ସରକାରଙ୍କ ଉପରେ ଚାପ ସୃଷ୍ଟି କରିବ ବୋଲି କହିଛନ୍ତି ରାଷ୍ଟ୍ରୀୟ ବଜରଙ୍ଗ ଦଳର ଅଧକ୍ଷ ବିଶ୍ୱନାଥ ପାତ୍ର । ତେଣୁ ସମସ୍ତ ହିନ୍ଦୁ ସମାଜ ଏକ ହୋଇ ଏହି ମଞ୍ଚକୁ ସଫଳ କରିବାକୁ ପଡ଼ିବ । ପୂର୍ବତନ ବିଜେଡି ସରକାର ତିନି ତିନୋଟି କମିଶନ ବସାଇ ମଧ ସ୍ୱାମୀଜିଙ୍କ ହତ୍ୟାକାରୀକୁ ଧରିପାରିଲା ନାହିଁ ତେଣୁ ସେହି ସରକାର କୁ ଲୋକେ ପ୍ରତ୍ୟାଖ୍ୟାନ କଲେ ବୋଲି କହିଛନ୍ତି ସନ୍ଥମାନେ । ଆଗକୁ ସ୍ୱାମିଜୀଙ୍କ ଏହି ବିକାଶ ମଞ୍ଚ କନ୍ଧମାଳ ଜିଲ୍ଲାରେ ହିନ୍ଦୁ ସୁରକ୍ଷା, ମଠ, ମନ୍ଦିର ସୁରକ୍ଷା, କନ୍ଧମାଳ ଜିଲ୍ଲାରେ ହେଉଥିବା ମେଡିକାଲ କଲେଜକୁ ସ୍ୱାମିଜୀଙ୍କ ନାମରେ ନାମିତ କରିବାକୁ ଦାବି କରିବ, ହିନ୍ଦୁ ବିରୋଧୀ ଅନୁପ୍ରବେଶ କାରୀଙ୍କୁ ଜିଲ୍ଲାରେ ପ୍ରଶ୍ରୟ ନ ଦେବା ନିମନ୍ତେ ପ୍ରଶାସନ ନିକଟରେ ଦାବି କରିବ, ଶିକ୍ଷାର କିଭଳି ବିକାଶ ହେବ ସେ ସମସ୍ତ ଉପରେ ନଜର ରଖିବାକୁ ଗଠନ ହୋଇଛି ଏହି ମଞ୍ଚ । ସ୍ୱାମିଜୀ କନ୍ଧମାଳ ଜିଲ୍ଲା ପାଇଁ ଯେଉଁ ଆଦର୍ଶ ର ସ୍ୱପ୍ନ ଦେଖିଥିଲେ ତାଙ୍କର ବଳିଦାନ କୁ କେବେବି ବ୍ୟର୍ଥ ଯିବନାହିଁ ବୋଲି କହିଛନ୍ତି ମୁଖ୍ୟ ଅତିଥି ସ୍ୱାମୀ ସତ୍ୟାନନ୍ଦ ମହାରାଜ ଗୀରି। ଏହି ଶୋଭାଯାତ୍ରାରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବହୁ ସଂଖ୍ୟାରେ ପୋଲିସ ଫୋର୍ସ ବିଭିନ୍ନ ସ୍ଥାନରେ ମୃତୟନ ହୋଇଥିବା ଦେଖିବାକୁ ମିଳିଥିଲା ।





ମହାଭାରତ ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ପଣ୍ଡିତ ଗୋପୀନାଥ ନନ୍ଦଙ୍କ ଜୟନ୍ତୀ ପାଳିତ

ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଉତ୍କଳ ହିତୈଷିଣି ସମାଜ ସଭାଗୃହରେ ଓଡ଼ିଶା ସାହିତ୍ୟ ଏକାଡେମୀ ଭୁବନେଶ୍ୱର ଓ ଉତ୍କଳ ହିତୈଷିଣି ସମାଜ ପକ୍ଷରୁ ପଣ୍ଡିତ ଗୋପୀନାଥ ନନ୍ଦଙ୍କ ଜୟନ୍ତୀ ପାଳିତ ହୋଇ ଯାଇଛି।ବିଶିଷ୍ଟ ଅତିଥି ଭାବେ ବିଚିତ୍ରା ନନ୍ଦ ବେର୍ବାତ, ସଭାପତି ଉପାନ୍ତ ପ୍ରହରୀ ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର,ମୁଖ୍ୟବକ୍ତା ଡକ୍ଟର କଲ୍ୟାଣି ମିଶ୍ର,ସମ୍ମାନିତ ଅତିଥି ଭାବେ ଭାରତ ଭୂଷଣ ମହାନ୍ତି, ସଂସ୍କୃତି ଅଧିକାରିଣୀ ଅର୍ଚ୍ଚନା ମଙ୍ଗରାଜ, ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନା ପ୍ରମୁଖ ମଞ୍ଚାସିନ ଥିଲେ। ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲାୟଶ୍ରୀମତି ବରଦା ଆଚାର୍ଯ୍ୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।ଅତିଥିମାନେ ପଣ୍ଡିତ ଗୋପୀନାଥ ନନ୍ଦଙ୍କ ଜୀବନୀ ଉପରେ ନିଜର ବକ୍ତବ୍ୟ ରଖିଥିଲେ।

## ନବଜାତ ଶିଶୁର ମୃତ ଦେହ ଉଦ୍ଧାର

ଅନୁଗୋଳ,(ମହାଭାରତ):ଅନୁଗୋଳ ଜିଲ୍ଲା ଅନୁଗୋଳ ସଦର ଥାନା ଅନ୍ତର୍ଗତ ବେନ୍ତପୂର ଗ୍ରାମ ନିକଟ ଦେଇ ଯାଇଥିବା ବାଇପାସ୍ ୫୫ ନମ୍ବର ଜାତୀୟ ରାଜପଥର ଓଭର ବ୍ରିଜ ପାଖରେ ଗୋଟିଏ ନବଜାତ ଶିଶୁ ପୁତ୍ରର ମୃତ ଦେହ ଉଦ୍ଧାର ହୋଇଛି। ମୃତ ଶିଶୁ ପୁତ୍ରଟିକୁ କିଏ କାହିଁକି ସେଠାରେ ପକାଇ ଦେଇଛି ତାହା ଜଣା ପଡ଼ି ନାହିଁ। ଏହି ଘଟଣା ଜଣାପଡିବା ପରେ ଘଟଣା ସ୍ଥଳରେ ଶହ ଶହ ଲୋକ ଦେଖିବାପାଇଁ ଭିଡ଼ ଲାଗିଥିଲା। ଖବର ପାଇ ଘଟଣା ସ୍ଥଳରେ ଅନୁଗୋଳ ସଦର ପୋଲିସ ପହଞ୍ଚି ମୃତ ଦେହ କୁ ଉଦ୍ଧାର କରି ଶବ ଗୃହକୁ ଶବ ବ୍ୟବଚ୍ଛେଦ ପାଇଁ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଘଟଣା ର ତଦନ୍ତ କରୁଛି।

## ଢେଙ୍କାନାଳ ଜିଲ୍ଲାପାଳଙ୍କ ହିନ୍ଦୋଳ ଉପଖଣ୍ଡ ପରିଦର୍ଶନ




ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲାର ନୂତନ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଆଜି ହିନ୍ଦୋଳ ଉପଖଣ୍ଡ ହିନ୍ଦୋଳ ବ୍ଲକର ବିଭିନ୍ନ ଅଞ୍ଚଳ ଗ୍ରସ୍ତ କରି ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମୀକ୍ଷା କରିଛନ୍ତି। ହିନ୍ଦୋଳ ଉପଖଣ୍ଡରେ ଉନ୍ନତିମୂଳକ କାର୍ଯ୍ୟରେ ହେଉଥିବା ବିଭିନ୍ନ ଅନିୟମିତତା, ବିଭିନ୍ନ ସମସ୍ୟା ଇତ୍ୟାଦି ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ଆଜି ଜିଲ୍ଲାପାଳ ସେହିସବୁ କାର୍ଯ୍ୟ ସମୀକ୍ଷା କରିଛନ୍ତି। ଜିଲ୍ଲାପାଳ ଆଜି ଗଣ୍ଡନାଳି ଜିପିର ଆରଡ଼ି ରାସ୍ତା ପରିଦର୍ଶନ କରିବାସହ ଚିଲତଇଲା ଆଶ୍ରମ ସ୍କୁଲ ପରିଦର୍ଶନ କରି ବିଭିନ୍ନ ସମସ୍ୟା ବୁଝିବା ସହ ଛାତ୍ରଛାତ୍ରୀ, ଶିକ୍ଷକଙ୍କ, ମିଶନଶକ୍ତି ମହିଳା ସଦସ୍ୟଙ୍କ ସହ ଆଲୋଚନା କରିଥିଲେ ଏବଂ କୁନୁଆ, ପଞ୍ଚପଡା, ଚିଉଲପୁର ଆଦି ଅଞ୍ଚଳ ବୁଲି କୃଷି, ଜଳସେଚନ ଓ ତତସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟ,ଜିପି ଟ୍ୟାଙ୍କ,ବାଇଓଫ୍ଲୋକ, ଆର ଡି ରୋଡ଼ ଇତ୍ୟାଦି ସମୀକ୍ଷାକରି କୃଷକମାନଙ୍କ ସହ ଆଲୋଚନା କରିଥିଲେ। ସେହିପରି ସାପୁଆ ଜଳସେଚନ ପ୍ରକଳ୍ପ ପରିଦର୍ଶନ କରି ହେଉଥିବା ବିଭିନ୍ନ ଉର୍ଣ୍ଣୟନମୂଳକ କାର୍ଯ୍ୟର ଅଗ୍ରଗତି ସ୍ୱଚ୍ଛତା ସମୀକ୍ଷା କରିବା ସହ ବିଭାଗୀୟ ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ। ସେହିପରି ହିନ୍ଦୋଳ ଏନଏସି ରେ ନିର୍ମିତ ଇଣ୍ଡୋରଷ୍ଟାଡିୟମ ପରିଦର୍ଶନ କରି ବିଭିନ୍ନ ସମସ୍ୟା ବୁଝିବାସହ ସମୀକ୍ଷା କରିଥିଲେ। ଜିଲ୍ଲାପାଳଙ୍କ ଏହି କାର୍ଯ୍ୟକ୍ରମରେ ହିନ୍ଦୋଳ ବ୍ଲକ ବିଡ଼ିଓ ବିନିତା ବିଜୟିନୀ ଙ୍କ ସମେତ ଆରଡ଼ି, ପୀଡ଼ବ୍ଲୁଡି, କୃଷି, ଆର ବି ,ଡବ୍ଲୁଇ ଓ, ଅତିରିକ୍ତ କୃଷି ଅଧିକାରୀ,ଏ ଏଚ ଓ,ପର୍ଯ୍ୟଟନ ବିଭାଗ ଅଧିକାରୀ, ଏନଏସି ନିର୍ବାହୀଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ଉଲ୍ଲେଖ ଯୋଗ୍ୟ ଯେ ନୂତନ ଜିଲ୍ଲାପାଳଙ୍କ ଏହି କ୍ଷେତ୍ର ପରିଦର୍ଶନ ଓ ସମୀକ୍ଷା ପାଇଁ ହିନ୍ଦୋଳ ଅଞ୍ଚଳ ବାସି ସ୍ୱାଗତ ଜଣାଇବା ସହ ଆଗକୁ ସମସ୍ତ କାର୍ଯ୍ୟରେ ସ୍ୱଚ୍ଛତା ଆସିବା, ଉପଯୁକ୍ତ ମାନର ଉନ୍ନତିମୂଳକ କାର୍ଯ୍ୟ ଅଗ୍ରଗତି ହେବା ସହ ଜନସାଧାରଣ ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ ପାଇପାରିବେ ବୋଲି ଆଶା ପ୍ରକଟ କରିଛନ୍ତି।

## ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନ ଯୋଜନା ଶୁଭାରମ୍ଭ




ବିଷମକଟକ ( ମହାଭାରତ ): ପ୍ରଧାନମନ୍ତ୍ରୀ ଜନଜାତି ନ୍ୟାୟ ମହା ଅଭିଯାନ ଯୋଜୋନା ଓ ଆଦିବାସୀ ସମ୍ପୋଦୟ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଖମ୍ବେଶି ଗ୍ରାମରୁ ଶୁଭାରମ୍ଭ ହୋଇଛି। ଉକ୍ତ ସଚେତନତା କାର୍ଯ୍ୟକ୍ରମ ଆସନ୍ତା ସେପ୍ଟେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଡଙ୍ଗରିଆ କନ୍ଧ ବସବାସ କରୁଥିବା ସମସ୍ତ ଗ୍ରାମରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଥିବା ବେଳେ ଆଜିର କାର୍ଯ୍ୟକ୍ରମରେ ବିଡ଼ିଓ ସଦସିବ ନାୟକ,ଜଗତ ଜୀବନ ବଗର୍ତ୍ତ , ସ୍ୱତନ୍ତ୍ର ଅଧିକାରୀ,ଡକଡଇ ସୁବରଦିନୀ ୱାଡାକା, ସରପଞ୍ଚଜଗବନ୍ଧୁ ମେହେର,ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ତଥା ବ୍ଲକ ନୋଡାଲ ଅଧିକାରୀ ଙ୍କ ସମେତ ପଂଚାୟତ ରାଜ,କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ରାଜସ୍ୱ, ଗ୍ରାମ ଉନ୍ନୟନ, ପ୍ରାଣୀ ସମ୍ପଦ, ବିଦ୍ୟୁତ ଆଦି ବିଭାଗର ସମସ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ବିଭାଗୀୟ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଉକ୍ତ ଯୋଜନା ରେ ସମସ୍ତ ଙ୍କୁ ପକ୍କାଘର,ପ୍ରତ୍ୟେକ ଘରକୁ ପାଣି, ପ୍ରତି ଗାଁ କୁ ପକ୍କା ରାସ୍ତା, ପ୍ରତି ଘରକୁ ବିଜୁଳି, ସମସ୍ତ ଙ୍କୁ ଉତମ ଶିକ୍ଷା, ଦକ୍ଷତା ବିକାଶ, ସ୍ୱାସ୍ଥ୍ୟ ସୁବିଧା, ପୋଷଣ,ଉଉତ ଟେଲିକମ ସେବା ଓ ବନଧନ ବିକାଶ କେନ୍ଦ୍ର ମାଧ୍ୟମରେ ଉଉତ ଜୀନ ଧାରା, ଆୟୁଷ୍ମାନ ଭାରତ ପ୍ରଭୃତି ସେବା ଯୋଗାଇ ଦିଆଯିବ ବୋଲି ବିଭାଗୀୟ ଅଧିକାରୀ ମାନେ ମତ ପୋଷଣ କରିଥିଲେ। ଏହି କାର୍ଯ୍ୟକ୍ରମ ଟିକୁ ଡିକେଡିଏ ସଂସ୍ଥାର ସୁଦର୍ଶନ ପାଢୀ ପରିଚାଳନା କରିଥିଲେ।

### ଆଉ ଶୁଭୁନି ବାଇ ଚଢ଼େଇଙ୍କ କିଚିରି ମିଚିରି ସ୍ୱର

## ଧ୍ୱଂସ ହେଉଛି ତାଳଗଛ, ବିଲୁପ୍ତ ହେବାକୁ ବସିଲେଣି ବାଇ ଚଢ଼େଇ



ଦଶପଲ୍ଲା, ( ମହାଭାରତ ) : ଦିନ ଥିଲା ଗାଁ ଗଣ୍ଡା ଓ ବିଲମାଳରେ ଥିବା ତାଳ ଓ ଖଜୁରୀ ଗଛରେ ବାଇଚଢେଇଙ୍କ ବସା ଦେଖିବାକୁ ମିଳୁଥିଲା। ଏହାର କିଚିରିମିଚିରି ସ୍ୱର ପରିବେଶକୁ ବେଶ୍ ଆମୋଦିତ କରୁଥିଲା। ମାସାଧିକ ସମୟ ଲାଗି ତାଳ ଓ ଖଜୁରୀ ଗଛରେ ଏହି ଚଢେଇ ମାନେ ସୁନ୍ଦର ବସା ନିର୍ମାଣ କରିଥାନ୍ତି। ଏଥିରେ କିନ୍ତୁ ମାଈ ବାଇଚଢେଇ ବସା ଭିତ୍ତ ହୋଇଥାଏୟ ଅଣ୍ଡା ଓ ଛୁଆ ରହିବା ପାଇଁ ତଳ ଭାଗରେ ସ୍ୱତନ୍ତ୍ର ଶୈଳୀରେ ବସାକୁ ନିର୍ମାଣ କରିଥାନ୍ତି। ଯାହାକି ବାତ୍ୟା, ପବନ କିମ୍ବା କୁଆପଥର ମାଡ଼ରେ କୋଣସି କ୍ଷତି ହୋଇନଥାଏ। ଦିନକୁ ଦିନ ତାଳ ଓ ଖଜୁରୀ ଗଛକୁ କାଟି ଦିଆଯିବା ଦ୍ୱାରା ପ୍ରକୃତି କୋଳରେ ଜନ୍ମ ନେଇଥିବା ଏହି ବାଇଚଢେଇ ଅସୁରକ୍ଷିତ ହେବାସହ ସମାଜ ଉପରେ ଏହାର ପ୍ରଭାବ ପଡୁଛି। ମନୁଷ୍ୟ ପାଇଁ ବଜ୍ରପାତ ଜନୀତବିପତି ବି ଲାଗିଛି। ବିଶେଷକରି ପ୍ରତିବର୍ଷ ବାଇଚଢ଼େଇ ତାର ବସାକୁ ନୂଆକରି ତିଆରି କରିଥାଏ। ଗୋଟିଏ ବାଇଚଢେଇ ବର୍ଷକୁ ୨ଟି ଅଣ୍ଡା ଦେଇଥାଏ। ଏହି ଅଣ୍ଡାରୁ ଶାବକ ଜନ୍ମ ହେବାପରେ ସେ ମୁକ୍ତାକାଶକୁ ଚାଲି ଯାଇଥାଏ। ମୌସୁମୀ ଆଗମନର କିଛିଦିନ ପୂର୍ବରୁ ଏମାନେ ବସା ବାନ୍ଧିବା ଆରମ୍ଭ କରି ଦେଇଥାନ୍ତି। ଅନ୍ୟଏକ କିମ୍ବଦନ୍ତୀ ହେଉଛି ବାଇଚଢେଇ ବସାକୁ ଦେଖିଲେ ଚଷା ପୁଅ ଖୁସି ହୋଇଥାଏ। ଅର୍ଥାତ ଖରିପ୍ ଚାଷ ଆରମ୍ଭ ସହ ମୌସୁମୀର ଆଗମନ ହୋଇଥାଏ ବୋଲି ମନରେ ଧାରଣା ଥାଏ। ଚାଷ ଜମିରୁ ଅନିଷ୍ଟକାରୀ କୀଟ ପତଙ୍ଗକୁ ସେ ନଷ୍ଟ କରିଥାନ୍ତି। ଯାହାକି କୃଷକ ମାନଙ୍କ ପାଇଁ ବାଇଚଢ଼େଇ ଏକ ବନ୍ଧୁ ଭାବେ ଜଣାଶୁଣା। ଗ୍ରାମାଞ୍ଚଳ ନିକଟବର୍ତ୍ତି ତାଳ ଓ ଖଜୁରୀ ଗଛ ଏମାନଙ୍କ ମୁଖ୍ୟ ଆଶ୍ରୟସ୍ଥଳ ପାଲଟିଥିବା ବେଳେ ଦିନକୁ ଦିନ ଏସବୁ ଗଛକୁ କାଟି ପଦାକରି ଦିଆଯାଉଛି। ସେମାନଙ୍କ ଆଶ୍ରୟସ୍ଥଳ ନଷ୍ଟ ହେଉଥିବା ହେତୁ ସେମାନଙ୍କ ବଂଶ ମଧ୍ୟ ଲୋପ ପାଇବାକୁ ଯାଉଛି। ଯାହାକି ଗାଁ ଗହଳିରେ ଆଉ ବାଇଚଢେଇର କିଚିରିମିଚିରି ସ୍ୱର ଶୁଣିବାକୁ ମିଳୁନାହିଁ। ଗୋଟିଏ ତାଳ ଗଛର ଡ଼ାଳରେ ଶହଶହ ସଂଖ୍ୟାରେ ବାଇଚଢେଇ ବସା ବାନ୍ଧିଥାନ୍ତି। କେତେକ ଗଛର କୋରଡ଼ ଓ ଘରର ଚାଳରେ ବସା ବାନ୍ଧିଥାନ୍ତି। ବର୍ତମାନ ଗାଁ ଗହଳିରେ ଆଉ ନୂଆଣିଆ ଚାଳଘର ଦେଖିବାକୁ ମିଳୁନଥିବା ବେଳେ କୋଠାବାଡ଼ି ସଂଖ୍ୟା ବଢୁଛି। ଫଳରେ ବାଇଚଢେଇଙ୍କ ପାଇଁ ବସା ବାନ୍ଧିବାର ଏକମାତ୍ର ସାହାରା ତାଳଗଛ ସାଜିଛି। ହେଲେ କେତେକ ମାଫିଆଙ୍କ ପାଇଁ ଏସବୁ ତାଳ ଗଛ ଲୋପ ପାଉଛି। ଗ୍ରାମାଞ୍ଚଳରେ ଇଟାଭାଟି ପାଇଁ ପ୍ରତିବର୍ଷ ତାଳ ଗଛକୁ କାଟି ଦିଆଯାଉଛ। ସେହିଭଳି ପ୍ରସିଦ୍ଧ ଘୋଷଯାତ୍ରା ପାଇଁ ଦଶପଲ୍ଲାରୁ ରଥକାଠ ଯୋଗାଣ ଭଳି ଚରମାଳ ପାଇଁ ମଧ୍ୟ ଶହଶହ ସଂଖ୍ୟାରେ ତାଳଗଛ କଟା ଯାଉଛି। ରାସ୍ତାକଡ଼ ମାନଙ୍କରେ ଥିବା ପୁରୁଣା ତାଳଗଛ ଗୁଡିକୁ କାଟି ଦିଆଯାଇଛି। ଫଳରେ ବାଇ ଚଢେଇଙ୍କ ସୁରକ୍ଷା ନେଇ ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ବେଳେ ପରିବେଶର ସୁରକ୍ଷା ନେଇ ମଧ୍ୟ ଏବେ ସରକାର ଅଣ୍ଟା ଭିଡ଼ିଛନ୍ତି। ପ୍ରତିବର୍ଷ ବଜ୍ରପାତରେ ବହୁ ଲୋକଙ୍କ ଜୀବନ ଯାଉଥିବା ବେଳେ ବଜ୍ରପାତ ଜନୀତ ବିପତିରୁ ଏହି ତାଳଗଛ ମନୁଷ୍ୟକୁ ରକ୍ଷା କରୁଛି। ଦିନକୁ ଦିନ ଏହିଗଛ ଧ୍ୱଂସ ପାଉଥିବା ହେତୁ ଚଳିତବର୍ଷ ତାଳଗଛ କାଟିବା ଉପରେ କଟକଣା ଜାରି କରାଯିବା ସହ ଏହାକୁ ଲଗାଇବା ଉପରେ ଗୁରୁତ୍ୱ ଦିଆଯାଇଛି।ରାଜ୍ୟରେ ୧୯ ଲକ୍ଷ ତାଳ ଗୋଟମା ଲାଗିବାକୁ ଯୋଜନା ରହିଛି।ଏହାରି ମଧ୍ୟରେ ଦଶପଲ୍ଲା ବନାଞ୍ଚଳରେ ୨୦ ହଜାର ତାଳ ଗୋଟମା ଲଗାଯିବା ନେଇ ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀ କହିଛନ୍ତି। ବର୍ତମାନ ସୁଦ୍ଧା ୧୧ ହଜାର ତାଳ ଗୋଟମା ପୋତା ଯାଇଥିବା ନେଇ ସେ କହିଛନ୍ତି।

## ବର୍ଷା ଋତୁରେ ପର୍ଯ୍ୟଟକଙ୍କ ଅପେକ୍ଷାରେ ଗଣ୍ଡାହାତୀ ଜଳପ୍ରପାତ




ଗଜପତି ((ମହାଭାରତ): ବର୍ଷା ରତୁରେ ପର୍ଯ୍ୟଟନଙ୍କ ଅପେକ୍ଷାରେ ରହିଛି ଗଣ୍ଡାହାତୀ ଜଳପ୍ରପାତ। ପର୍ଯ୍ୟଟକମାନେ ନିଜର ବ୍ୟସ୍ତ ବହୁଳ ଜୀବନରୁ କିଛି ମୁହୂର୍ତ ବାହାର କରି ନିଜ ଆତ୍ମୀୟ, ବନ୍ଧୁ ପରିବାର ସହ ଖୁସି ମନାଇବା ପାଇଁ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀକୁ ଯାଇଥାନ୍ତି। ନିଜର କର୍ମମୟ ଜୀବନରୁ ବାହାରି କିଛି ସମୟ ପ୍ରକୃତିର ସୌନ୍ଦର୍ଯ୍ୟରେ ନିଜକୁ ହଜାଇ ଦେଉଛନ୍ତି। ବର୍ତମାନ ଗଜପତି ଜିଲ୍ଲାର ରାୟଗଡ ବ୍ଲକର ଗଣ୍ଡାହାତୀ ପଞ୍ଚାୟତର ଗଣ୍ଡାହାତୀ ଜଳପ୍ରପାତ ପର୍ଯ୍ୟଟକଙ୍କ ମୁଖ୍ୟ ଆକର୍ଷଣ ସାଜିଛି ।ପ୍ରାକୃତିକ ପରିବେଶର ଗନ୍ତାଘର ଗଜପତି ଜିଲ୍ଲା, ଜିଲ୍ଲାରେ ରହିଛି ସୁନ୍ଦର ସୁନ୍ଦର ପର୍ଯ୍ୟଟନ ସ୍ଥଳୀୟକଥାରେ ଅଛି ସୁନ୍ଦର ତୃପ୍ତିର ଅବସାଦ ନାହିଁ ଯେତେ ଦେଖୁଥିଲେ ନୁଆ ଦିଶୁଥାଇ ଏହିଭଳି ପର୍ଯ୍ୟଟକଙ୍କୁ ଅଧିକ ଆକର୍ଷିତ କରୁଛି ଗଣ୍ଡାହାତୀ ଜଳ ପ୍ରପାତ। ଗଜପତି ଜିଲ୍ଲା ସଦର ମହକୁମା ଠାରୁ ମାତ୍ର ୩୦ କିଲୋମିଟର ଦୂରରେ ରହିଛି ଏହି ସୁନ୍ଦର ଜଳପ୍ରପାତ। ପାହାଡ଼ ପର୍ବତଘେରା ସବୁଜିମା ଘଞ୍ଚ ଜଙ୍ଗଲ ପରିବେଶ ମଧ୍ୟରେ ରହିଛି ଜଳପ୍ରପାତଟି ତାର ସୌନ୍ଦର୍ଯ୍ୟ ଭରା ପ୍ରାକୃତିକ ଦୃଶ୍ୟ ପର୍ଯ୍ୟଟକ ମାନଙ୍କୁ ଆକର୍ଷିତ କରିଛି। ସେଠାରେ ଗାଧୋଇବା ପାଇଁ ସୁବିଧା, ସାଙ୍ଗକୁ ଶିଶୁ ଉଦ୍ୟାନ ବହୁ ଆକର୍ଷଣୀୟ ହୋଇଛି। ଏହି ପର୍ଯ୍ୟଟନ ସ୍ଥଳୀର ବିକାଶ ତଥା ପର୍ଯ୍ୟଟକଙ୍କ ସୁବିଧା ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ବ୍ୟବସ୍ଥା କରାଯାଇଛି । ରାସ୍ତା ନିର୍ମାଣ କରାଯିବା ସହ ଏଠାରେ ଶିଶୁ ଉଦ୍ୟାନ, ପାନୀୟ ଜଳ ଭଳି ବିଭିନ୍ନ ମୌଳିକ ସୁବିଧାର ବ୍ୟବସ୍ଥା କରାଯାଇଛି। ଜଳପ୍ରପାତର ତଳଭାଗର ବିକାଶ ହୋଇଥିବା ବେଳେ ଉପରଭାଗର ବିକାଶ କରିବା ଆବଶ୍ୟକ ରହିଛି ।ଗଣ୍ଡାହାତୀ ଭଳି, ସୁଉଚ୍ଚ ମହେନ୍ଦ୍ରଗିରି ଶୈବ ପୀଠ, ଗୁଦଗୁଦା ଜଳପ୍ରପାତ ଭଳି ଅନେକ ପର୍ଯ୍ୟଟନ ସ୍ଥଳୀ ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଥିବା ବେଳେ ବର୍ତମାନ ବର୍ଷା ଋତୁରେ ଗଣ୍ଡାହାତୀ ଜଳପ୍ରପାତ ସୌନ୍ଦର୍ଯ୍ୟରେ ମନ ମୋହୁଛି ଦର୍ଶକ ବା ପର୍ଯ୍ୟଟକଙ୍କୁ ଅପେକ୍ଷା କରି ରହିଛି ଗଣ୍ଡାହାତୀ ଜଳପ୍ରପାତ।

## ଜିଲ୍ଲା ଆଇନସେବା ପ୍ରାଧିକରଣ ରାୟଗଡା ଦ୍ୱାରା ଆଇନ ସଚେତନତା କାର୍ଯ୍ୟକ୍ରମ

ରାୟଗଡ( ମହାଭାରତ ):ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରା ଜଜ୍ ଶ୍ରୀ ସତ୍ୟନାରାୟଣ ଷଡଙ୍ଗୀ ଙ୍କ ପରାମର୍ଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଆନୁକୁଲ୍ୟରେ ସ୍ଥାୟୀ ଓ ନିରନ୍ତନ ଲୋକ ଅଦାଲତର ଅଧ୍ୟକ୍ଷ ଶ୍ରୀ ଏସ.ଏ.କେ ଜାହିରା ଅହମଦ ଙ୍କ ଅଧ୍ୟକ୍ଷତାରେ ତା- ୨୨.୦୮.୨୦୨୪ ରିଖ ଗୁରୁବାର ଦିନ ଅପରାହ୍ନ ଘ.୩.୦୦ମି ରେ ସ୍ଥାନୀୟ ହାଲୁଆ ଗ୍ରାମ ପଞ୍ଚାୟତ ପରିସରରେ ଲୋକ ମାନଙ୍କ ପାଇଁ ସରକାରଙ୍କ ତରଫ ରୁ ଉପଲବ୍ଧ ଥିବା ବିଭିନ୍ନ ଜନ ମଙ୍ଗଳକାରୀ ଯୋଜନା ସଂପର୍କିତ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅନ୍ୟ ପ୍ରମୁଖ ଅତିଥି ମାନଙ୍କ ମଧ୍ୟରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ର ସଚିବ ଶ୍ରୀ ସୁବ୍ରତ ଆଚାର୍ଯ୍ୟ, ବି.ଡି.ଓ ଶ୍ରୀ ଅମୁଲ୍ୟ କୁମାର ସାହୁ, ତହସିଲଦାର ପ୍ରିୟଦର୍ଶିନି ସ୍ୱାଇଁ, ରାୟଗଡା ବାର ଆସୋସିଏସନର ଆଇନଜୀବି ଶ୍ରୀ ସାମୁଏଲ ତାଣ୍ଡି, ଦେବରାଜ ନାଏକ, ହାଲୁଆ ଗ୍ରାମ ପଞ୍ଚାୟତର ସରପଞ୍ଚ, ଗ୍ରାମ ପଞ୍ଚାୟତ ଅଫିସର, ହାଲୁଆ ଗ୍ରାମ ପଞ୍ଚାୟତର ପି.ଇ.ଓ । ଅନ୍ୟ କର୍ମଚାରୀ ଓ ହାଲୁଆ ଗ୍ରାମ ପଞ୍ଚାୟତ ର ଗ୍ରାମବାସୀ ପ୍ରମୁଖ ଉପସ୍ଥିତ ଥିଲେ ଓ ନିଜର ବକ୍ତବ୍ୟରେ ସ୍ଥାୟୀ ଓ ନିରନ୍ତନ ଲୋକ ଅଦାଲତର ଅଧ୍ୟକ୍ଷ ସ୍ଥାୟୀ ଓ ନିରନ୍ତନ ଲୋକ ଅଦାଲତର କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ । ସେହିପରି ଉପସ୍ଥିତ ଥିବା ଅନ୍ୟ ଅତିଥିମାନେ ନିଜ ନିଜର ବକ୍ତବ୍ୟରେ ଅଂଶଗ୍ରହଣ କାରୀ ମାନଙ୍କୁ ସରକାରଙ୍କ ତରଫରୁ ଉପଲବ୍ଧ ଥିବା ବିଭିନ୍ନ ଯୋଜନା ସଂପର୍କରେ ବିସ୍ତୃତ ଭାବରେ ଅବଗତ କରାଇବା ସଙ୍ଗେ ସଙ୍ଗେ ଏହି ଯୋଜନାରେ ହିତାଧିକାରୀ ମାନେ କିପରି ନିଜକୁ ପଞ୍ଜୀକୃତ କରାଇ ଯୋଜନାର ସୁଫଳ ଉପଲବ୍ଧ କରିପାରିବେ ସେ ସଂପର୍କରେ ଅବଗତ କରାଇଥିଲେ । ପରିଶେଷରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନିଜର ବକ୍ତବ୍ୟରେ ବିଭିନ୍ନ ସରକାରୀ ଯୋଜନା ଜନସାଧାରଣ ଙ୍କ ପାଖରେ ଉପଲବ୍ଧ ନହେଲେ ତାପାଇ ଆଇନରେ କଣ କଣ ସୁବିଧା ଅଛି ସେ ବିଷୟରେ ଅଂଶଗ୍ରହଣ କାରୀ ମାନଙ୍କୁ ବିସ୍ତୃତ ଭାବରେ ଅବଗତ କରାଇଥିଲେ ଓ ସର୍ବୋପରି ଏହି କାର୍ଯ୍ୟକ୍ରମରେ ହାଲୁଆ ପଞ୍ଚାୟତର ସରପଞ୍ଚ ଓ ଲୋକ ମାନଙ୍କର ଉପସ୍ଥିତି ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଙ୍କର ପ୍ରତ୍ୟକ୍ଷ ତ୍ୱାବଧାନରେ ଏହି କାର୍ଯ୍ୟକ୍ରମଟି ସଫଳତାର ସହିତ ସମ୍ପାଦିତ ହୋଇଅଛି।

## ବାଲି ବୋଝେଇ ହାଇୱା ଧକ୍କାରେ ସରପଞ୍ଚ ଆହତ ଉତ୍ୟକ୍ତ ଗ୍ରାମବାସୀ ୨ ହାଇୱାକୁ ନିଆଁ ଲଗାଇ ଜାଳିଦେଲେ



ଗଞ୍ଜାମ(ମହାଭାରତ): ଗଞ୍ଜାମ ଜିଲ୍ଲାରେ ଚୋରା ବାଲି ଚୋରା ଚାଲାଣକୁ ନେଇ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ହିଞ୍ଜିଳି ଥାନା ଇଲାକାରେ ପ୍ରବାହିତ ଋଷିକୂଲ୍ୟା ନଦୀରୁ ବେଆଇନ ଭାବେ ବାଲି ଚୋରା ଚାଲାଣକୁ କେନ୍ଦ୍ର କରି ବିଭିନ୍ନ ସମୟରେ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୋଇଥିବା ନଜିର ରହିଛି। ଗୁରୁବାର ସନ୍ଧ୍ୟାରେ ହିଞ୍ଜିଳି ଥାନା ପିତଳ ନିକଟସ୍ଥ ସନ୍ତୋଷପୁର ଋଷିକୂଲ୍ୟା ନଦୀରୁ ବାଲି ଚାଲାଣ ସମୟରେ ଅପ୍ରିତିକର ପରିସ୍ଥିତି ଉପୁଜିଥିବା ଦେଖିବାକୁ ମିଳିଛି । ଗୁରୁବାର ରାତ୍ରୀରେ ପିତଳ ନିକଟସ୍ଥ ସନ୍ତୋଷପୁର ଋଷିକୂଲ୍ୟା ନଦୀରୁ ବାଲି ବୋଝେଇ କରି ଏକ ହାଇୱା ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ହିଞ୍ଜିଳି ଥାନା କାଞ୍ଜିଆମା ଛକରେ ତହଁର ସରପଞ୍ଚ ଶିବରାମ ମେହେଣଙ୍କୁ ଧକ୍କା ଦେଇଥିଲା । ବାଲି ବୋଝେଇ ହାଇୱା ଧକ୍କାରେ ସରପଞ୍ଚ ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ଆହତ ସରପଞ୍ଚଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତି କରିଥିଲେ । ଦୁର୍ଘଟଣା ଘଟାଇ ବାଲି ବୋଝେଇ ହାଇୱାଟି ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲା । ପରେ ଉତ୍ୟକ୍ତ ଗ୍ରାମବାସୀ ଦୁର୍ଘଟଣା ସ୍ଥଳରେ ପହଞ୍ଚି ରାସ୍ତା ଅବରୋଧ କରିଥିଲେ ।କିଛି ସମୟ ପରେ ସେହି ରାସ୍ତା ଦେଇ ଆସୁଥିବା ୨ଟି ବାଲି ବୋଝେଇ ହାଇୱା (ଓଡି୦୭ଏଆର ୬୭୨୧ ଓ ଓଡି୦୭ଏୟୁ ୫୦୫୫)କୁ ଅଟକାଇ ପେଟ୍ରୋଲ ପକାଇ ନିଆଁ ଲଗାଇ ଦେଇଥିଲେ । ଖବର ପାଇ ହିଞ୍ଜିଳିକାଟୁ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତତ୍ତ କରିଥିଲେ । ହିଞ୍ଜିଳି ପୁଲିସ ଘଟଣା ତଦନ୍ତ ଆରମ୍ଭ କରିଛି । ଅନ୍ୟପକ୍ଷରେ ଚୋରା ବାଲି ଚାଲାଣକୁ କେନ୍ଦ୍ର କରି ମାସିକିଆ ବଟି କାରବାରକୁ କେନ୍ଦ୍ର କରି କିଛି ବ୍ୟକ୍ତି ଏଭଳି କାଣ୍ଡ ଭିଆଇଥିବା ବାଲି ବୋଝେଇ ଗାଡି ଚାଳକଙ୍କ ଠାରୁ ସୂଚନା ମିଳିଛି । ସ୍ଥାନୀୟ ଇଲାକାର ବିଭିନ୍ନ ନଦୀରୁ ବାଲି ଚୋରା ଚାଲାଣକୁ ବନ୍ଦ କରାନଗଲେ ଆଗାମୀ ଦିନରେ ଏକ ବଡ ଧରଣର ଅପ୍ରିତିକର ପରିସ୍ଥିତି ସୃଷ୍ଟି ହେବ, ଏହା ନିସନ୍ଦେହ । ପ୍ରକାଶ ଥାଉକି, ହିଞ୍ଜିଳି ଥାନା ଅଞ୍ଚଳରୁ ରାତି ଅଧିଆ ବେଆଇନ ଭାବେ ବାଲି ଚୋରା ଚାଲାଣ ହେଉଥିଲେ ମଧ୍ୟ ପ୍ରଶାସନ ଜାଣିଶୁଣି ନିରବ ସାଜୁଥିବା ଅଭିଯୋଗ ହେଉଛି । ଏ ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବି ମହଲରେ ଦାବି ହୋଇଛି ।

## ଆଇନ ସଚେତନତା ଶିବିର

ପାରଳାଖେମୁଣ୍ଡି( ମହାଭାରତ ): ମାନ୍ୟବର ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ , କଟକ ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ-ତଥା-ଜିଲ୍ଲା ଦୌରାଜଜ୍ ଶ୍ରୀ ପ୍ରଣବ କୁମାର ରାଉତରାୟଙ୍କ ନିର୍ଦ୍ଦେଶକ୍ରମେ ଗଜପତି ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଆଜି ସ୍ଥାନୀୟ ଗାରାବନ୍ଧ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଡ୍ରପଆଉଟ ଛାତ୍ର ଓ ଛାତ୍ରୀ ମାନଙ୍କ ନାମଲେଖା ନିମନ୍ତେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଚିବ , ଆଇନ ସେବା ପ୍ରାଧିକରଣ , ପାରଳାଖେମୁଣ୍ଡି ଶ୍ରୀ ବିମଳ ରାଉଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାଗଣା ଆଇନ ସେବା ବିଷୟରେ ସଚେତନତା କରାଇବା ସହିତ ଡ୍ରପଆଉଟ ଛାତ୍ର ଓ ଛାତ୍ରୀ ମାନେ କିପରି ଅଧିକରୁ ଅଧିକ ନାମଲେଖା କରାଇବେ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ବୁଝାଇଥିଲେ। ଅନ୍ୟତମ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ , ଗୋଷାଣୀ ଶ୍ରୀ ଅଜୟ କୁମାର ପ୍ରଧାନ ଯୋଗଦେଇ ସରକାରଙ୍କ ବିଭିନ୍ନ ଜନମଙ୍ଗଳ ଯୋଜନା ଯଥା ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା , ଦିବ୍ୟାଙ୍ଗ ଭତା ଏବଂ ଅନ୍ୟାନ ଯୋଜନା ବିଷୟରେ ସଚେତନତା କରାଇଥିଲେ।

## ପ୍ରହସନ ପାଲଟିଛି ଭାରୀଯାନ ଚଳାଚଳ କଟକଣା

ନୟାଗଡ଼, ( ମହାଭାରତ ) : ମୋଟର ଯାନ ଆଇନ ଅନୁଯାୟୀ ସଡ଼କ ଦୁର୍ଘଟଣାକୁ ପ୍ରତିହତ କରିବା ପାଇଁ ସମଗ୍ର ଜିଲ୍ଲାରେ ମାଲ୍ ପରିବହନ କରୁଥିବା ଭାରୀଯାନ ଚଳାଚଳ ଉପରେ କଟକଣା ଜାରି କରାଯାଇଛି। ଫଳରେ ଭାରୀଯାନ ଟିପର, ଟ୍ରକ୍ ଦ୍ୱାରା ବାଲି, ଗୁଣ୍ଡ ପଥର, ମୋରମ, ଖଣ୍ଡ ପଥର ଓ ଇଟା ଆଦିର ପରିବହନ ସକାଳ ୭ ଟାରୁ ରାତି ୯ଟା ପର୍ଯ୍ୟନ୍ତ ଚଳାଚଳକୁ ନୟାଗଡ଼ ପୂର୍ବତନ ଜିଲ୍ଲାପାଳ ସ୍ୱଧା ଦେବ ସିଂହ ନିଷେଧ କରିଯାଇଛନ୍ତି। ଏହି ନିଷେଧାଦେଶ ଦିନ ୧ ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ କୋହଳ କରାଯାଇଛି। ଏହି ଆଦେଶ ବିଗତ ମାସ ୫ ତାରିଖରୁ ଆରମ୍ଭ ହୋଇଛି। ଜନସାଧାରଣଙ୍କର ଧନ ଜୀବନର ସୁରକ୍ଷା ଦୃଷ୍ଟିରୁ ଏଥିରେ ସହଯୋଗ କରିବା ପାଇଁ ଜିଲ୍ଲାର ସମସ୍ତ ଟ୍ରକ୍ ମାଲିକ ସଂଘ ଓ ମାଲିକ ମାନଙ୍କୁ ପରାମର୍ଶ ଦିଆଯାଇଛି। ମାତ୍ର ଏହି କଟକଣା ସତେ ଯେମିତି ପ୍ରହସନ ପାଲଟିଛି। ଦିନ ୧ ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ କଟକଣାକୁ କୋହଳ କରାଯାଇଥିବାରୁ ଏହାର



ଫାଇଦା ଭାରିଯାନ ଚାଳକ ମାନେ ଉଠାଉଛନ୍ତି। ଅପରାହ୍ନ ୩ଟା ପରିବର୍ତେ ଭାରୀଯାନ ଗୁଡ଼ିକ ୫ଟା ପର୍ଯ୍ୟନ୍ତ ଗଡୁଛି। କେବଳ ସେତିକି ନୁହେଁ, ମୁଖ୍ୟ ରାସ୍ତା ଛାଡ଼ି ଏହି ଭାରୀଯାନ ଗୁଡ଼ିକ ଗଳି ଗୁଡ଼ିକରେ କାରବାର କରୁଥିବା ଦେଖିବାକୁ ମିଳୁଛି। ଫଳରେ ଏହି କଟକଣାକୁ ଫୁ କରି ଏହି ଭାରୀଯାନ ଗୁଡ଼ିକ କାରବାର କରୁଛନ୍ତି। ଏ ନେଇ ପ୍ରଶାସନିକ ସ୍ତରରେ ମଧ୍ୟ କିଛି ଚଡ଼ଉ ନାହିଁ।

## ରାସ୍ତା ପାଇଁ ବ୍ଲକ ଘେରିଲେ ଭରୁଆପାଲି ଗ୍ରାମର ଛତ୍ରିଆପଡା ବାସୀ



**ପାଟଣାଗଡ଼,(ମହାଭାରତ) :** ବଲାଙ୍ଗିର ଜିଲ୍ଲା ବେଲପଡ଼ା ବ୍ଲକ ଭରୁଆପାଲି ଗ୍ରାମର ଛତ୍ରିଆପଡା କୁ ଯିବା ପାଇଁ ନିତିଦିନିଆ ରାସ୍ତା କଦର୍ଜ ହୋଇ ପଡି ରହିଛି । ଏହି ରାସ୍ତା ଅବ୍ୟବସ୍ଥା କୁ ନେଇ ସ୍ଥାନୀୟ ସରପଞ୍ଚ ବିଡିଓ ଙ୍କୁ ଅବଗତ କରା ଯାଇଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ପଡ଼ାବାସୀର ଶତାଧିକ ମହିଳା ପୁରୁଷ ବେଲପଡା ବ୍ଲକ କାର୍ଯ୍ୟାଳୟ କୁ ଯାଇ ଘେରାଉ କରି ବିଡିଓଙ୍କ ଅଫିସ କୁ ଧଶାଇ ପଶିଥିଲେ । ବିଡିଓଙ୍କୁ ରାସ୍ତା ର ଦୂରବସ୍ଥା ସହ ହଉଥିବା ଘଟଣା ଦୁର୍ଘଟଣା ବିଷୟରେ ଅବଗତ କରାଇବା ସହ ତୁରନ୍ତ ରାସ୍ତା କାମ କରାଇବା ପାଇଁ ଦାବି କରିଥିଲେ। ବିଡିଓ ରାଜେଶ୍ ମେହେର ସରପଞ୍ଚ ଙ୍କୁ ଫୋନ ଯୋଗେ ଯୋଗାଯୋଗ କରି ତୁରନ୍ତ ରାସ୍ତା କାମ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଲିଖିତ ପ୍ରତିଶୃତି ଦେବା ପାଇଁ ଗ୍ରାମବାସୀ ଅଡି ବସିଥିଲେ ପରେ ବିଡିଓ ମେହେର, ଏ ବିଡିଓ ସାରଥୀ ସାହୁ, ଜିପିଓ ଦେବେନ୍ଦ୍ର ସାହୁ ,ବ୍ଲକ ଉପାଧ୍ୟକ୍ଷ ଦୁର୍ଯୋଧନ କୁମ୍ଭାର , ଗ୍ରାମବାସୀ ଙ୍କ ସାଙ୍ଗରେ ଆଲୋଚନା କରିଥିଲେ ମଧ୍ୟ ବିଡିଓ ଆସନ୍ତା ଏକ ସପ୍ତାହ ମଧ ରେ ରାସ୍ତା କାମ ହେବାର ଲିଖିତ ପ୍ରତିଶୃତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ବିଡ଼ିଓ ଲିଖିତ ଭାବରେ ଉକ୍ତ ରାସ୍ତା କୁ ଗୋଟିଏ ସପ୍ତାହ ଭିତରେ ମେଣ୍ଟେନେସ କାମ ପାଇଁ ସରପଞ୍ଚଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଯଦି ସରପଞ୍ଚ ଏକ ମାସ ଭିତରେ ରାସ୍ତା ନ କଲେ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଲିଖିତ ଭାବରେ କାଗଜରେ ଉଲ୍ଲେଖ କରା ଯାଇଛି । ସୂଚନା ଯୋଗ୍ୟ ଯେ ଗତ ୩ ଦିନ ତଳେ ରାସ୍ତାର ଅବସ୍ଥା ବିଷୟରେ ଗ୍ରାମବାସୀ ବ୍ଲକ ପ୍ରଶାସନ ଙ୍କୁ ଅଭିଯୋଗ କରିଥିଲେ ଓ ଦିନକ ପରେ ସରପଞ୍ଚ କୌଣସି ଜାଗାରୁ ରାସ୍ତା ରୁ ଖୋଲା ଯାଉଥିବା ପୁରୁଣା ପିଚୁ ଆଣି ରାସ୍ତାରେ ପକାଯିବା ରୁ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା । ବର୍ତ୍ତମାନ ଭରୁଅପାଲି ଗ୍ରାମର ଛତ୍ରିଆପଡା ରାସ୍ତା ଅତି କଦର୍ଯ୍ୟ ହୋଇ ପଡିରହିଛି । ଉକ୍ତ ରାସ୍ତାରେ ଭରୁଆପାଲି ପଞ୍ଚାୟାତର ଖରବାହାଲି, ଫୁଲକାନି ଓ ଶାଗୁନଭାଡି ଲୋକେ ପଞ୍ଚାୟାତ ଓ ବ୍ଲକ କାର୍ଯ୍ୟାଳୟକୁ ଯିବା ଆସିବା କରିଥାନ୍ତି ଓ ସଲଣ୍ଡିଁ, କାନ୍ଦୁଟ ଗ୍ରାମପଞ୍ଚାୟତ କୁ ସଂଯୋଗିକରନ୍ କରୁଛି । ବର୍ଷା ଦିନେ ରାସ୍ତାରେ ଖାଲଖମା ସହ ଆଣ୍ଠୁଏ ପାଣି ଜମା ହେଉଛି । ଯାହା ଫଳରେ ଗମନାଗମନ ରେ ବାଧାପ୍ରାପ୍ତ ହେବା ସହ ଦୈନିକ ଛୋଟ ବଡ଼ ଦୁର୍ଘଟଣା ହେଉଛି। ଏପରି ସ୍କୁଲ ପିଲା ମାନେ ରାସ୍ତାରେ ପାଠପଢ଼ି ଯିବା ଆସିବାରେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି । ଏହି ପଡାର ରବି ଛତ୍ରିଆ, ହେତୁରାମ ଛତ୍ରିଆ, ଉର୍ଦ୍ଧବ ଛତ୍ରିଆ, ଲାଲଗାଲି ପରୁଆ, ମଦନ କେତକୀ, ଲକ୍ଷ୍ମଣ କରୁଆ, କାର୍ତ୍ତିକ କରୁଆ, ଗୌରାଙ୍ଗ କରୁଆ, ଅପିଲ ଛତ୍ରିଆ, ହେତ୍ର କରୁଆ, ଦଶରଥ କରୁଆ, କାନ୍ତ ଛତ୍ରିଆ ଓ ଅନ୍ୟମାନେ ସାମିଲ ହୋଇଥିଲେ ।

### ରାକ୍ଷୀପୂର୍ଣ୍ଣିମା ବାଇକ ଦୁର୍ଘଟଣାରେ ମୃତ୍ୟୁ ଘଟଣା

## ଦୁର୍ଘଟଣା ଘଟାଇଥିବା ଚାଳକ ଗିରଫ ଓ କୋର୍ଟଚାଲାଣ

**ହିନ୍ଦୋଳ,(ମହାଭାରତ) :** ଗତ ରାକ୍ଷୀପୂର୍ଣ୍ଣିମା ଦିନ(୧୯/୮/୨୪)ରେ ଢେଙ୍କାନାଳଜିଲ୍ଲା ହିନ୍ଦୋଳବ୍ଲକ ମହାଲୁଣ୍ଡା ପଂଚାୟତ ଟାଙ୍ଗୀଶାଳ ଗ୍ରାମର ଗୟା ବେହେରାଙ୍କ ପୁଅ ମୁନା ବେହେରା(୨୪) ବାଉଁଶପୋଖରୀ ପଂଚାୟତ ବରଡ଼ାପାଳ ଗ୍ରାମରେ ବିବାହ କରିଥିବା ନିଜ ଭଉଣୀ ଘରକୁ ରାକ୍ଷୀ ପିନ୍ଧିବା ପାଇଁ ଆସି କାମ ସାରି ନିଜ ବାଇକଯୋଗେ ଫେରିବା ସମୟରେ ସେହି ବରଡ଼ାପାଳ ଗ୍ରାମରେ କୌଣସି ଅଜଣା ଗାଡି ପିଟିଦେଇ ଫେରାର ହୋଇଯାଇଥିଲା ଫଳରେ ମୁଣ୍ଡ ଖୁବ ଯୋରରେ ପିଟି ହୋଇଯାଇ ମୁନା ବେହେରା ଗୁରୁତର ଆହତ ହୋଇ ମୃତ୍ୟୁବରଣ କରିଥିଲେ ଏବଂ ହିନ୍ଦୋଳ ପୋଲିସ ଶବଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଗତ ୧୯/୮/୨୪ରେ ଏକ ମାମଲା ରୁଜ୍ଜୁ କରିବା ସହ ଅଧିକ ତଦନ୍ତ ଜାରି ରଖିଥିଲେ !ହିନ୍ଦୋଳ ଥାନା ପୋଲିସଙ୍କ ଅନୁସନ୍ଧାନ ଓ ତଦନ୍ତ ପରେ ଜଣା ପଡିଥିଲା ମୁନା ବେହେରାଙ୍କୁ ଏକ ପ୍ଲାଷ୍ଟିନା ବାଇକ ଜୋରରେ ଧକ୍କା ଦେଇ ଫେରାର ହୋଇଯାଇଥିଲା ଏବଂ ଧକ୍କା ଦେଇଥିବା ବାଇକ ଚାଳକ ହେଲେ ସେହି ବରଡ଼ାପାଳ ଗ୍ରାମର ଅରକ୍ଷିତ ବେହେରାଙ୍କ ପୁଅ ଅଜିତ ବେହେରା (୩୫) ଏବଂ ଅଜିତ ଚଳାଉଥିବା ପ୍ଲାଷ୍ଟିନା ବାଇକ ନଂ ହେଲା ଓଆର ୧୯ଜି ୪୬୮୪। ଖୋଜାଖୋଜି ପରେ ଆଜି ହିନ୍ଦୋଳ ପୋଲିସ ଦୁର୍ଘଟଣାକାରି ଅଜିତ ବେହେରାଙ୍କୁ ଗିରଫ କରିବା ସହ ହିନ୍ଦୋଳ ଥାନାରେ କେସ ନଂ ୨୮୧/୧୦୬(ଆଇ) ରେ ମାମଲା ରୁଜ୍ଜୁ କରି କୋର୍ଟ ଚାଲାଣ କରିଛନ୍ତି। ତେବେ ଗିରଫ ଅଜିତର ହାବଭାବରୁ ସନ୍ଦେହ ହୁଏ ସେ ବେପରବାୟ ଗାଡି ଚଳାଉଥିବାରୁ ଦୁର୍ଘଟଣା ଘଟିଲା କିମ୍ବା ହୁଏତ ଜାଣିଶୁଣି ମୁନା ବେହେରାଙ୍କୁ ଧକ୍କା ଦେଇଥିଲେ ନା ଏହା ପଛରେ ଅନ୍ୟ କୌଣସି କାରଣ ରହିଛି ଯାହାକି ସ୍ଥାନୀୟ ଜନସାଧାରଣଙ୍କୁ ସନ୍ଦେହ ଘେରରେ ପକାଇଛି। ତେବେ ବେପରବାୟ ଗାଡି ଚଳାଇ ଅଜାଣତରେ ଦୁର୍ଘଟଣା ଘଟିଛି କିମ୍ବା ଜାଣିଶୁଣି ଦୁର୍ଘଟଣା ଘଟାଯାଇଛି ଯାହାବି ହେଉ ସେଥିରେ ଗୋଟିଏ ନିରୀହ ଜୀବନ ଚାଲିଗଲା ସେଥିପାଇଁ ଘଟଣାଟି ସମ୍ବେଦନଶୀଳ ସ୍ଥାନୀୟ ଅଞ୍ଚଳପାଇଁ ବୋଲି ଅନୁମାନ !ହିନ୍ଦୋଳ ପୋଲିସ ଉପଯୁକ୍ତ ତଦନ୍ତ ଚଳାଇ ଥିବାରୁ ଅଧିକ ତଦନ୍ତ ପରେ ଦୁର୍ଘଟଣାର ପ୍ରକୃତ ରହସ୍ୟ ଜଣାପଡିବ ବୋଲି ସ୍ଥାନୀୟ ଜନସାଧାରଣ ଆଶା ରଖିଛନ୍ତି !ତେବେ ମୃତ୍ୟୁ ବରଣ କରିଥିବା ମୁନା ବେହେରାଙ୍କ ପରିବାରଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେବା ସହ ଅନ୍ୟାନ୍ୟ ସରକାରୀ ସୁବିଧା ଯୋଗାଇ ଦେବାକୁ ରାଜ୍ୟସରକାର ଓ ସ୍ଥାନୀୟ ପ୍ରଶାସନଙ୍କୁ ଅଞ୍ଚଳବାସି ଅନୁରୋଧ କରିଛନ୍ତି।

## ୱାର୍ଡ ସଭ୍ୟ ସଭ୍ୟାଙ୍କ ୪ ଦିନିକିଆ ତାଲିମ ଶିବିର ଉଦ୍‌ଯାପିତ



**କରଞ୍ଜିଆ,(ମହାଭାରତ) :** ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ୧୮ ଟି ଗ୍ରାମପଞ୍ଚାୟତର ନବ ନିର୍ବାଚିତ ୱାର୍ଡ ସଭ୍ୟ ସଭ୍ୟାଙ୍କୁ ଦିନିକିଆ ତାଲିମ ପ୍ରଦାନ ଶିବିର ୨୦ ତାରିଖରୁ ଆରମ୍ଭ ହୋଇ ୨୩ ତାରିଖ ରେ ଉଦଯାପିତ ହୋଇ ଯାଇଛିକ୍ଷ ବ୍ଲକ ସଭା ଗୃହରେ ଆୟୋଜିତ ତାଲିମ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବ୍ଲକ ଅଧକ୍ଷା ସରୋଜିନୀ ମୁଣ୍ଡା ଉଦଘାଟନ କରିଥିଲେ । ବିଡ଼ିଓ ସ୍ୱପ୍ନେଶ୍ୱର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ତାଲିମ କାର୍ଯ୍ୟକ୍ରମରେ ପେସା ସଂଯୋଜକ ମଦନ ମୋହନ ମହାନ୍ତ ସ୍ୱାଗତ କରିବା ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ କ୍ଷ ତାଲିମ ଦାତା ଭାବେ ଏବିଡିଓ ଟଙ୍କଧର ମହାନ୍ତ, ଏପିଓ ଧାନ ଚନ୍ଦ୍ର ମହାନ୍ତ ପ୍ରମୁଖ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ । ଶେଷ ଦିନରେ ଚମ୍ପାଝର, ଧାତିକିଡିଆ, ଶାଳଚୁଆ, ଭାଲିଆଡାଳ, ମହୁଲଡିହା ଗ୍ରାମପଞ୍ଚାୟତରୁ ସମୁଦାୟ ୬୬ ଜଣ ୱାର୍ଡ ସଭ୍ୟ ସଭ୍ୟା ଯୋଗଦେଇ ତାଲିମ ଗ୍ରହଣ କରିଥିଲେ କ୍ଷ ଜିପିଡିଓ ଦଳେଇ ସିଂ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ତାଲିମ ପ୍ରଦାନ ଶିବିର ରେ ଉପାଧକ୍ଷ ସନ୍ତୋଷ କୁମାର ମହାନ୍ତ ଯୋଗଦେଇ ଥିଲେ। ଶେଷରେ ଦଳେଇ ସିଂ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆୟୁଷ୍ମାନ ଆରୋଗ୍ୟ ଶିବିର

**ବେଗୁନିଆ,(ମହାଭାରତ) :** ଓଡ଼ିଶା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ସହଯୋଗରେ ବେଗୁନିଆ ପ୍ରାଥମିକ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ର ପକ୍ଷରୁ ଆୟୁଷ୍ମାନ ଆରୋଗ୍ୟ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ସ୍ୱାସ୍ଥ୍ୟ ଉପକେନ୍ଦ୍ରର ଅଧିକାରୀ ରାଜକିଶୋର ପଣ୍ଡା, ଆୟୁଷ ଡାକ୍ତର ମଧୁସୂଦନ ସୁବୁଦ୍ଧି ଓ ଫାର୍ମାସି ଅଫିସର ଗୌତମ ସାମନ୍ତରାୟ ପ୍ରମୁଖ ଜନ ସାଧାରଣଙ୍କୁ ବିଭିନ୍ନ ପ୍ରକାର ଚର୍ମ, ଆଖି, ମଧୁମେହ, ଉଚ୍ଚ ରକ୍ତଚାପ, ଦାନ୍ତ ଓ କର୍କଟ ରୋଗର ପରୀକ୍ଷଣ କରିବା ସହ ନିଦାନ ପାଇଁ ପରାମର୍ଶ ଦେଇଥିଲେ ।ଷ୍ଟାଫନର୍ସ ସଙ୍ଗୀତା ଦାଶ ଓ ଲାବଟେକନିସିଆନ ହର ପ୍ରସାଦ ଦାଶଙ୍କ ସମେତ କର୍ମଚାରୀ ମାନେ ସହଯୋଗ କରିଥିଲେ । ସେହିପରି କଣ୍ଟାବାଡ ସ୍ୱାସ୍ଥ୍ୟ ଉପକେନ୍ଦ୍ର ପରିସରରେ ଡାକ୍ତର ଜଗଦୀଶ ସାହୁ, ଆୟୁଷ ଡାକ୍ତର ମଧୁମିତା ଆଚାର୍ଯ୍ୟ,ଫାର୍ମାସି ଅଫିସର ଚିତ ରଞ୍ଜନ ହରିଚନ୍ଦନ ଓ ଲାବଟେକନିଆନ ଶ୍ରଦ୍ଧାଞ୍ଜଳି ସାହୁ ଓ ସହାୟକ ଚିତ ରଞ୍ଜନ ହୋତାଙ୍କ ସମେତ କର୍ମଚାରୀ ମାନେ ଉପସ୍ଥିରେ ରହି ପରୀକ୍ଷଣ କରିବା ସହ ନିଦାନ ଉପରେ ପରାମର୍ଶ ଦେଇଥିଲେ ।

## ପୁସ୍ତକମେଳା ଆୟୋଜନ ପାଇଁ 'ଲାଇଫ୍‌ରେଚର'ର ଦାବି



**ଭବାନୀପାଟଣା,(ମହାଭାରତ) :** ସାହିତ୍ୟ ଓ ଜୀବନଶୈଳୀକୁ ନେଇ କାର୍ଯ୍ୟରତ ଗ୍ଲୋବାଲ୍ ଲାଇଫ୍‌ରେଚର ଫାଉଣ୍ଡେସନ୍ ପକ୍ଷରୁ କଳାହାଣ୍ଡି ଜିଲ୍ଲା ସ୍ତରୀୟ ପୁସ୍ତକମେଳା ଆୟୋଜନ ପାଇଁ ଦାବି କରାଯାଇଛି। ଏନେଇ ଫାଉଣ୍ଡେସନ ପକ୍ଷରୁ କଳାହାଣ୍ଡି ଜିଲ୍ଲାପାଳ ସଚିନ ପାୱାର ପ୍ରକାଶଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ, କଳାହାଣ୍ଡି ଜିଲ୍ଲା କଳା, ସଂସ୍କୃତି ଓ ସାହିତ୍ୟ କ୍ଷେତ୍ରରେ ସମଗ୍ର ବିଶ୍ୱରେ ସ୍ୱାତନ୍ତ୍ର୍ୟ ଅର୍ଜନ କରିଥିବା ବେଳେ ଓଡ଼ିଆ ସାହିତ୍ୟକୁ ଏଠାକାର ଲେଖକ ଲେଖିକାଙ୍କ ଅବଦାନ ଅତୁଳନୀୟ। ପ୍ରାଚୀନ ଯୁଗରୁ ଆରମ୍ଭ କରି ଏଯାବତ୍ ଏହି ମାଟି ବହୁ ସାରସ୍ୱତ ସାଧକଙ୍କୁ ଜନ୍ମ ଦେଇଛି। ପ୍ରାୟ ୧୫ହଜାର ବର୍ଷ ପୁରାତନ ପ୍ରାଗ୍-ଐତିହାସିକ ଯୁଗର ଗୁଡ଼ହାଣ୍ଡି ଗୁମ୍ଫାଚିତ୍ର ଏଠାକାର ଅଧିବାସୀଙ୍କ ସୃଜନଶୀଳତାର ଏକ ଅନନ୍ୟ ଉଦାହରଣ। କେବଳ ସାହିତ୍ୟିକ ନୁହନ୍ତି, ଏଠି ସାହିତ୍ୟପ୍ରେମୀଙ୍କର ମଧ ଅଭାବ ନାହିଁ। ରାଜ୍ୟର ଅନ୍ୟ ସମସ୍ତ ଜିଲ୍ଲାରେ ବାର୍ଷିକ ପୁସ୍ତକମେଳା ଆୟୋଜନ ହେଉଥିବା ବେଳେ କଳାହାଣ୍ଡି ଜିଲ୍ଲାରେ ଏଥିପାଇଁ କୌଣସି ପ୍ରାବଧାନ ନାହିଁ। କେବଳ ଥରେ ୨୦୧୮ ମସିହାରେ ଜିଲ୍ଲା ଗଠନ ଦିବସ ଅବସରରେ ଏକ ପୁସ୍ତକମେଳା ଆୟୋଜନ କରାଯାଇଥିଲା। ତେଣୁ, ଜିଲ୍ଲାର ଲେଖକ ଓ ପାଠକଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଏକ ନିୟମିତ ଜିଲ୍ଲା ସ୍ତରୀୟ ପୁସ୍ତକମେଳା ଆୟୋଜନର ବ୍ୟବସ୍ଥା କରାଯିବାକୁ ଲାଇଫ୍‌ରେଚର ପକ୍ଷରୁ ଦାବି କରାଯାଇଛି। ଏନେଇ ଫାଉଣ୍ଡେସନର ଉପଦେଷ୍ଟା ପରମେଶ୍ୱର ମୁଣ୍ଡ, ସଂପାଦକ ରଜତ ବଂଶଲ, ଆବାହକ ସୁଧୀର କୁମାର ଧଙ୍ଗଡ଼ାମାଝୀ ଓ ଡିଲେଶ୍ୱର ରଣା, ସଦସ୍ୟ ବିକାଶ ରଞ୍ଜନ ମୁଣ୍ଡ ପ୍ରମୁଖ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ।

## ଜାତୀୟ ମହା ବୃକ୍ଷରୋପଣ ପ୍ରୟାସର ଉଦ୍‌ଘାଟନୀ ଉତ୍ସବ



**ପାରଳାଖେମୁଣ୍ଡି,(ମହାଭାରତ) :** ମହିଳା ସ୍ନାତକ ମହିଳା ମହାବିଦ୍ୟାଳୟ ଠାରେ ଜାତୀୟ ମହା ବୃକ୍ଷରୋପଣ ପ୍ରୟାସ କାର୍ଯ୍ୟକ୍ରମର ଉଦଘାଟନୀ ଉତ୍ସବ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଅଧକ୍ଷା ଡ. ରୀନା ସାହୁଙ୍କ ଅଧକ୍ଷତାରେ ଏନ୍.ଏସ୍.ଏସ୍ (ଜାତୀୟ ସେବା ଯୋଜନା) କାର୍ଯ୍ୟକ୍ରମ ଅଧିକାରୀ ସୁଶ୍ରୀ ମଧୁସ୍ମିତା ପ୍ରଧାନ କାର୍ଯ୍ୟକ୍ରମର ଆୟୋଜନ ଓ ପରିଚାଳନା କରିଥିଲେ। ଅଧକ୍ଷା ଡ. ରୀନା ସାହୁ ବୃକ୍ଷରୋପଣର ଉଦ୍ଦେଶ୍ୟ ଏବଂ ଗୁରୁତ୍ୱ ଉପରେ ଆଲୋକପାତ କରି ଛାତ୍ରୀମାନଙ୍କ ସକ୍ରିୟ ଅଂଶ ଗ୍ରହଣର ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଏନ୍.ଏସ୍.ଏସ୍ କାର୍ଯ୍ୟକ୍ରମ ଅଧିକାରୀ ସୁଶ୍ରୀ ମଧୁସ୍ମିତା ପ୍ରଧାନ ବୃକ୍ଷର ମହତ୍ତ୍ୱ ତାର ଅବଦାନ ଏବଂ ଜଗତ ଉତ୍ତପ୍ତିକରଣ, ନିରାକରଣ ନିମନ୍ତେ ବୃକ୍ଷର ଭୂମିକା ଉପରେ ବକ୍ତବ୍ୟ ରଖିଥିଲେ। ଅଧ୍ୟାପିକା ଡ କଲ୍ୟାଣୀ ମିଶ୍ର ବୃକ୍ଷ ନଷ୍ଟର ଅପକାରିତା ଏବଂ ପୁନଃ ବୃକ୍ଷ ରୋପଣର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ । ଅଧ୍ୟାପକ ଶ୍ରୀ କୃଷ୍ଣ ଚନ୍ଦ୍ର ପଣ୍ଡିତ୍, ବୃକ୍ଷର ଯତ୍ନ ପ୍ରତି ସମସ୍ତଙ୍କ କର୍ତ୍ତବ୍ୟ ଏବଂ ବୃକ୍ଷ ରୋପଣ ଦ୍ୱାରା ଭବିଷ୍ୟତର ମାନବ ଜୀବନ ଓ ପର୍ଯ୍ୟାବରଣର ସୁରକ୍ଷା ଦିଗରେ ଯତ୍ନଶୀଳ ହେବା ନିମନ୍ତେ ଛାତ୍ରୀ ମାନଙ୍କୁ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ । ମହାବିଦ୍ୟାଳୟର ସମସ୍ତ ଛାତ୍ରୀ ଏବଂ ଅନ୍ୟ ସମସ୍ତ କର୍ମକର୍ତ୍ତା ପୂର୍ଣ ସହଯୋଗ ପ୍ରଦାନ ପୂର୍ବକ ଏହି କାର୍ଯ୍ୟକୁ ସଫଳ କରିଥିଲେ। ଶେଷରେ ଅଧ୍ୟାପିକା ମଧୁସ୍ମିତା ପ୍ରଧାନ ଧନ୍ୟବାଦ୍ ଦେବା ସହ ସଭା ସାଙ୍ଗ ହୋଇଥିଲା।

## ୧ ତାରିଖରୁ ଦୋକାନ ଖୋଲିବାକୁ ଚେତାବନୀ ଦେଲା ଜଟଣୀ ପୌର ପରିଷଦ



**ଖୋର୍ଦ୍ଧା,(ମହାଭାରତ) :** ଦୀର୍ଘ ଦିନ ଧରି ବନ୍ଦ ରହିଥିଲା ଭେଣ୍ଡିଂ ଜୋନ୍ ମାର୍କେଟ୍ ଓ ଯାହା ଆଗରୁ ମଦୁଆ, ଗଞ୍ଜେଡ଼ ଆଡ୍ଡାସ୍ଥଳୀ ପାଲଟିଥିଲା ଓ ବ୍ୟବସାୟୀ ମାନେ ସେଠାରେ ବ୍ୟାପାର କରିବା ପାଇଁ ଇଚ୍ଛୁକ ନ ଥିଲେ ଏହାର କାରଣ ହେଉଛି ସେଠାରେ ପ୍ରଶାସନ ପକ୍ଷରୁ କୌଣସି ମୌଳିକ ବ୍ୟବସ୍ଥାର ବନ୍ଦୋବସ୍ତ କରାଯାଇ ନ ଥିଲା ଓ ଯାହା ଫଳରେ ସେମାନେ ନିଜ ପରିବାର କଥା କୁହନ୍ତୁ କି ନିଜର ଗୁଜରାଣ ମେଣ୍ଟାଇବା ପାଇଁ ଯେଉଁଠି ସୁବିଧା ହେଲା ସେଇଠି ଦୋକାନ କରିକି ବସିଲେ ଓଏମିତି କରିବା ଯୋଗୁଁ ସବୁବେଳେ ଟ୍ରାଫିକ୍ ସମସ୍ୟା ର ସମ୍ମୁଖିନ ହେଲେ ସାଧାରଣ ଜନତା ଓ ବାରମ୍ବାର ଖବର ପ୍ରସାରଣ ପରେ ପ୍ରଶାସନ ର ନିଦ ଭାଙ୍ଗିଲା ଏବଂ ଯୁଦ୍ଧ କାଳୀନ ପରିସ୍ଥିତି ରେ ବର୍ତ୍ତମାନ ଭେଣ୍ଡିଂ ଜୋନ ପରିସରରେ ଉନ୍ନତି ମୂଳକ କାର୍ଯ୍ୟ ଜୋର୍ ସୋର୍ ରେ ଚାଲିଛି ଓ୩୧ ତାରିଖ ରେ ଭେଣ୍ଡିଂ ଜୋନ୍‌କୁ ଉଦ୍ଘାଟନ କରାଯିବ ବୋଲି ପୌର ପରିଷଦ ଅଧକ୍ଷ ଅନନ୍ତ ବେହେରା କହିଛନ୍ତି ଓ ଯଦି ୧ ତାରିଖ ସୁଦ୍ଧା ଦୋକାନୀ ମାନେ ଦୋକାନ ନ ଖୋଲିଲେ ଜଟଣୀ ପୌର ପରିଷଦ ପକ୍ଷରୁ ସେମାନଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୌର ପରିଷଦ ଅଧକ୍ଷ କହିଛନ୍ତି ।


## ରାଧା ଗୋବିନ୍ଦ ମନ୍ଦିରରେ ଝୁଲଣ ଯାତ୍ରା ଅନୁଷ୍ଠିତ

**ଗଜପତି,(ମହାଭାରତ) :** ଜିଲ୍ଲା ଗୁଷଣି ବ୍ଲକ୍ ର କରେଣ୍ଡି ପାଞ୍ଚ। ୟତ୍ ର ପୁରୁଣା କେରଣ୍ଡି ଗ୍ରାମରେ ଥିବା ରାଧା ଗୋବିନ୍ଦ ମନ୍ଦିର ରେ ପନ୍ଦର ତାରିଖ ରୁ ୧୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା ରାଧା ଗୋବିନ୍ଦ ମନ୍ଦିରର ମହନ୍ତ ମହାରାଜ ଦାମଦୋର ଦାସ ଙ୍କ ତତ୍ତ୍ୱ ।ଧାନରେ ଆନୁଷ୍ଠି ତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଗ୍ରାମ ବାସୀ ଉପସ୍ଥିତ ରେ ଭଜନ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା ଠାକୁରଙ୍କୁ ବିମାନ ରେ ରଖି ଠାକୁର ଙ୍କୁ ଝୁଲେ ଇ ଥିଲେ। ମନ୍ଦିର କୁ ଆଲୋକ ଶଯ୍ୟା ରେ ସୁସଜିତ କରାଯାଇଥିଲା । ମନ୍ଦିର ରେ ବିଭନ୍ନ ମୂର୍ତ୍ତୀରେ ସୁ ସଜ୍ଜିତ କରାଯାଇଥିଲା ଏହି ଝୁଲଣ ଯାତ୍ର। ଦେଖିବା ସକାଶେ ପୁରପଲ୍ଲୀରୁ ଭକ୍ତଙ୍କ ସୁଅ ଛୁଟି ଥିଲା ଏହି କାର୍ଯ୍ୟ କର୍ମକୁ ଗ୍ରାମର ୱାର୍ଡ ସଭ୍ୟ ସୋରଜ୍ ଜେନା, ରାଧାକାନ୍ତ ସାହୁ ମନ୍ଦିରର ପୂଜାରୀ ନୀଳମାଧବ ପ୍ରମୁଖ ସୋହ ଯୋଗ କରିଥିଲେ। ପରିସେଶସ ରେ ପ୍ରସାଦ ସେବନ କାର୍ଯ୍ୟକ୍ରମ ରହିଥିଲ।

### ୫୯ ନଂ ଜାତୀୟ ରାଜପଥରେ ମର୍ମନ୍ତୁଦ ଦୁର୍ଘଟଣା

# ଯାତ୍ରୀବାହୀ ବସ୍ ସହ ଗ୍ୟାସ ବୋଝେଇ ଟ୍ରଲର ଧକ୍କା, ୪ ମୃତ, ୨୫ରୁ ଉର୍ଦ୍ଧ୍ୱ ଗୁରୁତର

**ହିଞ୍ଜିଳିକାଟୁ,(ମହାଭାରତ) :** ୫୯ନଂ ଜାତୀୟ ରାଜପଥ ତଥା ଗଞ୍ଜାମ ଜିଲ୍ଲା ହିଞ୍ଜିଳି ଥାନା ସମରଝୋଳ ଛକରେ ଗୁରୁବାର ଭୋରରେ ଏକ ମର୍ମନ୍ତୁଦ ସଡକ ଦୂର୍ଘଟଣା ଘଟିଛି । ଜାତୀୟ ରାଜପଥ ପ୍ୱାଶ୍ୱର୍ରେ ରହିଥିବା ଏକ ସିମେଣ୍ଟ ବୋଝେଇ ଟ୍ରକ(ଓଡି୧୦କବ୍ୟୁ ୯୨୬୩)କୁ ଗ୍ୟାସ ବୋଝେଇ ଟ୍ରଲର(ଓଡି୧୫କେ ୭୮୯୬)ଅତିକ୍ରମ କରୁଥିବା ବେଳେ ସମ୍ମୁଖ ଭାଗରୁ ଆସୁଥିବା ଏକ ଘରୋଇ ଯାତ୍ରୀବାହୀ ବସ୍ ? ଯାହାର ନାମ ଖମ୍ବେଶ୍ୱରୀ (ଓଡି୦୭ଏନ ୯୧୮୧) ସହ ମୁହାଁମୁହିଁ ଧକ୍କା ଘଟିଛି । ଦୂର୍ଘଟଣାରେ ୪ ଜଣଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ୨୫ ରୁ ଉର୍ଦ୍ଧ୍ୱ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି । ଗୁରୁତର ଆହତଙ୍କ ମଧ୍ୟରେ ୬ ଜଣଙ୍କ ଅବସ୍ଥା ଅତି ସଙ୍କଟାପନ୍ନ ରହିଥିବା ଜଣାପଡିଛି । ମୃତକ ମାନେ ହେଲେ ହିଞ୍ଜିଳି ଥାନା ସମରଝୋଳ ଗ୍ରାମର ପଞ୍ଚୁ ଗୌଡ, ଅରକ୍ଷିତ ଗୌଡ, ଶେରଗଡ ଥାନା କୁରୁଳା ଗ୍ରାମର ସନ୍ତୋଷ ବାଡତ୍ୟା(୪୫) ଓ ଅନ୍ୟ ଜଣେ ମୃତକ ସିମେଣ୍ଟ ବୋଝେଇ ଟ୍ରକ ହେଲପର ଙ୍କ କିନ୍ତୁ ପରିଚୟ ଖବର ଲେଖା ହେବା ସୁଦ୍ଧା ମିଳିପାରିନାହିଁ। ଖବର ଲେଖା ହେବା ସୁଦ୍ଧା ୨୫ରୁ ଉର୍ଦ୍ଧ୍ୱ ଆହତଙ୍କ ମଧ୍ୟରୁ ୧୨ ଜଣଙ୍କ ପରିଚୟ ମିଳିପାରିଛି । ସେମାନେ ହେଲେ ବସ୍ ଚାଳକ ଟିଟିଲାଗଡର ହୃଷିକେଶ ସେଠ(୫୫), ହେଲପର ମନୋଜ ପଟ୍ଟନାୟକ(୩୨), କଣ୍ଡକ୍ଟର ଶେରଗଡ ଥାନା ଡେଙ୍ଗପଦର ଗ୍ରାମର ବୃନ୍ଦାବନ ରଣା(୪୫), ହିଞ୍ଜିଳି ଥାନା ସମରଝୋଳର ତନୟ ପ୍ରଧାନ(୬୨). ଚରଣ ଗୌଡ(୬୫), ଏମ. ମାର୍କଣ୍ଡ(୫୨), ଆଙ୍କୋରଡାର ଗିତା ବରଡ(୩୫), ପତଳର ତାରୀଣି ନାୟକ(୨୭), ନବରଙ୍ଗପୁର ଅଞ୍ଚଳର ସୁନ୍ଦରଲାଲ ଜଗଦୁଆ(୪୮), ଭବାନିପାଟଣା ଅଞ୍ଚଳର ସୁଜିତ ଦାସ(୩୦), ସୁମନାଥ ରାଓ(୪୫), ଶୁଭଶ୍ରୀ ଦାସ(୨୩)। ଖବର ପାଇ ତହସିଲଦାର ଭିକାରୀ ସାହୁ, ଅତିରିକ୍ତ ତହସିଲଦାର ସୁରଜ ନାୟକ ବେହେରା, ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଜୁବୁଲି ଚରଣ ବେହେରା, ଆସିକା ଏସଡିପିଓ ସଞ୍ଜୟ କୁମାର ମହାପାତ୍ର, ପୁଲିସ, ଅଗ୍ନିଶମ, ଆମ୍ବୁଲାନ୍ସ , ଜନପ୍ରତିନିଧି ଓ ସ୍ୱେଛାସେବୀ ସଂଗଠନ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟାରମ୍ଭ କରିଥିଲେ । ପରେ ପରିମହନ ମନ୍ତ୍ରୀ ବିଭୁତି ଭୁଷଣ ଜେନା, ପରିବହନ ସଚିବ ଅମିତାଭ ଠାକୁର , ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ଗଞ୍ଜାମ ଆରକ୍ଷୀ ଅଧିକ୍ଷକ ଜଗମୋହନ ମୀନା ବ୍ରହ୍ମପୁର ବଡ ମେଡିକାଲରେ ପହଞ୍ଚି ଆହତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଥିଲେ । ପରେ ଦୂର୍ଘଟଣାସ୍ଥଳରେ ପହଞ୍ଚି ଘଟଣାର ସମୀକ୍ଷା କରି ଫେରିଛନ୍ତି । ଦୂର୍ଘଟଣା ସ୍ଥଳରୁ ଆହତଙ୍କୁ ଉଦ୍ଧାର କରାଯାଇ ୬ଟି ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଅନ୍ୟ କିଛି ଆହତ ନିକଟସ୍ଥ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡିଛି । ଆଗାମୀ ସମୟରେ ମୃତାହତଙ୍କ ସଂଖ୍ୟା ବୃଦ୍ଧି ପାଇବା ଆଶଙ୍କା ରହିଛି । ପ୍ରକାଶ ଥାଉକିଯେ, ଗୁରୁବାର ଭୋର ପ୍ରାୟ ୫ଟାରେ ୫୯ନଂ ଜାତୀୟ ରାଜପଥ ତଥା ଗଞ୍ଜାମ ଜିଲ୍ଲା ହିଞ୍ଜିଳି ଥାନା ସମରଝୋଳ ଛକରେ ଏକ ସିମେଣ୍ଟ ବୋଝେଇ ଟ୍ରକ୍ ଜାତୀୟ ରାଜପଥରେ ଗାଡିକୁ ରଖି ଚାହା ପିଇବାକୁ ଓହ୍ଲାଇଥିଲେ । ଟ୍ରକ୍ ହେଲପର ଜଣଙ୍କ ଟ୍ରକ୍ ପଛପଟେ ରହି କିଛି କାମ କରୁଥିବା ବେଳେ ବ୍ରହ୍ମପୁର ଠାରୁ ଆସିକା ଅଭିମୁଖେ ଯାଉଥିବା ଏକ ଗ୍ୟାସ୍ ବୋଝେଇ ଟ୍ରଲର , ଟ୍ରକକୁ ଅତିକ୍ରମ କରୁଥିବା ବେଳେ ଟ୍ରକ୍ ହେଲପରକୁ ଧକ୍କା ଦେବା ସହ ସମ୍ମୁଖ ଭାଗରୁ ମୁଖିଗୁଡା ଠାରୁ ବ୍ରହ୍ମପୁର ଅଭିମୁଖେ ଆସୁଥିବା ଏକ ଘରୋଇ ଯାତ୍ରୀବାହୀ ବସ୍ ସହିତ ମୁହାଁମୁହିଁ ଧକ୍କା ଘଟିଥିଲା । ଦୂର୍ଘଟଣାରେ ପ୍ରଚଣ୍ଡ ଶବ୍ଦ ହେବା ସହ ଉଭୟ ଗାଡି ଜାତୀୟ ରାଜପଥ ପ୍ୱାଶ୍ୱର୍ରେ ରହିଥିବା ଏକ ଦୋକାନ ଘର ଭିତରକୁ ପଶି ଯାଇଥିଲା । ଦୂର୍ଘଟଣାରେ ଟ୍ରକ୍ ହେଲପର ସମେତ ଚହା ପିଉଥିବା ୩ ଜଣଙ୍କ ଘଟଣା ସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଖବର ପାଇ ଘଟଣା ସ୍ଥଳରେ ଲୋକଙ୍କ ଭିଡ ଜମିଥିଲା । ଆସିକା ଏସଡିପିଓ, ହିଞ୍ଜିଳି ଥାନା ଆଇଆଇସି ଶ୍ରୀନିବାସ ସେଠି, ବେଲଗାଁ ଥାନା ଆଇଆଇସି ସ୍ମିତାଞ୍ଜଳି ପ୍ରଧାନ, ଶେରଗଡ ଆଇଆଇସି ବିରେନ୍ଦ୍ର ସିଅଳ, ଅଗ୍ନିଶମ ଅଧିକାରୀ ବଗରାଇ ମୁର୍ମୁ, ପୁଲିସ , ଅଗ୍ନିଶମ, ଆମ୍ବୁଲାନ୍ସ କର୍ମଚାରୀ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ଚାହା ଦୋକାନ ସମ୍ମୁଖରେ ଥିବା ୩ଟି ବାଇକ୍, ଚାହା ଦୋକାନ ସହ ନିକଟସ୍ଥ ଏକ ଘରର ସମ୍ମୁଖ ଭାଗ ସମ୍ପୁର୍ଣ୍ଣ ନଷ୍ଟ ହୋଇଯାଇଛି । ଅଗ୍ନିଶମ କର୍ମଚାରୀ ମାନେ ଗ୍ୟାସ କଟର ଯୋଗେ ବସର କିଛି ଅଂଶକୁ କାଟି ଓ ବସ୍ ପଛପଟ କାଚକୁ ଭାଙ୍ଗି ବସ୍ ମଧ୍ୟରୁ ଆହତ ଯାତ୍ରୀଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ବଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଦୂର୍ଘଟଣା ଘଟି ଜାତୀୟ ରାଜପଥ ଅବରୋଧ ହେବାରୁ ଦୀର୍ଘ ୪ ଘଣ୍ଟା ଧରି ଯାନବାହନ ଚଳାଚଳ ବନ୍ଦ ରହିଥିଲା । ବ୍ରହ୍ମପୁର - ଆସିକା ରାସ୍ତାର ଉଭୟ ପ୍ୱାଶ୍ୱର୍ରେ ବହୁ ଯାନବାହାନ ଅଟକି ରହିଥିଲା। ପରେ ପୁଲିସ ଅନ୍ୟରାସ୍ତା ଦେଇ ଯାନବାହାନ ଚଳାଚଳ କରାଇଥିଲା । ଦୀର୍ଘ ୭ ଘଣ୍ଟାର କସରତ ପରେ ୪ଟି କ୍ରେନ ଯୋଗେ ଜାତୀୟ ରାଜପଥ ଉପରୁ ଦୂର୍ଘଟଣାଗ୍ରସ୍ତ ଗାଡିକୁ ହଟାଇବା ପରେ ଯାନବାହାନ ଚଳାଚଳ ସ୍ୱଭାବିକ ହୋଇଥିଲା। ଅନ୍ୟପକ୍ଷରେ ଗ୍ୟାସ୍ ବୋଝେଇ ଟ୍ୟାଙ୍କର ଦୂର୍ଘଟଣା ହୋଇଥିବାରୁ ଅନ୍ୟ କୌଣସି ଦୂର୍ଘଟଣାର ଆଶଙ୍କା କରି ସ୍ଥାନୀୟ ଅଞ୍ଚଳରେ ବିଦ୍ୟୁତ ସରବରାହ ବିଚ୍ଛିନ୍ନ କରାଯାଇଛି । ଘଟଣା ନେଇ ହିଞ୍ଜିଳି ଥାନାରେ ଏକ ମାମଲା ରୁଜୁ କରି ପୁଲିସ ଘଟରାର ତଦନ୍ତ ଜାରୀ ରଖିଛି । ଅନ୍ୟପକ୍ଷରେ ସିମଣ୍ଟେ ବୋଝେଇ ଓ ଟ୍ରଲର ଚାଳକଙ୍କ ପତ୍ତା ମିଳିନାହିଁ । ଦୂର୍ଘଟଣା ପରେ ଉଭୟ ଟ୍ରକ୍ ଓ ଟ୍ରଲର ଚାଳକ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିବା ପୁଲିସ ଅନୁମାନ କରୁଛି ।



# ଲୁସାନେ ଡାଇମଣ୍ଡ ଲିଗ୍‌ରେ ନୀରଜ ଦ୍ୱିତୀୟ

## ଅଲିମ୍ପିକ୍ସ ପରେ ଶ୍ରେଷ୍ଠ ପ୍ରଦର୍ଶନ, ଅନ୍ତିମ ଥ୍ରୋରେ ୮୯.୪୯ ମିଟର ଫିଙ୍ଗିଲେ



ଲୁସାନେ, ୨୩।୮: ଲୁସାନେ ଡାଇମଣ୍ଡ ଲିଗ୍ ଜାଭଲିନ ଥ୍ରୋ ପ୍ରତିଯୋଗିତାରେ ୮୯.୪୯ ମିଟର ଫିଙ୍ଗି ସିଜିନର ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି ନୀରଜ ଚୋପ୍ରା। ପ୍ୟାରିସ୍ ଅଲିମ୍ପିକ୍ସ ପରେ ସିଜିନର ବେଷ୍ଟ ଥ୍ରୋ କରିଛନ୍ତି ଭାରତର ଜାଭଲିନ ଷ୍ଟାର୍ ନୀରଜ ଚୋପ୍ରା। ଲୁସାନେ ଡାଇମଣ୍ଡ ଲିଗ୍ ଜାଭଲିନ ଥ୍ରୋ ପ୍ରତିଯୋଗିତାରେ ୮୯.୪୯ ମିଟର ଫିଙ୍ଗି ଦ୍ୱିତୀୟ ସ୍ଥାନ ଅଳଙ୍କୃତ କରିଛନ୍ତି ନୀରଜ। ଏହି ଥ୍ରୋ ସହ ନୀରଜ ଡାଇମଣ୍ଡ ଲିଗର ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି।

ଆସନ୍ତା ମାସରେ ବେଲଜିୟମର ବ୍ରୁସେଲ୍ସରେ ଡାଇମଣ୍ଡ ଲିଗ୍ ଖେଳାଯିବ। ତେବେ ଲୁସାନେ ଡାଇମଣ୍ଡ ଲିଗରେ ନୀରଜଙ୍କ ଥ୍ରୋ ୮୯.୪୯ ମିଟର ଥିବାବେଳେ ଗ୍ରେନେଡାର ଆଣ୍ଡରସନ ପିଟର ୯୦.୬୧ ମିଟର ଫୋପାଡ଼ି ପ୍ରଥମ ହୋଇଛନ୍ତି। ସେହିପରି ଜର୍ମାନୀର ଜୁଲିଆନ୍ ୱେବର ୮୭.୦୮ ମିଟରେ ଫୋପାଡି ତୃତୀୟ ସ୍ଥାନରେ ରହିଛନ୍ତି। ପ୍ରଥମ ଚାରିଟି ପ୍ରୟାସରେ ନୈରାଶ୍ୟଜନକ ପ୍ରଦର୍ଶନ ସହ ନୀରଜ ଚତୁର୍ଥ ସ୍ଥାନରେ ରହିଥିଲେ। ଏହାପରେ ପଞ୍ଚମ ପ୍ରୟାସରେ ସେ ନିଜର ଶକ୍ତି ପ୍ରଦର୍ଶନ କରି ଶ୍ରେଷ୍ଠ ତିନିରେ ପ୍ରବେଶ କରିଥିଲେ। ଶେଷରେ ୮୯.୪୯ ମିଟରର ସର୍ବୋତ୍ତମ ଥ୍ରୋ ସହିତ ସିଜିନର ସର୍ବୋତ୍ତମ ପ୍ରଦର୍ଶନ କରି ଦ୍ୱିତୀୟ ସ୍ଥାନରେ ରହିଥିଲେ। ପ୍ୟାରିସ୍ ଅଲିମ୍ପିକ୍ସରେ ନୀରଜଙ୍କ ଥ୍ରୋ ଥିଲା ୮୯.୪୫ ମିଟର।

# ଓଡ଼ିଶା ଏଫ୍‌ସିର ନୂଆ କିଟ୍ ଉନ୍ମୋଚିତ

## ଏଏଫ୍‌ସି ଚାମ୍ପିଅନ୍ସ ଲିଗ୍‌ରେ ଭାଗନେବ ମହିଳା ଦଳ

ଭୁବନେଶ୍ୱର: ଓଡ଼ିଶା ଏଫ୍‌ସି ୨୦୨୪-୨୫ ଋତୁ ଲାଗି ତାର ନୂଆ ଜର୍ସି ଉନ୍ମୋଚନ କରିଛି। ଏଥିରେ ଓଡ଼ିଶାର ମହନୀୟ କଳା ସଂସ୍କୃତି ତଥା ପରମ୍ପରା ଏବଂ ବିଶ୍ୱ ପ୍ରସିଦ୍ଧ ହସ୍ତତନ୍ତର ଝଲକ ଦେଖିବାକୁ ମିଳୁଛି। ଜର୍ସିର ଡିଜାଇନ୍ ଓ ପ୍ୟାଟର୍ଣ୍ଣର ପ୍ରେରଣା ଓଡ଼ିଶୀ ନୃତ୍ୟରୁ ନିଆଯାଇଛି। କ୍ଲବ୍‌ର ଉଭୟ ପୁରୁଷ ଓ ମହିଳା ଦଳ ଲାଗି ନୂଆ କିଟ୍ ଓ ଜର୍ସି ପ୍ରସ୍ତୁତ କରାଯାଇଛି ସେହିଭଳି ଘରୋଇ ଓ ବାହାର ମ୍ୟାଚ୍‌ରେ ଖେଳାଳିମାନେ ଅଲଗା ଅଲଗା ଜର୍ସି ପିନ୍ଧି ଖେଳୁଥିବାର ଦେଖିବାକୁ ମିଳିବେ।

ଏକ ସ୍ଥାନୀୟ ହୋଟେଲରେ ଆୟୋଜିତ ଏହି କିଟ୍ ଉନ୍ମୋଚନ ଉତ୍ସବ ତଥା ସାମ୍ବାଦିକ ସମ୍ମିଳନୀରେ କ୍ଲବ୍‌ର ସଭାପତି ରାଜ ଅଠୱାଲ୍, ପୁରୁଷ ଦଳର ସ୍ପେନୀୟ ପ୍ରଶିକ୍ଷକ ସର୍ଗିଓ ଲୋବେରୋ ଏବଂ ମହିଳା ଦଳର ମୁଖ୍ୟ ପ୍ରଶିକ୍ଷକ କ୍ରିସପିନ୍ ଛେତ୍ରୀ ଉପସ୍ଥିତ ରହି ଆଗାମୀ ଋତୁରେ ଦଳର ଲକ୍ଷ୍ୟ, ରଣନୀତି ଏବଂ ତୃଣମୂଳ ସ୍ତରରୁ ଫୁଟବଲ୍ ବିକାଶ ଲାଗି ନିଆଯିବାକୁ ଥିବା ପଦକ୍ଷେପ ଉପରୁ ପରଦା ଉଠାଇଥିଲେ। ଓଡ଼ିଶାରେ ଫୁଟବଲ୍‌ର ବିକାଶ ଲାଗି କ୍ଲବ୍ ପ୍ରତିଶ୍ରୁତିବଦ୍ଧ ତେବେ। ଏଥିଲାଗି ରାଜ୍ୟ ସରକାର ଏବଂ ଫୁଟବଲ୍ ଆସୋସିଏସନ୍ ଅଫ୍ ଓଡ଼ିଶା (ଫାଓ)ର ସହଯୋଗ



ନିହାତି ଦରକାର ଆମେ ସମସ୍ତେ ମିଶି ଓଡ଼ିଶାରେ ଫୁଟ୍‌ବଲ୍‌କୁ ସଫଳତାର ନୂଆ ସ୍ତରକୁ ନେବା ସହ ରାଜ୍ୟରେ ଫୁଟ୍‌ବଲ୍‌କୁ ଅଧିକରୁ ଅଧିକ ଲୋକପ୍ରିୟ କରାଇପାରିବୁ ବୋଲି କହିଥିଲେ। ଶ୍ରୀ ଅଠୱାଲ୍ ପୁରୁଷ ଦଳର ମୁଖ୍ୟ ପ୍ରଶିକ୍ଷକ ଲୋବେରୋ, ଆଗାମୀ ଋତୁରେ ଓଡ଼ିଶା ଏଫ୍‌ସି ଗତ ଋତୁର ସଫଳତା ଦୋହରାଇବ ବୋଲି ଦୃଢ଼ ଆଶା ପୋଷଣ କରିଥିଲେ। ଏବେଠୁ ଟ୍ରଫି ଜିତିବା କଥା ଭାବିବା ପରିବର୍ତ୍ତେ ଛୋଟ ଛୋଟ ଲକ୍ଷ୍ୟ ଧାର୍ଯ୍ୟ କରି ଆଗକୁ ବଢ଼ିବା ଉପରେ ଜୋର ଦେଇଥିଲେ। ଦଳରେ କିଛି ପ୍ରତିଭାବାନ୍ ନୂଆ ଖେଳାଳି ସାମିଲ ହୋଇଥିବାରୁ ଓଡ଼ିଶା ଏଫ୍‌ସି ପୂର୍ବାପେକ୍ଷା ଶକ୍ତିଶାଳୀ ହୋଇପାରିଛି ବୋଲି ମତ ଦେଇଥିଲେ। ମହିଳା ଦଳର ପ୍ରଶିକ୍ଷକ ଶ୍ରୀ ଛେତ୍ରୀ ଦଳର ବିକାଶଧାରାକୁ ନେଇ ସନ୍ତୋଷ ଜାହିର କରିଥିଲେ ଓଡ଼ିଶା ଏଫ୍‌ସିର ମହିଳା ଦଳ ସହ ମୁଁ ପ୍ରଥମରୁ ଅଛି ଏହାକୁ ନିଜ ହାତରେ ଗଢ଼ିଛି। ଆମେ କ୍ରମାଗତ ଭାବେ ଉନ୍ନତି କରିଚାଲିଛୁ। ଆଗାମୀ ସମୟରେ ମଧ ଏହି ଧାରା ଜାରି ରହିବ ବୋଲି ସେ କହିଥିଲେ। ସେହିଭଳି ୨୦୨୩-୨୪ରେ ଇଣ୍ଡିଆନ୍ ଓମେନ ଲିଗ୍ (ଆଇଡବ୍ଲ୍ୟୁଏଲ୍) ବିଜେତା ହେବା ପରେ ଏଏଫ୍‌ସି ଚାମ୍ପିଅନ୍ସ ଲିଗ୍ ଲାଗି ମହିଳା ଦଳ ଭଲ ପ୍ରସ୍ତୁତି କରିଛି ବୋଲି ଜଣାଇଥିଲେ ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଫାଓ ଯୁଗ୍ମ ସଂପାଦକ ଅଭିଜିତ ପାଲ, ଓଡ଼ିଶା ଏଫ୍‌ସି ପୁରୁଷ ଦଳର ଗୋଲ୍‌ରକ୍ଷକ ଅମରିନ୍ଦର ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ସାକିବ ଅଲ୍ ହାସନଙ୍କ ନାଁରେ ହତ୍ୟା ମାମଲା

ଢାକା, ୨୩।୮: ପାକିସ୍ତାନ ବିପକ୍ଷ ଟେଷ୍ଟ ସିରିଜ୍ ଖେଳୁଥିବା ବାଂଲାଦେଶର କିମ୍ବଦନ୍ତୀ ଅଲରାଉଣ୍ଡର ସାକିବ ଅଲ୍ ହାସନଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ସାକିବ ଅଲ୍ ହାସନଙ୍କ ନାମରେ ତାଙ୍କ ଦେଶରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ୩୭ ବର୍ଷୀୟ ସାକିବଙ୍କ ବିରୋଧରେ ରୁବେଲ ଇସଲାମ ହତ୍ୟାକାଣ୍ଡରେ ସମ୍ପୃକ୍ତି ଥିବା ଅଭିଯୋଗ ହୋଇଛି। ସେମାନଙ୍କ ବିରୋଧରେ ଅଭିଯୋଗ ହୋଇଛି। ଏହାପରେ ପୁଲିସ ସାକିବଙ୍କ ବିରୋଧରେ ଏତଲା ମଧ ରୁଜୁ କରିଛି।

ଅଗଷ୍ଟ ୫ ତାରିଖରେ ରୁବେଲ ଇସଲାମଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା ଏବଂ ଏବେ



ଏହି ମାମଲାରେ ସାକିବ ଅଲ୍ ହାସନ ଏବଂ ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ଭଳି ବ୍ୟକ୍ତିଙ୍କ ନାଁ ସାମିଲ ଅଛନ୍ତି।

ବାଂଲାଦେଶ ନ୍ୟୁଜ୍ ୨୪ ର ରିପୋର୍ଟ ଅନୁଯାୟୀ, ଆଡବର ଥାନାରେ ଏହି ଅଭିଯୋଗ କରାଯାଇଛି।

ବାଂଲାଦେଶ ନ୍ୟୁଜ୍ ୨୪ ର ରିପୋର୍ଟ ଅନୁଯାୟୀ, ଏହି ହତ୍ୟା ମାମଲାରେ କେବଳ ସାକିବ ଅଲ୍ ହାସନ ଏବଂ ଶେଖ ହସିନାଙ୍କ ନାମ ନାହିଁ, ବାଂଲାଦେଶ କ୍ରିକେଟ୍ ବୋର୍ଡର ପୂର୍ବତନ ସଭାପତି ନଜମୁଲ ହାସନଙ୍କ ନାମ ମଧ ଏହି ତାଲିକାରେ ରହିଛି। ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହସିନା ଦେଶ ଛାଡିବା ପରେ ମହିଳା ବିଶ୍ୱକପ୍ କୁ ମଧ ୟୁଏଇକୁ ସ୍ଥାନାନ୍ତର କରାଯାଇଛି। ଏହି ମାମଲାରେ ନାମିତ ହୋଇଥିବା ନଜମୁଲ ହାସନ ମଧ ବାଂଲାଦେଶ କ୍ରିକେଟ ବୋର୍ଡର ସଭାପତି ପଦରୁ ଇସ୍ତଫା ଦେଇଛନ୍ତି।


## କ'ଣ ଘୋଷଣା କରିବେ ରାହୁଲ ?

ନୂଆଦିଲ୍ଲୀ, ୨୩।୮: ଆଜିକାଲି ସୋସିଆଲ ମିଡିଆରେ ଟିମ ଇଣ୍ଡିଆର ଷ୍ଟାର କ୍ରିକେଟର କେ.ଏଲ ରାହୁଲ ବହୁତ ଟ୍ରେଣ୍ଡ କରୁଛନ୍ତି। ନିକଟରେ ରାହୁଲ ଶ୍ରୀଲଙ୍କା ବିପକ୍ଷ ଦିନିକିଆ। ସିରିଜରେ ଭାଗ ନେଇଥିଲେ, କିନ୍ତୁ ସେ ଅଧିକ ଫର୍ମରେ ନ ଥିଲେ। ସମ୍ପ୍ରତି ସେ ବାଂଲାଦେଶ ବିପକ୍ଷ ଟେଷ୍ଟ ସିରିଜ ପୂର୍ବରୁ ବିରତି ନେଇଛନ୍ତି, କିନ୍ତୁ ଗୁରୁବାର ତାଙ୍କର ଗୋଟିଏ ପୋଷ୍ଟରେ ଚର୍ଚ୍ଚା ହେଉଛି। ବାସ୍ତବରେ ରାହୁଲ ଇନଷ୍ଟାଗ୍ରାମ ଷ୍ଟୋରୀରେ ଲେଖିଥିଲେ ଯେ ମୋର ଏକ ଘୋଷଣା କରିବାର ଅଛି, ଆପଣମାନେ ଅପେକ୍ଷା କରନ୍ତୁ। ଏହି ପୋଷ୍ଟର କିଛି ସମୟ ପରେ ସୋସିଆଲ ମିଡିଆରେ ଅନେକ ସ୍କ୍ରିନଶଟ ଭାଇରାଲ ହେଉଛି ଏହି ସ୍କ୍ରିନଶଟରେ ରାହୁଲଙ୍କ ପ୍ରୋଫାଇଲ ଛବି ସହିତ ଏକ ପୋଷ୍ଟ ଅଛି, ଯେଉଁଥିରେ ରାହୁଲ ତାଙ୍କ ଅବସର ଘୋଷଣା କରୁଥିବା ଦେଖାଯାଇଛି। ହେଲେ ଏହାକୁ କ୍ରିକେଟର ଡିଲିଟ୍ କରିଦେଇଛନ୍ତି। ଏହା ଭାଇରାଲ ହେବା ମାତ୍ରେ ଏହା ସୋସିଆଲ ମିଡିଆରେ ଆଲୋଡ଼ନ ସୃଷ୍ଟି କରିଥିଲା।

# ଅଲିମ୍ପିକ୍ସ ପରେ ଟିଟିକୁ ଅଲ୍‌ବିଦା କଲେ ଅର୍ଚ୍ଚନା

ନୂଆଦିଲ୍ଲୀ, ୨୩।୮: ପ୍ୟାରିସ ଅଲିମ୍ପିକ୍ସରେ ଭାରତର ମହିଳା ଟେବୁଲ ଟେନିସ ଟିମ ଇତିହାସ ରଚିଥିଲା। ଦଳ ପ୍ରଥମଥର ପାଇଁ କ୍ୱାର୍ଟର ଫାଇନାଲରେ ପହଞ୍ଚିଥିଲା। ତେବେ କ୍ୱାର୍ଟର ଫାଇନାଲରେ ଦଳ ଜର୍ମାନୀ ଠାରୁ ହାରି ବିଦାୟ ନେଇଥିଲ। କ୍ୱାର୍ଟର ଫାଇନାଲ ମ୍ୟାଚରେ ଭାରତ ପକ୍ଷରୁ କେବଳ ୨୪ ବର୍ଷୀୟ ଅର୍ଚ୍ଚନା କାମଥ ଗୋଟିଏ ଗେମ ଜିତିବାକୁ ସକ୍ଷମ ହୋଇଥିଲେ। ଭାରତ ଉକ୍ତ ମ୍ୟାଚକୁ ୧-୩ରେ ହାରିଥିଲା। ତଥାପି କ୍ୱାର୍ଟର ଫାଇନାଲରେ ଦଳ ପହଞ୍ଚିବା ଭାରତ ଇତିହାସରେ ପ୍ରଥମ ଘଟଣା ଥିଲ।

୨୦୨୮ ଲସ ଏଞ୍ଜେଲସରେ ମଧ ଭାରତର ପଦକ ଜିତିବା ସମ୍ଭାବନାର କ୍ଷୀଣ ଥିବାରୁ ଅର୍ଚ୍ଚନା ଟେବୁଲ ଟେନିସକୁ ଅଲବିଦା କହିଛନ୍ତି। ସେ ଟିଟିକୁ ବାଏବାଏ କହିବା ସହ ବିଦେଶରେ ପାଠପିବାକୁ ନିଷ୍ପତ୍ତି



ନେଇଛନ୍ତି।

ପ୍ୟାରିସଲ ଅଲିମ୍ପିକ୍ସରୁ ଫେରିବା ପରେ ଅର୍ଚ୍ଚନା ତାଙ୍କ କୋଚ୍ ଅଂଶୁଲ ଗର୍ଗଙ୍କ ସହ ମେଡାଲ ଜିତିବା ସମ୍ଭାବନା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଯଦି ପଦକ ଜିତିବା ସମ୍ଭାବନା ନାହିଁ, ତା'ହେଲେ ସେ ବିଦେଶରେ ପାଠ ପିବାକୁ ଯିବାକୁ ଚାହୁଁଥିବା କୋଚଙ୍କୁ କହିଥିଲେ। କୋଚ୍ ତାଙ୍କର ଏପରି କଥା ଶୁଣି ଉପଯୁକ୍ତ ତଥା ଯଥାର୍ଥ ଜବାବ ଦେଇଥିଲେ।

ଗର୍ଗ କହିଛନ୍ତି, ମୁଁ ତାଙ୍କୁ କହିଥିଲି ଯେ ପଦକ ଜିତିବା ସମ୍ଭାବନା ବହୁତ କମ। ଏଥିପାଇଁ ଅତ୍ୟନ୍ତ କଠିନ ପରିଶ୍ରମର ଆବଶ୍ୟକ ରହିଛି। ସେ ଶ୍ରେଷ୍ଠ ୧୦୦ ଜଣଙ୍କ ମଧ୍ୟରେ ବି ନାହାନ୍ତି। କିନ୍ତୁ କିଛି ମାସ ହେଲେ ତାଙ୍କ ଖେଳରେ ଉନ୍ନତି ଆସିଛି। ହେଲେ ସେ ବିଦେଶ ଯିବାକୁ ମାନସିକ ସ୍ତରରେ ପ୍ରସ୍ତୁତ ହୋଇ ସାରିଥିଲେ। ଥରେ ସେ ନିଷ୍ପତ୍ତି ନେଇ ସାରିଥିବାରୁ, ଏହାକୁ ବଦଳାଇବା ବେଶ କଷ୍ଟକର।

ପ୍ୟାରିସ ଅଲିମ୍ପିକ୍ସ ପୂର୍ବରୁ ଅର୍ଚ୍ଚନାଙ୍କ ଚୟନକୁ ନେଇ ବିବାଦ ଦେଖାଯାଇଥିଲା। ବିଶ୍ୱର ୧ ନଂ ଖେଳାଳି ସନ ୟିଙ୍ଗଶାଙ୍କୁ ହରାଇଥିବା ଭାରତର ଆହିକା ମୁଖାର୍ଜୀଙ୍କ ବଦଳରେ ଅର୍ଚ୍ଚନାଙ୍କୁ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଚୟନ କରାଯାଇଥିଲା। ଏଥିପାଇଁ ବେଶ ବିବାଦ ସୃଷ୍ଟି ହୋଇଥିଲା। ବିବାଦ ଲାଗି ରହିଥିଲେ ହେଁ ଅର୍ଚ୍ଚନା ନିଜ ଖେଳ ଉପରେ ଫୋକସ କରି ଦମଦାର ପ୍ରଦର୍ଶନ କରିଥିଲେ। ହେଲେ ଏବେ ସେ ଟେବୁଲ ଟେନିସକୁ ଛାଡ଼ି ପାଠପିବା ପାଇଁ ନିଷ୍ପତ୍ତି ନେଇଛନ୍ତି।

# ଭାରତୀୟ ବ୍ୟାଟରଙ୍କୁ ଚେତାଇଲେ ସହକାରୀ ପ୍ରଶିକ୍ଷକ

ନୂଆଦିଲ୍ଲୀ, ୨୨।୮: ଟିମ୍ ଇଣ୍ଡିଆରେ ଏକରୁ ଆରକେ ବ୍ୟାଟର ପାଖରେ ଅଛନ୍ତି ଧୂଆଁଧାର ବ୍ୟାଟ୍ସମ୍ୟାନ୍ ଦଳରେ ରୋହିତ ଶର୍ମା, ବିରାଟ କୋହଲି, ଶୁଭମନ ଗିଲଙ୍କ ଭଳି ବ୍ୟାଟ୍ସମ୍ୟାନ୍ ଅଛନ୍ତି ଯେଉଁମାନେ ଟେକ୍ନିକାଲି ବହୁତ ଶକ୍ତିଶାଳୀ। ତେବେ ଟିମ୍ ଇଣ୍ଡିଆର ନୂତନ ସହକାରୀ ପ୍ରଶିକ୍ଷକ ଟେନ ଡେସ୍କାଟ ବ୍ୟାଟରଙ୍କୁ ନେଇ ଖୁଲାସା କରିଛନ୍ତି।

କୋଚ୍ କହିଛନ୍ତି ଖେଳାଳିମାନେ ସ୍ପିନକୁ ଭଲଭାବେ ମୁକାବିଲା କରିପାରୁନହାଁନ୍ତି। ସ୍ପିନ୍ ବିରୋଧରେ ମୈଦାନରେ ସଂଘର୍ଷ କରୁଛନ୍ତି। ଟେନ ସ୍ୱୀକାର କରିଛନ୍ତି ଯେ ଟିମ୍ ଇଣ୍ଡିଆ ଖେଳାଳିମାନେ ସ୍ପିନରଙ୍କ ବିପକ୍ଷରେ ପୂର୍ବ ଅପେକ୍ଷା ଅଧିକ ସଂଘର୍ଷ କରନ୍ତି। ଟେନ୍ କହିଛନ୍ତି ଯେ ସ୍ପିନରଙ୍କ ବିପକ୍ଷରେ ଭାରତୀୟ ବ୍ୟାଟର ଏକଦା ଶକ୍ତିଶାଳୀ ଥିଲେ। କିନ୍ତୁ ବର୍ତ୍ତମାନ ସେମାନଙ୍କର ପ୍ରଦର୍ଶନ କମିଛି। ଟେନ୍ କହିଛନ୍ତି ଯେ ଟିମ୍ ଇଣ୍ଡିଆର ଖେଳାଳିମାନଙ୍କୁ କୌଣସି ବୈଷୟିକ ଜ୍ଞାନର ଆବଶ୍ୟକତା ନାହିଁ। ସେ କେବଳ ଖେଳାଳୀମାନଙ୍କୁ ସମାନ ମାନସିକତା ସହିତ ଖେଳିବାକୁ ପରାମର୍ଶ ଦେବେ।

ଟେନ୍ ଟିମ୍ ଇଣ୍ଡିଆ ଖେଳାଳିମାନେ ସ୍ପିନରଙ୍କ ବିପକ୍ଷରେ ଚିନ୍ତିତ ଥିବା ଜଣାପଡିଛି। ଖାସ୍ କରି ବିରାଟ କୋହଲି ମଧ ସ୍ପିନ୍ ବିରୋଧରେ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ବର୍ତ୍ତମାନ



ଟିମ୍ ଇଣ୍ଡିଆକୁ ପରବର୍ତ୍ତୀ ଟେଷ୍ଟ ସିରିଜରେ ବାଂଲାଦେଶର ସାମ୍ନା କରିବାକୁ ପଡିବ। ଯାହାର ସ୍ପିନରମାନେ ଭାରତୀୟ ମାଟିରେ ସ୍ପିନ୍ ଫ୍ରେଣ୍ଡଲି ପିଚ୍ ର ଲାଭ ଉଠାଇ ପାରିବେ।

## ୧୯ ବର୍ଷରୁ କମ ଜିଲ୍ଲା ମହିଳା ଫୁଟବାଲ ଦଳର ବରଗଡ଼ ଗସ୍ତ

ନବରଙ୍ଗପୁର : ନବରଙ୍ଗପୁର ଜିଲ୍ଲା କ୍ରୀଡା ସଂଘ ଆନୁକୂଲ୍ୟରେ ୧୯ ବର୍ଷରୁ କମ ଜିଲ୍ଲା ଫୁଟବାଲ ଦଳର ବରଗଡ଼ ଗସ୍ତ ପାଇଁ ଜିଲ୍ଲା କ୍ରୀଡା ସଂଘର ସମାଦକ ପ୍ରହଲ୍ଲାଦ ତ୍ରିପାଠୀ ଏକ ୧୮ ଜଣିଆ। ଦଳ ଚୟନ ହୋଇଛି। ଏଥିରେ ଆରତୀ ହରିଜନ ଙ୍କୁ ଅଧିନାୟକ ଭାବରେ ଚୟନ କରାଯାଇଥିବା ବେଳେ କମକଳା ଜାନୀ, ସୁଭାକା ସୌରା, ତପସ୍ୱିନୀ ଦିସାରୀ, ଗୁଣ୍ଡି ଦରା, ଯଜ୍ଞସିନି ହରିଜନ, ମନତି ଗଣ୍ଡ, ଦେବକୀ ଗଣ୍ଡ, ରଜନ୍ତି ଗଣ୍ଡ, ଜୟାମତି ଗଣ୍ଡ, ବିମଳା ଗଣ୍ଡ, ଭାରତୀ ଗଣ୍ଡ, କମାଲେଶ୍ୱରି ଗଣ୍ଡ, ସନ୍ୟା ଗଣ୍ଡ, ରଞ୍ଜିତା ଗଣ୍ଡ, ଉର୍ମିଳା ଗଣ୍ଡ, ଅଞ୍ଜୁଲତା ଖରା ପ୍ରମୁଖ ଚୟନ ହୋଇଛନ୍ତି।

ଦଳ ସହ କୋଚ ଭାବରେ ଦୂର୍ଯ୍ୟ ହରିଜନ ଏବଂ ମ୍ୟାନେଜର ମିନତୀ ଗଣ୍ଡ ଗସ୍ତ କରିବେ ବୋଲି କ୍ରୀଡା ସଂଘର ଉପ ସଭାପତି ଏମ. ବାଲା କ୍ରୀଷ୍ଣା ରାଓ କହିଛନ୍ତି। ବରଗଡ଼ ଠାରେ ଦଳ ଆସନ୍ତା ପଚିଶି ତାରିଖରେ ମୟୂରଭଞ୍ଜ ସହ ନିଜର ପ୍ରଥମ ମ୍ୟାଚ ଖେଳିବେ ବୋଲି ସଂଘର ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି।ସଂଘର ବରିଷ୍ଠ ସଭ୍ୟ ଶଶାଙ୍କ ଶେଖର ବେହେରା, କ୍ରିକେଟ ସମ୍ପାଦକ ଅଶୋକ ନାୟକ, ଇଥେଲେଟିକ ସମ୍ପାଦକ ଜ୍ୟୋତି ପରିଛା ପ୍ରମୁଖ ସହଯୋଗ କରିଥିଲେ।

# ଅଷ୍ଟ୍ରେଲିଆ ୧୯ ବର୍ଷରୁ କମ୍ ମହିଳା ଦଳରେ ୩ ଭାରତୀୟ


ନୂଆଦିଲ୍ଲୀ: ଅଷ୍ଟ୍ରେଲିଆ ମହିଳା ଅଣ୍ଡର -୧୯ ଦଳ ଖୁବ ଶୀଘ୍ର ଶ୍ରୀଲଙ୍କା ଏବଂ ନ୍ୟୁଜିଲାଣ୍ଡ ସହିତ ଏକ ସିରିଜ୍ ଖେଳିବାକୁ ଯାଉଛି। ଟି -୨୦, ଟ୍ରାଇ ସିରିଜ୍ ସେପ୍ଟେମ୍ବର ୧୯ରୁ ସେପ୍ଟେମ୍ବର ୨୬ ପର୍ଯ୍ୟନ୍ତ ଖେଳାଯିବ। ଏହା ବ୍ୟତୀତ ଟ୍ରାଇ ସିରିଜ୍ ମଧ ଦିନିକିଆ। ଫର୍ମାଟରେ ଖେଳାଯିବ। ଏହି ସମୟରେ, ଭାରତୀୟ ମୂଳର ତିନି ଖେଳାଳିଙ୍କୁ ନେଇ ଚର୍ଚ୍ଚା ଜୋର ଧରିଛି। ଯେଉଁମାନେ ଏହି ସିରିଜ୍ ପାଇଁ ଅଷ୍ଟ୍ରେଲିୟ ଦଳରେ ସ୍ଥାନ ପାଇଛନ୍ତି। ଏହି ଖେଳାଳିଙ୍କ ନାମ ହେଉଛି ହସରତ ଗିଲ, ସମାରା ଦୁଲଭିନ ଏବଂ ରିବିୟା ସାୟାନ। ସମାରା ଦୁଲଭିନଙ୍କ ବିଷୟରେ କହିବାକୁ ଗଲେ ସେ ଜଣେ ଡାହାଣହାତୀ ବ୍ୟାଟ୍ସମ୍ୟାନ୍, ଯିଏ ପୂର୍ବରୁ ଇଂଲଣ୍ଡ ବିପକ୍ଷରେ ଅଷ୍ଟ୍ରେଲୀୟ ଅଣ୍ଡର -୧୯ ଦଳକୁ ପ୍ରତିନିଧି କରିଥିଲେ। ଅନ୍ୟପକ୍ଷରେ, ରିବିୟା ସାୟାନ୍ ଜଣେ ବୋଲର ଏବଂ ଭଲ ବ୍ୟାଟିଂ ପାଇଁ ଅଲରାଉଣ୍ଡର ଭାବେ ମାନ୍ୟତା ପାଇଛନ୍ତି। ଶ୍ରୀଲଙ୍କା ଏବଂ ଇଂଲଣ୍ଡ ବିପକ୍ଷ ମ୍ୟାଚରେ କଙ୍ଗାରୁ ଦଳ ପାଇଁ ଖେଳିଥିବା ହସରତ ଗିଲ ମଧ ଦ୍ରୁତ ଗତିରେ ବୋଲିଂ କରିଛନ୍ତି। ହସରତ ଅମୃତସର ସହରରୁ ଆସିଛନ୍ତି, କିନ୍ତୁ ପରେ ତାଙ୍କ ପରିବାର ଅଷ୍ଟ୍ରେଲିଆକୁ ଚାଲିଗଲେ। ସେ ଶ୍ରୀଲଙ୍କା ଏବଂ ଇଂଲଣ୍ଡ ବିପକ୍ଷ ଟ୍ରାଇ ସିରିଜରେ ସର୍ବାଧିକ ୱିକେଟ୍ ନେଇଥିଲେ। ଏହା ବ୍ୟତୀତ ସେ ବ୍ୟାଟିଂ ବେଳେ ୪୮ ରନ୍ ମଧ କରିଥିଲେ। ଗିଲ୍ ମହିଳା ବିଗ୍ ବେସ୍ ଲିଗ ମେଲବୋର୍ଣ୍ଣ ଷ୍ଟାର୍ସ ପାଇଁ ଖେଳିଛନ୍ତି।

ଚୟନକର୍ତ୍ତାମାନେ ଟି -୨୦ ଏବଂ ଦିନିକିଆ। ଟ୍ରାଇ ସିରିଜ୍ ପାଇଁ ୧୫ ଜଣିଆ। ଦଳ ଚୟନ କରିଛନ୍ତି। ଗୋଟିଏ ପଟେ ପ୍ରତ୍ୟେକ ଦଳ ଟି -୨୦ ଟ୍ରାଇ ସିରିଜରେ ୪ଟି ମ୍ୟାଚ୍ ଖେଳିବାକୁଥିବାବେଳେ ପ୍ରତ୍ୟେକ ଦଳ ୨ଟି ଲେଖାଏଁ ଦିନିକିଆ। ମ୍ୟାଚ୍ ଖେଳୁଥିବା ଦେଖିବାକୁ ମିଳିବ। ଏହି ଦଳ ପାଇଁ ଅଷ୍ଟ୍ରେଲୀୟ ପୂର୍ବତନ ଖେଳାଳି କ୍ରିଷ୍ଟେନ ବିମ୍ସ ମୁଖ୍ୟ ପ୍ରଶିକ୍ଷକ ଭାବରେ ନିଯୁକ୍ତ ହୋଇଛନ୍ତି।ଏହି ଦଳରେ ତିନିଜଣ ଭାରତୀୟ ମୂଳ ଖେଳାଳିଙ୍କୁ ଅନ୍ତର୍ଭୁକ୍ତ କରି କ୍ରିକେଟ୍ ଅଷ୍ଟ୍ରେଲିଆ। କହିଛି ଯେ ଏହି ତିନିଜଣଙ୍କ ଦଳରେ ଅନ୍ତର୍ଭୁକ୍ତ ହେବା ଅଷ୍ଟ୍ରେଲିଆ। କ୍ରିକେଟ୍ ରେ ବଢୁଥିବା ବିବିଧତା ଏବଂ ଭାରତୀୟ ଖେଳାଳିଙ୍କ ଗୁରୁତ୍ୱକୁ ମଧ ଦର୍ଶାଉଛି।

# ଦୁଲ୍ଲୀପ ଟ୍ରଫି : ନଜରରେ ସୂର୍ଯ୍ୟକୁମାର, ରାହୁଲ ଓ ପନ୍ତ

ନୂଆଦିଲ୍ଲୀ, ୨୧।୦୮: ସେପ୍ଟେମ୍ବର ୫ ତାରିଖରୁ ଖେଳାଯିବ ଘରୋଇ ଦିଲ୍ଲୀପ୍ ଟ୍ରଫି ଏଥିରେ ଦମ୍ ଦେଖାଇବେ ୪ଟି ଦଳ। ଯେଉଁଥିପାଇଁ ଭାରତ କ୍ରିକେଟ୍ ବୋର୍ଡ ଅଫ୍ ଇଣ୍ଡିଆ (ବିସିସିଆଇ) ସମସ୍ତ ସ୍କ୍ୱାର୍ଡ ଘୋଷଣା କରିସାରିଛି। ଏହି ଟୁର୍ଣ୍ଣାମେଣ୍ଟରେ ବିରାଟ କୋହଲି, ରୋହିତ ଶର୍ମା, ଜସପ୍ରୀତ ବୁମରା ଏବଂ ରବିଚନ୍ଦ୍ରନ ଅଶ୍ୱିନଙ୍କୁ ରିଲିଜ କରାଯାଇଛି। ଅର୍ଥାତ ସେ ଟୁର୍ଣ୍ଣାମେଣ୍ଟରେ ଖେଳିବେ ନାହିଁ। ତେବେ ଟୁର୍ଣ୍ଣାମେଣ୍ଟରେ ସଞ୍ଜୁ ସାମସନ, ରିଙ୍କୁ ସିଂହ ଏବଂ ପୃଥ୍ୱୀ ଶ' ବାଦ ପଡିଛନ୍ତି।

ଆହତ କାରଣରୁ ଷ୍ଟାର ଫାଷ୍ଟ ବୋଲର ମହମ୍ମଦ ଶାମି ମଧ ଟୁର୍ଣ୍ଣାମେଣ୍ଟରେ ନାହାଁନ୍ତି। ସେପ୍ଟେମ୍ବରରେ ଭାରତୀୟ ଦଳକୁ ବାଂଲାଦେଶ ବିପକ୍ଷରେ ୨ ଟି ଟେଷ୍ଟ



ଏବଂ ୩ଟି-୨୦ ମ୍ୟାଚ୍ ଖେଳିବେ। ଏହି କାରଣରୁ, ଦିଲ୍ଲୀପ ଟ୍ରଫିରେ ଏପରି ୭ ଖେଳାଳିଙ୍କ ଉପରେ ବିଶେଷ ଫୋକସ କରାଯାଉଛି। ଯେଉଁମାନେ ଭାରତୀୟ ଟେଷ୍ଟ ଦଳରେ ସ୍ଥାନ ପାଇବାକୁ ସଂଘର୍ଷ କରୁଛନ୍ତି କିମ୍ବା ପ୍ରତ୍ୟାବର୍ତ୍ତନ କରିବାକୁ ଚାହୁଁଛନ୍ତି। ତେବେ ଏହି ଟୁର୍ଣ୍ଣାମେଣ୍ଟରେ ସେମାନେ ସେମାନଙ୍କର ଫର୍ମ ପ୍ରୁଭ କରିବାରୁ ପଡିବ।

ଏହି ୭ ଜଣ ଖେଳାଳି ହେଉଛନ୍ତି ଶୁଭମାନ ଗିଲ, ସୂର୍ଯ୍ୟକୁମାର ଯାଦବ, ଶ୍ରେୟସ ଆୟର, ଋଷଭ ପନ୍ତ, ରବିନ୍ଦ୍ର ଜାଡେଜା, କେ.ଏଲ୍ ରାହୁଲ ଏବଂ ଇଶାନ କିଶନ। ସମସ୍ତେ ବ୍ୟାଟ୍ସମ୍ୟାନ୍ ହୋଇଥିବାବେଳେ ରାହୁଲ, ପନ୍ତ ଏବଂ ଇଶାନ ୱିକେଟ୍ କିପର ଅଟନ୍ତି। କାର ଦୁର୍ଘଟଣା ପରେ ଟେଷ୍ଟ କ୍ରିକେଟକୁ ଫେରିବା ପାଇଁ ତାଙ୍କ ଫିଟନେସ ପ୍ରମାଣ କରିବାକୁ ପନ୍ତଙ୍କ ଉପରେ ଚାପ ରହିବ। ଯଦିଓ ସେ ଟି-୨୦ ଏବଂ ଦିନିକିଆ ମ୍ୟାଚ୍ ଖେଳିଛନ୍ତି।

ଅନ୍ୟପକ୍ଷରେ, ଭାରତୀୟ ଦଳରେ ପ୍ରତ୍ୟାବର୍ତ୍ତନ କରିବା ପାଇଁ ଶ୍ରେୟସ୍ ଆୟର ଏବଂ ଇଶାନ୍ କିଶାନଙ୍କ ଉପରେ ଜୋରଦାର ପ୍ରଦର୍ଶନ କରିବାକୁ ଚାପ ପଡ଼ିବ। ଟି-୨୦ରେ ଚମତ୍କାର ପ୍ରଦର୍ଶନ କରିଥିବା ସୂର୍ଯ୍ୟକୁମାର ଯାଦବ ଦିନିକିଆରେ ବିଫଳତା ପ୍ରମାଣିତ କରିଛନ୍ତି। ବର୍ତ୍ତମାନ ସେ ଟେଷ୍ଟ ଦଳରେ ସ୍ଥାନ ପାଇବା ଚ୍ୟାଲେଞ୍ଜର ସମ୍ମୁଖୀନ ହେବେ। ଏଥିପାଇଁ ତାଙ୍କୁ ଜୋରଦାର ପ୍ରଦର୍ଶନ କରିବାକୁ ପଡ଼ିବ। ସୂର୍ଯ୍ୟ ମଧ ଟି-୨୦ ଦଳର ଅଧିନାୟକ ଅଟନ୍ତି।

ଅନ୍ୟପକ୍ଷରେ ଭାରତୀୟ ଦଳରେ ଓପନର୍ ଶୁଭମାନ ଗିଲଙ୍କ ସ୍ଥାନ ପ୍ରାୟ ନିଶ୍ଚିତ ହୋଇଛି। ତାଙ୍କୁ କେବଳ ଅନ୍ୟ ଖେଳାଳିଙ୍କ ଅପେକ୍ଷା ଭଲ ପ୍ରଦର୍ଶନ କରିବାକୁ ପଡିବ।ଷ୍ଟାର ସ୍ପିନ୍ ଅଲରାଉଣ୍ଡର ରବିନ୍ଦ୍ର ଜାଡେଜା ଟି-୨୦ ବିଶ୍ବକପ ୨୦୨୪ ପରେ ଟି-୨୦ ଫର୍ମାଟରୁ ଅବସର ନେଇଛନ୍ତି। କିନ୍ତୁ ବର୍ତ୍ତମାନ ସେ ଟେଷ୍ଟ ଦଳରେ ସ୍ଥାନ ପାଇବା ଚ୍ୟାଲେଞ୍ଜର ସମ୍ମୁଖୀନ ହେବେ। ତେବେ ଗିଲଙ୍କ ପରି ଜାଡେଜାଙ୍କ ସ୍ଥାନ ମଧ ପ୍ରାୟ ନିଶ୍ଚିତ ବୋଲି ବିବେଚନା କରାଯାଇପାରେ।

## ବଢ଼ିଲା ନୀରଜ, ମନୁ ଏବଂ ଭିନେଶଙ୍କ ରୋଜଗାର

ନୂଆଦିଲ୍ଲୀ ୨୨।୦୮: ଶେଷ ହୋଇଛି ପ୍ୟାରିସ୍ ଅଲମ୍ପିକ୍ସ ୨୦୨୪ ଭାରତକୁ ମିଳିଛି ୭ଟି ପଦକ। କିନ୍ତୁ ଖାସ୍ ନଜରରେ ରହିଥିଲେ ମନୁ ଭାକର, ନୀରଜ ଚୋପ୍ରା ଏବଂ ଭିନେଶ ଫୋଗାଟ୍। ନୀରଜ ରୌପ୍ୟ ଏବଂ ମନୁ ବ୍ରୋଞ୍ଜ ପଦକ ଜିତିଥିଲେ। କିନ୍ତୁ ଭିନେଶ ଫାଇନାଲ୍ ମ୍ୟାଚ୍ ପୂର୍ବରୁ ହୋଇଥିଲେ ଡିସକ୍ୱାଲିଫାଏ।

ମନୁ ଭାକର ମହିଳା ୧୦ ମିଟର ଏୟାର ପିସ୍ତଲରେ ପଦକ ଜିତିଥିଲେ। ମିଶ୍ରିତ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ଦ୍ୱିତୀୟ ପଦକ ଜିତିଥିଲେ। ୨୫ ମିଟର ପିସ୍ତଲ ରାଉଣ୍ଡରେ ଚତୁର୍ଥ ସ୍ଥାନ ଅର୍ଜନ କରିଥିଲେ। ଏହାପରେ ଆଥଲେଟଙ୍କର ବଢିଯାଇଛି ବ୍ରାଣ୍ଡ ଭାଲ୍ୟୁ।ଖବର ଅନୁଯାୟୀ ମନୁ ଭାକରଙ୍କ ବ୍ରାଣ୍ଡ ଏଣ୍ଡୋର୍ସମେଣ୍ଟ ଫି ଯଥେଷ୍ଟ ବୃଦ୍ଧି ପାଇଛି। ପୂର୍ବରୁ ମନୁ ଏକ ବ୍ରାଣ୍ଡ ପାଇଁ ପ୍ରାୟ ୨୫



ଲକ୍ଷ ଟଙ୍କା ଚାର୍ଜ କରୁଥିଲେ। କିନ୍ତୁ ବର୍ତ୍ତମାନ ସେ ପାଖାପାଖି ୧.୫ କୋଟି ଟଙ୍କା ଦାବି କରୁଛନ୍ତି। ପଦକ ଜିତିବା ପରେ ନୀରଜ ଚୋପ୍ରାଙ୍କ ଭାଲ୍ୟୁ ବହୁତ ବଢିଯାଇଛି। ତାଙ୍କର ଆୟ ମଧ ବୃଦ୍ଧି ହେବାକୁ ଯାଉଛି। ଏହାପୂର୍ବରୁ ନୀରଜ ଗୋଟିଏ ବ୍ରାଣ୍ଡରୁ ପ୍ରାୟ ୩ କୋଟି ଟଙ୍କା ଚାର୍ଜ କରୁଥିଲେ। କିନ୍ତୁ ବର୍ତ୍ତମାନ ସେ ୪ ରୁ ୪.୫ କୋଟି ଟଙ୍କା ଚାର୍ଜ କରୁଛନ୍ତି। ନୀରଜ ପୂର୍ବରୁ କିଛି ବ୍ରାଣ୍ଡ ସହିତ ଯୋଡି ହୋଇଛନ୍ତି। କିନ୍ତୁ ପ୍ୟାରିସ ଅଲିମ୍ପିକ୍ସ ୨୦୨୪ରେ ସିଲଭର ମେଡାଲ୍ ଜିତିବା ଲାଭଦାୟକ ହୋଇଛି। ଏହି ଲିଷ୍ଟରେ ଭାରତୀୟ ରେସଲର ଭିନେଶ ଫୋଗାଟ ମଧ ଅଛନ୍ତି। ସେ ଗୋଟିଏ ପଦକ ଜିତି ନାହାଁନ୍ତି। ତଥାପି ତାଙ୍କର ବ୍ରାଣ୍ଡ ଭାଲ୍ୟୁ ବୃଦ୍ଧି ପାଇଛି। ଭିନେଶ ପୂର୍ବରୁ ୨୫ ଲକ୍ଷ ଟଙ୍କା ଚାର୍ଜ କରୁଥିଲେ। କିନ୍ତୁ ବର୍ତ୍ତମାନ ସେ ୭୫ ଲକ୍ଷରୁ ୧ କୋଟି ଟଙ୍କା ଚାର୍ଜ କରୁଛନ୍ତି।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ